AL-WASIYYAT

# ଇଚ୍ଛାପତ୍ର



ହଜରତ ମିର୍ଜା ଗୁଲାମ ଅହମଦ୍ କାଦିୟାନୀ[ଅସ]
ପ୍ରତିଶ୍ରୁତ ମସିହ ଓ ମେହଦୀ

# AL WASIYYAT
# in
# ODIA

## ABOUT THIS BOOK

This Book is originally written in Urdu by Hadhrat Mirza Ghulam Ahmad (May peace be upon him) Promised Messiah and Mahdi, the Holy Founder of Ahmadiyya Movement in Islam. This book contains the Testamentary Directions of the Promised Messiah. His Holiness exhorts the members of the community to lead a pious life by submitting to the will of Allah, the Almighty. His Holiness explains the purpose behind the establishment of "Bahishti Maqbara' (Heavenly Graveyard) at Qadian, Punjab, India. His Holiness has laid down the conditions to become eligible to get buried in 'Bahishti Maqbara'.

# ଇଚ୍ଛାପତ୍ର

ହଜରତ ମିର୍ଜା ଗୁଲାମ ଅହମଦ[ଅସ] କାଦିୟାନୀ
ପ୍ରତିଶ୍ରୁତ ମସିହ ଓ ମେହଦୀ

# ଇଚ୍ଛାପତ୍ର


| | | |
|---|---|---|
| ମୂଳ ଉର୍ଦ୍ଦୁ | : | **'ଅଲ ଓ୍ୱସିୟତ'** |
| ଲେଖକ | : | **ହଜରତ ମିର୍ଜା ଗୁଲାମ ଅହମଦ** ଅସ **କାଦିୟାନୀ**<br>ପ୍ରତିଶ୍ରୁତ ମସିହ ଓ ମେହଦୀ |
| ଓଡିଆ ରୂପାନ୍ତର | : | **ଅବଦୁଲ କାଦର ଖାନ୍,** ଏମ.ଏ.(ଓଡିଆ) |
| ପୁସ୍ତକ ସମୀକ୍ଷା | : | ଇଂ. ରୌଶନ୍ ଖାନ୍, ଅଧକ୍ଷ, ରିଭ୍ୟୁ କମିଟି, ଓଡିଶା |
| ପ୍ରକାଶକ | : | ନଜାରତ ନଶରୋ ଇଶାଅତ୍, ସଦର ଅଞ୍ଜୁମନ ଅହମଦିୟା,<br>କାଦିୟାନ, ଜିଲ୍ଲା: ଗୁରୁଦାସ୍ପୁର, ପଞ୍ଜାବ (ଭାରତ) |
| ପ୍ରକାଶନ ବର୍ଷ | : | ପ୍ରଥମ ଓଡିଆ ସଂସ୍କରଣ ୨୦୦୯ (1000 Copies)<br>ଦ୍ୱିତୀୟ ଓଡିଆ ସଂସ୍କରଣ ୨୦୧୯ (1000 Copies) |
| ମୁଦ୍ରକ | : | ଫଜଲେ ଉମର୍ ପ୍ରିଣ୍ଟିଙ୍ଗ୍ ପ୍ରେସ୍, କାଦିୟାନ (ଭାରତ) 143516 |


# ICHHAPATRA
## (The Will)


| | | |
|---|---|---|
| *Author of the Book* | : | **Hadhrat Mirza Ghulam Ahmad**[as]<br>Promised Messiah & Mahdi,<br>Founder of Ahmadiyya Muslim Jama'at |
| *Translated to Odia* | : | **Abdul Qadar Khan**, M.A. (Odia), Bhubaneswar |
| *Published by* | : | NAZARAT NASHR-O-ISHA'AT, *Qadian*<br>*Dist.Gurdaspur, Punjab (India) - 143516* |
| *Year of Publication* | : | 2009 First Edition in Odia (1000 copies)<br>2019 Second Edition in Odia (1000 copies) |
| *Printed at* | : | Fazle Umar Printing Press, Qadian (India) |



*No part of this translation and commenrtary may be reproduced in any form without prior permission from the Publisher, except for the quotation of brief passages in criticism.*

وحی اللہ

دُنیا میں ایک نذیر آیا پر دُنیا نے اُس کو
قبول نہ کیا۔ لیکن خدا اُسے قبول کریگا۔ اور
بڑے زور آور حملوں سے اُسکی سچائی ظاہر کر دیگا۔

کُتب علیکم اذا حضر احدکم الموت ان ترک خیر

# الوصیّۃ

کلام پاک حضرت حجۃ اللہ مسیح موعود و مہدی معہود
حضرت مرزا غلام احمد صاحب قادیانی جسمیں آپکی
آخری وصیّت درج ہے۔ جو آپ نے حسب منشائے
کلام الٰہی خداوند تعالیٰ سے اپنی وفات کی خبر
پاکر اڑھائی سال وفات سے پہلے ۲۰ دسمبر ۱۹۰۵ء
کو لکھکر شائع کی اور جسکو اب بار چہارم دفتر بہشتی
مقبرہ قادیان نے شائع کیا۔

تعداد جلد ۴۰۰۰

# ଉପକ୍ରମଣିକା

୧୯୦୫ ମସିହାରେ ହଜରତ ମସିହ ମଉଦ[ଅସ]ଙ୍କ ଦ୍ୱାରା ଲିଖିତ 'ଅଲ୍ ଓ୍ୱସିୟତ' ପୁସ୍ତିକାଟି ଅହମଦିୟା ସମ୍ପ୍ରଦାୟର ସଭ୍ୟ / ସଭ୍ୟାମାନଙ୍କ ପାଇଁ ଉଦ୍ଦିଷ୍ଟ । ଏଥିରେ ପ୍ରତିଶ୍ରୁତ ମସିହ ଓ ମେହଦୀ ରୂପେ ଦାବୀ ଘୋଷଣା କରିଥିବା ହଜରତ ମିର୍ଜା ଗୁଲାମ ଅହମଦ[ଅସ] (୧୮୩୫-୧୯୦୮) ତାଙ୍କର ଦେହାବସାନର ସଂକେତ ଦେବା ସହିତ ଖିଲାଫତ ମାଧ୍ୟମରେ ଅଲ୍ଲାଃଙ୍କର ଆଉ ଏକ ଶକ୍ତି ସହ ପୃଥିବୀବାସୀ ପରିଚିତ ହେବାର ସୂଚନା ଦେଇଛନ୍ତି । ଯାହାକି ସମୟାନୁକ୍ରମେ ଅକ୍ଷରେ ଅକ୍ଷରେ ସତ୍ୟ ପ୍ରମାଣିତ ହୋଇ ଚାଲିଛି । ଏହି ପୁସ୍ତିକାରେ ଓ୍ୱସିୟତ ମାଧ୍ୟମରେ କିପରି ଏକ ନୂଆ ପୃଥିବୀର ସର୍ଜନା ହେବ, ଯେଉଁଥିରେ ଦାରିଦ୍ର୍ୟର କଷ୍ଟ ଓ ଦରିଦ୍ରର ନିଃସହାୟତା ରହିବ ନାହିଁ, ତାହାର ଉଲ୍ଲେଖ ରହିଛି । ଇସଲାମର ଆକର୍ଷକ ଚିତ୍ରପଟକୁ ଏହି ଐଶି ବ୍ୟବସ୍ଥା (ଓ୍ୱସିୟତର ନିଜାମ) ଯେ ପୃଥିବୀବାସୀଙ୍କ ସମ୍ମୁଖରେ ନିଶ୍ଚିତ ଭାବେ ଉପସ୍ଥାପନ କରିବ, ଏଥିରେ ସନ୍ଦେହ ନାହିଁ । ସମ୍ପ୍ରତି ହଜରତ ଖଲିଫତୁଲ ମସିହ ପଞ୍ଚମ[ଅବ]ଙ୍କ ଓ୍ୱସିୟତ ପ୍ରତି ଅହମଦିମାନଙ୍କ ବିଶେଷ ଦୃଷ୍ଟି ଆକର୍ଷଣ ପରିପ୍ରେକ୍ଷୀରେ ଏହି ପୁସ୍ତିକାଟିର ଓଡିଆ ଅନୁବାଦ 'ଇଚ୍ଛାପତ୍ର' ସମୟୋପଯୋଗୀ ହୋଇଛି ।

ଶ୍ରୀଯୁକ୍ତ ଅବଦୁଲ କାଦର ଖାନ୍, ଏମ୍.ଏ.(ଓଡିଆ)ଙ୍କ ଦ୍ୱାରା ଅନୁବାଦ କରାଯାଇଥିବା ଏହି ପୁସ୍ତିକାର ଦ୍ୱିତୀୟ ତଥା ପରିମାର୍ଜିତ ସଂସ୍କରଣକୁ ଇଂ.ରୌଶନ ଖାନ୍ ସାହେବ ଆବଶ୍ୟକୀୟ ସଂଶୋଧନ ଓ ସମୀକ୍ଷା କରିଛନ୍ତି । ଏଥିରେ ତାଙ୍କୁ ସହଯୋଗ କରିଛନ୍ତି ମୌ. ଅନଓ୍ୱର ଅହମଦ ଖାନ୍, ଏଚ୍.ଏ. ଓ ଏମ.ଏ. (ଓଡିଆ)। ପାଠକମାନଙ୍କ ସମକ୍ଷରେ ଏହାକୁ ଉପସ୍ଥାପନ କଲାବେଳେ ଏତିକି ପ୍ରାର୍ଥନା ଯେ ଅଲ୍ଲାଃତାଲା ଆମ ସମସ୍ତଙ୍କୁ ହଜରତ ମସିହ ମଉଦ[ଅସ]ଙ୍କ ଇପସିତ ଓ୍ୱସିୟତ ପ୍ରତି ଆଗଭର ହେବା ପାଇଁ ଦୃଢ ଇଚ୍ଛାଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ବିନୟାବନତ

**ହାଫିଜ୍ ମଖଦୁମ୍ ଶରିଫ**

ନାଜର ନଶର୍ ଓ ଇଶାଅତ, କାଦିୟାନ

# ମର୍ଯ୍ୟାଦାସୂଚକ ଉକ୍ତି

ସଅ – (ସ୍ୱଲ୍ଲଲ୍ଲାଃ ଅଲୈହେ ଓ୍ୱସଲ୍ଲମ୍) ଅର୍ଥାତ୍ 'ତାହାଙ୍କ ଉପରେ ଅଲ୍ଲାଃଙ୍କ ଶାନ୍ତି ଓ ଆଶିଷ ବୃଷ୍ଟି ହେଉ' । ଏହା ସର୍ବଦା 'ହଜରତ ମୁହମ୍ମଦ', (ଅର୍ଥାତ୍ 'ଦିବ୍ୟ ଅବତାର', 'ନବୀଶ୍ରେଷ୍ଠ' ବା 'ରସୁଲୁଲ୍ଲାଃ')ଙ୍କ ନାମ ସହ ସଂଲଗ୍ନ ହୋଇଥାଏ ।

ଅସ – (ଆଲୈଃସଲାତୁ ଓ୍ୱସ୍‌ସଲାମ୍) ଅର୍ଥାତ୍ 'ତାହାଙ୍କ ପ୍ରତି ଶାନ୍ତି ବିରାଜିତ ହେଉ' । ଏହା ସମସ୍ତ ଅବତାର, ନବୀ, ବାର୍ତ୍ତାବହ ବା ପୟଗମ୍ବରଙ୍କ ନାମ ସହ ସଂଲଗ୍ନ ହୋଇଥାଏ ।

ରଅ – (ରଜିଅଲ୍ଲାଃ ତା' ଲା ଅନ୍‌ହୁ / ଅନ୍‌ହା) ଅର୍ଥାତ୍ 'ଅଲ୍ଲାଃ ତାଙ୍କ ଉପରେ ପ୍ରସନ୍ନ ହୁଅନ୍ତୁ' । ନବୀମାନଙ୍କ ଉତ୍ତରାଧିକାରୀ (ଖଲିଫା), ଧର୍ମପତ୍ନୀ ସମୂହ, ସହଚର, ପ୍ରଭୁପ୍ରିୟ ବ୍ୟକ୍ତିତ୍ୱ କ୍ଷେତ୍ରରେ ପ୍ରୟୋଗ କରାଯାଏ । ଅବଶ୍ୟ ପୁରୁଷଙ୍କ କ୍ଷେତ୍ରରେ 'ଅନ୍‌ହୁ' ଓ ମହିଳାଙ୍କ କ୍ଷେତ୍ରରେ 'ଅନ୍‌ହା' ବ୍ୟବହୃତ ହୁଏ ।

ରଉ – (ରହମହୁଲ୍ଲାହୁତା'ଲା) ଅର୍ଥାତ୍ 'ଈଶ୍ୱରଙ୍କ କରୁଣା ତାଙ୍କ ପ୍ରତି ସର୍ବଦୈବ ଉନ୍ନୀତ ହେଉ ।' ଏହା ମଧ୍ୟ ମୁସଲିମ ଆଧ୍ୟାତ୍ମିକବାଦୀ ସନ୍ଥ ତଥା ଖଲିଫାଙ୍କ ନାମ ସହିତ ଉଚ୍ଚାରଣ କରିବାକୁ ହୁଏ ।

ଅବ – (ଅୟଦହୁଲ୍ଲାହୁ ତା'ଲା ବେନସରିହିଲ୍ ଅଜୀଜ୍) ଅର୍ଥାତ ଈଶ୍ୱର ତାଙ୍କର ସାହାଯ୍ୟକାରୀ ହୁଅନ୍ତୁ । ଏହା ଏକ ଆଶୀର୍ବାଦ ସୂଚକ ଉକ୍ତି, ଯାହା କେବଳ ବର୍ତ୍ତମାନ ଜୀବିତ ଥିବା ଖଲିଫା ଓ ସର୍ବୋଚ୍ଚ ଧର୍ମଗୁରୁ ବା ଧର୍ମାତ୍ମାଙ୍କ ନାମ ସହିତ ବ୍ୟବହୃତ ହୁଏ ।

ଉପରୋକ୍ତ ସମସ୍ତ ମର୍ଯ୍ୟାଦା ସୂଚକ ସଂକେତ ସଂପୃକ୍ତ ମହାପୁରୁଷମାନଙ୍କ ନାମ ଉଚ୍ଚାରଣ କଲାବେଳେ ତାଙ୍କ ସମ୍ମାନାର୍ଥେ ସେହି ନାମ ସହିତ ଏହାକୁ ଉଚ୍ଚାରଣ କରିବାକୁ ହୁଏ ।

# ପରିଚୟ

ଏହି ଆଲେଖ୍ୟ ଡିସେମ୍ବର, ୧୯୦୫ ମସିହାର । ଏହି ପୁସ୍ତିକାରେ ହଜୁର[ଅସ] ତାଙ୍କ ପ୍ରତି ହୋଇଥିବା ସେ ସମସ୍ତ ଦୈବୀବାଣୀକୁ ଉଲ୍ଲେଖ କରିଛନ୍ତି, ଯେଉଁଥିରୁ ଏହା ଜଣାପଡୁଥିଲା ଯେ ତାଙ୍କ ମୃତ୍ୟୁ ଆସନ୍ନ ପ୍ରାୟ । ଅବତାରଙ୍କ ମୃତ୍ୟୁ ପରେ ତାଙ୍କ ଆନୁଗତ୍ୟ ସଂପ୍ରଦାୟରେ ଯେଉଁ ଗଭୀର ଶୋକର ଛାୟା ଖେଳି ଯାଇଥାଏ ଓ ଏକ ଦୋଦୁଲ୍ୟମାନ ପରିସ୍ଥିତି ସୃଷ୍ଟି ହୋଇଥାଏ, ସେଥି ସମ୍ବନ୍ଧରେ ହଜରତ ଅହମଦ[ଅସ] ନିଜ ଜମାଅତକୁ ସାନ୍ତ୍ୱନା ଦେଇ କହିଥିଲେ: 'ଅଲ୍ଲାଃଙ୍କର ଏହା ପ୍ରଚଳିତ ବିଧି ଯେ ସେ ନିଜର ଦୁଇଗୋଟି ଦୈବୀଶକ୍ତି ପ୍ରଦର୍ଶିତ କରିଥାନ୍ତି ।'

(୧) ପ୍ରଥମ ଶକ୍ତି ହେଉଛି ଅବତାରଙ୍କ ଅସ୍ତିତ୍ୱର ଲୀଳା ପ୍ରଦର୍ଶନ । (୨) ଦ୍ୱିତୀୟଟି ଅବତାରଙ୍କ ଦେହାନ୍ତ ପରେ ଦ୍ୱିତୀୟ ଶକ୍ତି (କୁଦରତେ ସାନିୟା) ରୂପେ ଆବିର୍ଭାବ । ଯେପରି କି ହଜରତ ମୁହମ୍ମଦ[ସଅ] ଙ୍କ ଦେହାବସାନ ପରେ ଅଲ୍ଲାଃତାଲା ଇସଲାମକୁ ବିଲୋପ ହେବାରୁ ରକ୍ଷା କରିବା ସକାଶେ ହଜରତ ଅବୁବକର[ରଅ] ଙ୍କୁ ଛିଡା କରାଇଲେ । ତଦନୁରୂପ ହଜରତ ଅହମଦ[ଅସ] ଏକ ପକ୍ଷେ ନିଜ ମୃତ୍ୟୁର ଖବର ଦେଲେ ତ ଅପର ପକ୍ଷେ ନିଜ ଜମାଅତରେ ତାଙ୍କ ଉତ୍ତାରେ ଖିଲାଫତର ଏକ ଚିରସ୍ଥାୟୀ ବିଧି ବ୍ୟବସ୍ଥା ପ୍ରଚଳିତ ହେବ ବୋଲି ଶୁଭ ସମ୍ବାଦ ଦେଲେ । ସୁତରାଂ ହଜୁର[ଅସ] ଅତ୍ୟନ୍ତ ସ୍ୱଷ୍ଟ ରୂପେ ହଜରତ ଅବୁବକର[ରଅ] ଙ୍କ ଦୃଷ୍ଟାନ୍ତ ଦେବା ପରେ ଏହିପରି କହିଲେ:

'ସେହି ଦ୍ୱିତୀୟ ଦୈବୀଶକ୍ତି ସେ ପର୍ଯ୍ୟନ୍ତ ଆସିବ ନାହିଁ, ଯେ ପର୍ଯ୍ୟନ୍ତ ମୁଁ ସଂସାରରୁ ଅପସରି ନ ଯାଇଛି । କିନ୍ତୁ ଯେତେବେଳେ ମୁଁ ଚାଲିଯିବି, ତେବେ ପୁଣି ଈଶ୍ୱର ତୁମ ସକାଶେ ସେହି ଦ୍ୱିତୀୟ ଶକ୍ତିକୁ ପ୍ରେରଣ କରିବେ ଯାହା ତୁମ ସହିତ ସଦା ସର୍ବଦା ରହିବ ।'

(ଅଲ ଓ୍ୱସିୟ୍ୟତ, ରୁହାନି ଖଜାଏନ, ଗ୍ରନ୍ଥଖଣ୍ଡ ୨୦, ପୃ ୩୦୪)

ଏହି ପୁସ୍ତିକାରେ ହଜରତ ମସିହ[ଅସ] ଦୈବୀ ଯୋଜନା ଅନୁସାରେ ଇସଲାମର ପ୍ରସାର ତଥା ପବିତ୍ର କୁରଆନ ବାଣୀର ପ୍ରସାର କ୍ଷେତ୍ରରେ ରହିଥିବା ଲକ୍ଷ୍ୟ ପୂରଣ ପାଇଁ ଦୈନନ୍ଦିନ ଅବସ୍ଥା ଚକ୍ରରେ ପରିଚାଳିତ ଏକ ଶାଶ୍ୱତ ଓ ଚିରନ୍ତନ ବ୍ୟବସ୍ଥା ପ୍ରତିଷ୍ଠା ହେବାର ଘୋଷଣା କଲେ, ଯାହା 'ନିଜାମେ ଓ୍ୱସିୟତ୍' ନାମରେ ଖ୍ୟାତ । କେବଳ ଏହି ଦୈବିକୃତ ଯୋଜନା ହିଁ ଆଗାମୀ ଭବିଷ୍ୟତରେ ପୃଥିବୀର ବିଭିନ୍ନ ଅର୍ଥନୈତିକ ଯୋଜନାଗୁଡ଼ିକ ମଧ୍ୟରେ 'ନିଜାମେ ନୌ' ଅର୍ଥାତ ନବୀନତମ ଯୋଜନା ରୂପେ ସାବ୍ୟସ୍ତ ହେବ । ସେହି ଆଭିମୁଖ୍ୟ ନେଇ ଇସଲାମର ପ୍ରସାର ଉଦ୍ଦେଶ୍ୟରେ ପ୍ରତ୍ୟେକ ଓ୍ୱସିୟତକାରୀ (ଇଚ୍ଛାପତ୍ରଧାରୀ) ପକ୍ଷେ ନିଜର

ମାସିକ ଆୟ ଓ ସଂପତ୍ତି ର ଅତି କମରେ ୧/୧୦ ଭାଗ (ଏକ ଦଶମାଂଶ) ଅହମଦିୟା ସଂସ୍ଥାକୁ ଦେବାକୁ ହେବ।

ପ୍ରତ୍ୟେକ ଓ୍ୱସିୟତକାରୀ ବ୍ୟକ୍ତିଗତ ଭାବରେ ଜଣେ ନିଷ୍ଠାପର ଧର୍ମ ପରାୟଣ ବ୍ୟକ୍ତି ହୋଇଥିବା ଆବଶ୍ୟକ । ନିଜକୁ ସମସ୍ତ ମନ୍ଦ କର୍ମରୁ ନିବୃତ୍ତ କରି ରଖିବା ସହିତ ଶିର୍କ (ଅନେକେଶ୍ୱରବାଦ) ତଥା କୁପ୍ରଥା ବର୍ଜନ କରିବାକୁ ହେବ ଏବଂ ସେ ଜଣେ ସତ୍ ଚରିତ୍ରବାନ ଈଶ୍ୱର ଭକ୍ତ ହୋଇଥିବେ । ସେହିପରି ସେ ଜଣେ ସ୍ୱଚ୍ଛ, ସରଳ ଓ ସତ୍ୟବାଦୀ ସାଧୁ ପୁରୁଷ ହେବା ମଧ୍ୟ ଜରୁରୀ ବୋଲି ସର୍ତ୍ତ ରହିଛି । ହଜୁର[ଅସ] ଈଶ୍ୱରଙ୍କ ଏହି ଇଚ୍ଛାକୁ କାର୍ଯ୍ୟକାରୀ କରିବା ତଥା ଏହି ଐଶି ଯୋଜନାର ସଫଳ ରୂପାୟନ ସକାଶେ ଏଥିରେ ଅନ୍ତର୍ଭୁକ୍ତ ହେଉଥିବା ସମସ୍ତ ଓ୍ୱସିୟତଧାରୀମାନଙ୍କ ପାଇଁ ଏକ କବରସ୍ତାନ ନିର୍ମାଣର ପ୍ରସ୍ତାବ ମଧ୍ୟ ଦେଇଥିଲେ । ସୁତରାଂ ସେ କହିଲେ :

'ମୁଁ ଦୁଆ କରୁଛି ଯେ ଈଶ୍ୱର ଏଥିରେ ସମୃଦ୍ଧି ଓ କଲ୍ୟାଣ ପ୍ରଦାନ କରନ୍ତୁ ତଥା ଏହାକୁ ଏକ ସ୍ୱର୍ଗୀୟ କବରସ୍ତାନ (ବେହିସ୍ତି ମକ୍‌ବରା)ରେ ପରିଣତ କରିଦିଅନ୍ତୁ।

ଏହି ସ୍ଥାନ ଜମାଅତର ପବିତ୍ର ହୃଦୟଧାରୀ ଲୋକମାନଙ୍କ ସ୍ୱପ୍ନପୁରୀ ହେଉ । ଯେଉଁମାନେ ସତକୁ ସତ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେଇଛନ୍ତି ଓ ସଂସାରର ମୋହମାୟା ତୁଟାଇ ଦେଇଛନ୍ତି ତଥା ବସ୍ତୁବାଦ ପ୍ରେମକୁ ଛାଡ଼ି ଦେଇଛନ୍ତି, ସେମାନେ କେବଳ ଈଶ୍ୱରଙ୍କର ହୋଇଗଲେ ଓ ତାଙ୍କ ଅନ୍ତରରେ ଏକ ଦିବ୍ୟ ଅନୁଭୁତି ସଂପନ୍ନ ପବିତ୍ରମୟ ପରିବର୍ତ୍ତନ ସୃଷ୍ଟି ହୋଇଗଲା । ସେମାନେ ହଜରତ ମୁହମ୍ମଦ[ସଅ]ଙ୍କ ସାଥିମାନଙ୍କ ସଦୃଶ ଆନ୍ତରିକ ଭକ୍ତି ଓ ଦୃଢ଼ ଅନୁରକ୍ତିର ଜ୍ୱଳନ୍ତ ଦୃଷ୍ଟାନ୍ତ ଦେଖାଇଗଲେ । ଏହା ହିଁ ହେଉ ।'

'ଆମିନ୍ - ୟା ରବ୍‌ବୁଲ୍ ଆଲମୀନ'

(ଅଲ ଓ୍ୱସିୟତ୍, ରୁହାନି ଖଜାଇନ, ଗ୍ରନ୍ଥଖଣ୍ଡ ୨, ପୃ ୩/୬ )

'ଅଲ୍ ଓ୍ୱସିୟତ୍' ପୁସ୍ତିକା ସହିତ ଏକ ପରିଶିଷ୍ଟ ମଧ୍ୟ ସାମିଲ କରାଯାଇଛି । ଯହିଁରେ ଓ୍ୱସିୟତ୍ ଓ ବେହିସ୍ତି ମକବରାରେ ଦଫନ୍ ହେବା ସମ୍ପର୍କିତ ବିସ୍ତୃତ ନିୟମାବଳୀ ସ୍ୱୟଂ ହଜୁର[ଅସ]ଙ୍କ ତରଫରୁ ସନ୍ନିବେଶିତ ହୋଇଛି ।

ଏହାର ଶେଷ ଭାଗରେ ସଦର ଅଞ୍ଜୁମନ ଅହମଦିୟା କାଦିୟାନଙ୍କର 'ଇଜ୍‌ଲାସ ଅଓ୍ୱଲ୍' ପ୍ରଥମ ପରିଷଦ ସଭାର ପ୍ରସ୍ତାବିତ ଚିଠା, ଯାହା ନିଜାମେ ଅଲ ଓ୍ୱସିୟତ ସମ୍ବନ୍ଧରେ ୨୯, ଜାନୁୟାରୀ ୧୯୦୬ ମସିହାରେ ଅନୁମୋଦନ ଲାଭ କରିଥିଲା, ତାହାର ସବିଶେଷ ବିବରଣୀ ଫର୍ମ ଆକାରରେ ମଧ୍ୟ ସଂଲଗ୍ନ କରାଯାଇଛି ।

❁ ❁ ❁

# ଇଚ୍ଛାପତ୍ର

بِسۡمِ اللّٰہِ الرَّحۡمٰنِ الرَّحِیۡمِ ؕ
نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ ؕ

اَلۡحَمۡدُ لِلّٰہِ رَبِّ الۡعٰلَمِیۡنَ ؕ وَالصَّلٰوۃُ وَالسَّلَامُ عَلٰی رَسُوۡلِہٖ مُحَمَّدٍ وَّاٰلِہٖ وَاَصۡحَابِہٖ اَجۡمَعِیۡنَ

ଯେହେତୁ ମହାମହିମ ଅଲ୍ଲାଃତାଲା ମୋ ମୃତ୍ୟୁ ସମୟ ପାଖେଇ ଆସିଲାଣି ବୋଲି ମୋତେ ଓ୍ୱହି (ଦୈବବାଣୀ) ମାଧ୍ୟମରେ ଅନବରତ ଅବଗତ କରାଇ ଆସୁଛନ୍ତି, ଏପରିକି ଏ ସଂକ୍ରାନ୍ତ ଓ୍ୱହି ନିରନ୍ତର ଭାବରେ ଆସୁଛି – ଯାହାକି ମୋ ଅସ୍ତିତ୍ୱର ମୂଳଭିତ୍ତିକୁ ଦୋହଲାଇ ଦେଇଛି ଓ ମୋର ଏହି ଜୀବନକୁ ମୋ ପାଇଁ ନିସ୍ତେଜ କରିଦେଇଛି । ତେଣୁ ମୁଁ ମୋର ବନ୍ଧୁବର୍ଗ ତଥା ଯେଉଁମାନେ ମୋ ବକ୍ତବ୍ୟରୁ ଲାଭବାନ୍ ହେବାକୁ ଇଚ୍ଛା କରୁଛନ୍ତି, ସେମାନଙ୍କ ପାଇଁ କେତେକ ଉପଦେଶ ଲିପିବଦ୍ଧ କରିବା ସମିଚୀନ ମନେ କରୁଛି । ତେଣୁ ମୁଁ ପ୍ରଥମେ ସେହି ଦିବ୍ୟବାଣୀ ସମ୍ବନ୍ଧରେ ଆପଣମାନଙ୍କୁ ଅବଗତ କରାଉଛି ଯାହା ମୋର ମୃତ୍ୟୁ ସମ୍ପର୍କିତ ସୂଚନା ଦେଇ ଆପଣମାନଙ୍କ ସାମନାରେ ଏକ ପ୍ରସ୍ତାବ ଉପସ୍ଥାପନ କରିବାକୁ ମୋତେ ପ୍ରେରିତ କରିଛି । ଆରବୀ ଭାଷାରେ ଯେଉଁ ଦୈବବାଣୀ ମୋତେ ପ୍ରାପ୍ତ ହୋଇଛି, ତାହା ହେଲା:

**قَرُبَ اَجَلُكَ الْمُقَدَّرُ وَلَا نُبْقِیْ لَكَ مِنَ الْمُخْزِیَاتِ ذِكْرًا۔ قَلَّ مِیْعَادُ رَبِّكَ وَلَا نُبْقِیْ لَكَ مِنَ الْمُخْزِیَاتِ شَیْئًا۔ وَاِمَّا نُرِیَنَّكَ بَعْضَ الَّذِیْ نَعِدُهُمْ اَوْنَتَوَفَّیَنَّكَ۔ تَمُوْتُ وَ اَنَا رَاضٍ مِّنْكَ۔ جَاءَ وَقْتُكَ وَنُبْقِیْ لَكَ الْاٰیَاتِ بَاهِرَاتٍ۔ جَاءَ وَقْتُكَ وَنُبْقِیْ لَكَ الْاٰیَاتِ بَیِّنَاتٍ۔ قَرُبَ مَا تُوْعَدُوْنَ۔ وَاَمَّا**

بِنِعۡمَةِ رَبِّكَ فَحَدِّثۡ۔ اِنَّهٗ مَنۡ يَّتَّقِ اللّٰهَ وَيَصۡبِرۡ فَاِنَّ اللّٰهَ لَا يُضِيۡعُ اَجۡرَالۡمُحۡسِنِيۡنَ

**ଅନୁବାଦ:** 'ତୁମର ମୃତ୍ୟୁ ନିକଟତର । ଆମେ ତୁମ ସମ୍ପର୍କରେ ଏଭଳି କଥାମାନର ଚିହ୍ନବର୍ଣ୍ଣ ରଖିବୁ ନାହିଁ, ଯାହାର ବର୍ଣ୍ଣନା ତୁମ ସମ୍ମାନ ହାନୀର କାରଣ ହେଉଥିବ । ଅଲ୍ଲାହ୍‌ଙ୍କ ଦ୍ୱାରା ତୁମ ପାଇଁ ନିର୍ଦ୍ଧାରିତ ସମୟରୁ ଅତି ଅଳ୍ପ ସମୟ ବାକି ଅଛି । ଯେଉଁ ପ୍ରକାର ବର୍ଣ୍ଣନାରେ ତୁମ ପାଇଁ ଅପମାନ ଅଭିପ୍ରେତ ଥିବ, ଆମ୍ଭେ ସେପରି ସମସ୍ତ ଅପବାଦକୁ ଦୂର କରିଦେବୁ ତଥା ତାହାକୁ ଖଣ୍ଡନ କରିବୁ ଓ ସେଥିରୁ କିଛି ବାକି କରି ରଖିବୁ ନାହିଁ । ଆମ୍ଭେ ତୁମ୍ଭ ବିରୋଧୀମାନଙ୍କ ସମ୍ପର୍କରେ ଯେଉଁସବୁ ଭବିଷ୍ୟବାଣୀ ପ୍ରଦାନ କରିଛୁ, ତହିଁରୁ କେତେକ ସମାପନ ହେବାର ତୁମକୁ ଆମ୍ଭେ ଦେଖାଇ ଦେବାକୁ ପୂର୍ଣ୍ଣ ସମର୍ଥ ରଖିଛୁ ଅଥବା ତୁମକୁ ମୃତ୍ୟୁ ପ୍ରଦାନ କରିବାକୁ ସକ୍ଷମ ଅଛୁ । ତୁମ ମୃତ୍ୟୁ ସମୟରେ ଆମେ ତୁମ ପ୍ରତି ସନ୍ତୁଷ୍ଟ ଥିବୁ । ଆମ୍ଭେ ତୁମ ସମର୍ଥନରେ ପ୍ରକାଶ୍ୟ ନିଦର୍ଶନଗୁଡ଼ିକୁ ସର୍ବଦା ବିଦ୍ୟମାନ କରି ରଖିବୁ । ଯେଉଁ ପ୍ରତିଶ୍ରୁତି ଦିଆଯାଇଛି ତାହା ନିକଟତର । ଅଲ୍ଲାହ୍‌ତାଲା ତୁମ ପ୍ରତି ଯେଉଁ କଲ୍ୟାଣମାନ କରିଛନ୍ତି, ତୁମେ ଲୋକମାନଙ୍କ ନିକଟରେ ତାହା ବର୍ଣ୍ଣନା କର । ଯେଉଁମାନେ ଧର୍ମପରାୟଣତା ଅବଲମ୍ବନ କରିବେ ଓ ଧୈର୍ଯ୍ୟ ଧାରଣ କରିବେ, ଅଲ୍ଲାହ୍ ସେପରି ପୁଣ୍ୟବାନମାନଙ୍କ କର୍ମଫଳ ନଷ୍ଟ କରିବେ ନାହିଁ ।'

ଏଠାରେ ମନେରହୁ ଯେ ଈଶ୍ୱରଙ୍କର ଏପରି କହିବା ଯେ "ଆମ୍ଭେ ତୁମ ସମ୍ପର୍କରେ ଏପରି କଥାମାନଙ୍କର ଚିହ୍ନ ରଖିବୁ ନାହିଁ ଯାହା ତୁମ ଅପମାନ ଓ ସମ୍ମାନ ହାନୀର କାରଣ ହେଉଥିବ"। ଏହି ବାକ୍ୟଟିର ଦୁଇଗୋଟି ଅର୍ଥ ରହିଛି । (୧) ପ୍ରଥମତଃ ଯେଉଁ ସମସ୍ତ ଅଭିଯୋଗ ମାନହାନି କରିବା ଉଦ୍ଦେଶ୍ୟରେ ପ୍ରକାଶିତ ହେଉଛି, ସେଗୁଡିକୁ ଆମ୍ଭେ ଦୂର କରିଦେବୁ ଏବଂ ସେଭଳି ଅଭିଯୋଗର ଚିହ୍ନବର୍ଣ୍ଣ ରହିବ ନାହିଁ । (୨) ଦ୍ୱିତୀୟତଃ ଯେଉଁ

ଅଭିଯୋଗକାରୀମାନେ ଆପଣା ଦୁଷ୍କର୍ମକୁ ପରିତ୍ୟାଗ କରୁନାହାନ୍ତି କି ତୁମ ବିରୁଦ୍ଧରେ କୁତ୍ସା ରଟନା କରିବାରୁ କ୍ଷାନ୍ତ ହେଉ ନାହାନ୍ତି, ଆମ୍ଭେ ସେମାନଙ୍କୁ ମୃତ୍ୟୁ ମୁଖରେ ନିକ୍ଷେପ କରିବୁ ତଥା ସେମାନଙ୍କୁ ଇହଜଗତରୁ ନିଶ୍ଚିହ୍ନ କରିଦେବୁ । ସେମାନେ ନିଶ୍ଚିହ୍ନ ହେବା ଯୋଗୁଁ ସେମାନଙ୍କ ଅଶାଳୀନ ଅଭିଯୋଗଗୁଡିକ ମଧ୍ୟ ନିଶ୍ଚିହ୍ନ ହୋଇଯିବ । ଏଥି ଉତ୍ତାରୁ ଅଲ୍ଲାଃତାଲା ମୋ ଦେହାନ୍ତ ସମ୍ପର୍କରେ ଉର୍ଦ୍ଦୁ ଭାଷାରେ ନିମ୍ନୋକ୍ତ ବାଣୀ ମାଧ୍ୟମରେ ମୋତେ ସମ୍ବୋଧନ କରି ଏହିପରି କହିଛନ୍ତି :

**"ବହୁତ କମ୍ ଦିନ ବାକି ଅଛି । ସେହିଦିନ ସମସ୍ତଙ୍କ ଉପରେ ନିରାଶା ଭାବ ଆଚ୍ଛାଦିତ ହୋଇଯିବ । ଏହିପରି ହେବ -ଏହିପରି ହେବ -ଏହିପରି ହେବ । ଏହାପରେ ତୁମରି ଘଟଣା ଘଟିବ । ସେ ଦିନ ପ୍ରତ୍ୟେକ ପ୍ରକାରର ଅଘଟଣ ଓ ବିଚିତ୍ର ଘଟଣା ପ୍ରକଟିତ ହେବାପରେ ତୁମ ପାଇଁ ଉଦ୍ଦିଷ୍ଟ ତୁମର ଦୁଃଖଦ ଘଟଣା ଘଟିବ । "**

ଅଘଟଣ ସମ୍ପର୍କରେ ମୋତେ ଯାହା ଜଣାଇ ଦିଆଯାଇଛି, ତାହା ଏହିପରି 'ମୃତ୍ୟୁ ଚତୁର୍ଦ୍ଦିଗରୁ ନିଜର କାୟା ବିସ୍ତାର କରିବ, ଭୂକମ୍ପ ହେବ ଓ ତାହା ଭୀଷଣ ଆକାରରେ ଦେଖାଦେବ । ତାହା ମହାପ୍ରଳୟଙ୍କରୀ ରୂପ ଧାରଣ କରିବ ଓ ଧରାପୃଷ୍ଠକୁ ଉପର ତଳ କରିଦେବ । ଅନେକଙ୍କ ଜୀବନ ଦୁର୍ବିସହ ହୋଇଯିବ । ଏଥି ଉତ୍ତାରୁ ଯେଉଁ ଲୋକମାନେ ଅନୁତାପ କରିବେ ଓ ପାପ ଆଚରଣରୁ ନିବୃତ୍ତ ରହିବେ, ଅଲ୍ଲାଃତାଲା ସେମାନଙ୍କ ପ୍ରତି ସଦୟ ହେବେ । ପ୍ରତ୍ୟେକ ନବୀ (ଅବତାର) ଏହି ଯୁଗ ସମ୍ବନ୍ଧରେ ଯେପରି ଅବଗତ କରାଇଥିଲେ, ସେହିପରି ସକଳ ଘଟଣା ଅବଶ୍ୟ ଘଟିବ । କିନ୍ତୁ ଯେଉଁମାନେ ନିଜ ଅନ୍ତରକୁ ବିଶୁଦ୍ଧ କରିବେ ତଥା ଯେଉଁ ପଥ ଅଲ୍ଲାହାଙ୍କର ରୁଚିର ଅନୁରୂପ, ଯଦି ସେମାନେ ସେହି ପଥ ଅବଲମ୍ବନ କରିବେ, ତେବେ ସେମାନଙ୍କ କ୍ଷେତ୍ରରେ କୌଣସି ଭୟ ବା ଦୁଃଖ ରହିବ ନାହିଁ । ଅଲ୍ଲାଃତାଲା ପୁଣି ମୋତେ ସମ୍ବୋଧନ କରି ଏହିପରି କହିଛନ୍ତି :

'ତୁମେ ମୋ ତରଫରୁ ସତର୍କ ସୂଚନାଦାତା । ମୁଁ ତୁମକୁ ଏଥି ଯୋଗୁଁ ପ୍ରେରଣ କରିଛି ଯେପରିକି ପାପୀମାନଙ୍କୁ ପୁଣ୍ୟବନ୍ତ ଲୋକମାନଙ୍କ ଠାରୁ ପୃଥକ୍ କରାଯାଇ ପାରିବ ।'

ପୁଣି କହିଛନ୍ତି: **'ଏହି ସଂସାରରେ ଜଣେ ସତର୍କକାରୀଙ୍କ ଆଗମନ ହେଲା ଅଥଚ ସଂସାରବାସୀ ତାଙ୍କୁ ସ୍ୱୀକାର କଲେ ନାହିଁ । କିନ୍ତୁ ଅଲ୍ଲାଃ ତାହାଙ୍କୁ ଅବଶ୍ୟ ସ୍ୱୀକାର କରିବେ ଓ ଅତି ତୀବ୍ର ଆକ୍ରମଣ ଦ୍ୱାରା ତାହାଙ୍କ ସତ୍ୟତାକୁ ପ୍ରକଟ କରିଦେବେ ।* ମୁଁ ତୁମକୁ ଏତେ ଅଧିକ ପରିମାଣରେ ସମୃଦ୍ଧି ପ୍ରଦାନ କରିବି ଯେ ସମ୍ରାଟଗଣ ତୁମ ବସନରୁ ଆଶିଷ ଅନ୍ୱେଷଣ କରିବେ ।'**

ପୁନଶ୍ଚ ଏକ ଆସନ୍ନ ଭୟାବହ ଭୂମିକମ୍ପ ସମ୍ପର୍କରେ ମୋତେ ଅବଗତ କରାଇ ଅଲ୍ଲାଃ କହିଛନ୍ତି :

**'ପୁଣି ବସନ୍ତ ଆସିଲା, ଅଲ୍ଲାଃଙ୍କର କଥନ ସତ୍ୟ ସାବ୍ୟସ୍ତ ହେଲା'** ।

ତେଣୁ ଏକ ଭୀଷଣ ଭୂମିକମ୍ପର ଆଗମନ ଅବଶ୍ୟମ୍ଭାବୀ । କିନ୍ତୁ ସଦାଚାରୀମାନେ କ୍ଷତିଗ୍ରସ୍ତ ନହୋଇ ଶାନ୍ତିରେ ରହିବେ । ତେଣୁ ତୁମେମାନେ ସଦାଚାରୀ ହୁଅ ଓ ଅଲ୍ଲାଃତାଲାଙ୍କୁ ଭୟ କର । ତଦ୍ୱାରା ତୁମେମାନେ ପରିତ୍ରାଣ ପାଇବ । ଆଜି ହିଁ ଅଲ୍ଲାଃଙ୍କୁ ଭୟ କର, ତା' ହେଲେ ସେଦିନର ଭୟାବହ ପରିମାଣରୁ ସୁରକ୍ଷିତ ରହିବ ଓ ଶାନ୍ତିରେ ଜୀବନ ଯାପନ କରିବ । ଆକାଶ ଯେ

---

* ଯଦି ପୃଥିବୀବାସୀଙ୍କ ଚକ୍ଷୁ ଖୋଲି ଯାଆନ୍ତା, ତେବେ ସେମାନେ ଦେଖିବାକୁ ପାଆନ୍ତେ ଯେ ମୁଁ ଏହି ହିଜ୍ରି ଶତାବ୍ଦୀର ପ୍ରାରମ୍ଭରେ ଆବିର୍ଭୂତ ହୋଇଛି । ଏ ପର୍ଯ୍ୟନ୍ତ ଚତୁର୍ଦ୍ଦଶ ଶତାବ୍ଦୀର ଏକ ଚତୁର୍ଥାଂଶ ଅତିବାହିତ ହୋଇଗଲାଣି । ବିଭିନ୍ନ ହଦିସ ବର୍ଣ୍ଣିତ ତଥ୍ୟ ଅନୁଯାୟୀ ଠିକ୍ ମୋ ଘୋଷଣା କାଳ ମଧ୍ୟରେ ରମଜାନ୍ ମାସରେ ଉଭୟ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ସଂଘଟିତ ହୋଇଗଲାଣି । ଅଧିକନ୍ତୁ ଦେଶରେ ପ୍ଲେଗ୍ ବ୍ୟାଧିର ପ୍ରାଦୁର୍ଭାବ ହୋଇଛି ଓ ବହୁ ଭୂମିକମ୍ପ ମଧ୍ୟ ହୋଇଛି, ଏପରି ଆହୁରି ମଧ୍ୟ ହେବ । କିନ୍ତୁ ପରିତାପର ବିଷୟ, ଯେଉଁମାନେ ସଂସାର ପ୍ରେମରେ ମଜ୍ଜି ଯାଇଛନ୍ତି ସେମାନେ ମୋତେ ସ୍ୱୀକାର କରି ନାହାନ୍ତି ।

କିଛି ପ୍ରତ୍ୟକ୍ଷ କରାଇବ ଓ ଭୂପୃଷ୍ଠ ଯେ କିଛି ପ୍ରକଟିତ କରିବ, ଏହା ନିଶ୍ଚିତ । କିନ୍ତୁ ଅଲ୍ଲାଃଙ୍କ ପ୍ରତି ଭୟ (ତକ୍‌ୱା) ପୋଷଣ କରିଥିବା ବ୍ୟକ୍ତିମାନେ ସୁରକ୍ଷିତ ରହିବେ ।

ଅଲ୍ଲାଃଙ୍କର ବାଣୀରେ ମୋତେ ଦର୍ଶାଯାଇଛି ଯେ ବହୁ ଅଘଟଣ ଘଟିବ ଓ ପୃଥିବୀରେ ଅନେକ ବିପତ୍ତି ଦେଖାଦେବ । ତନ୍ମଧ୍ୟରୁ କେତେକ ମୋ ଜୀବଦ୍ଦଶାରେ ପ୍ରକଟିତ ହେବ ଓ ଅନ୍ୟ କେତେକ ମୋ ଅନ୍ତେ ପରିଦୃଷ୍ଟ ହେବ । ଅଲ୍ଲାଃତାଲା ଏହି କ୍ରମକୁ ବୃଦ୍ଧି କରିବେ । ତନ୍ମଧ୍ୟରୁ କେତେକ ହେବ ମୋ ମାଧ୍ୟମରେ ଓ ଅନ୍ୟ କେତେକ ମୋ ଦେହାନ୍ତ ପରେ ।

ଏହା ହିଁ ଅଲ୍ଲାଃତାଲାଙ୍କର ପରମ୍ପରା । ସେ ଯେଉଁ ସମୟରୁ ଭୂପୃଷ୍ଠରେ ମଣିଷ ସୃଷ୍ଟି କରିଛନ୍ତି, ସେହି ସମୟରୁ ଏହି ପରମ୍ପରାକୁ ସର୍ବଦା ପ୍ରକଟିତ କରି ଚାଲିଛନ୍ତି । ସେ ଆପଣା ଅବତାର (ନବୀ ଓ ରସୁଲ) ମାନଙ୍କୁ ସହାୟତା ପ୍ରଦାନ କରି ଆସୁଛନ୍ତି ଓ ସେମାନଙ୍କୁ ବିଜୟ ମଣ୍ଡିତ କରୁଛନ୍ତି । ପୁନଶ୍ଚ ଅଲ୍ଲାଃ କହୁଛନ୍ତି:

كَتَبَ اللّٰهُ لَاَغۡلِبَنَّ اَنَا وَرُسُلِيۡ

**କତବଲ୍ଲାହୁ ଲାଅଗ୍‌ଲିବନ୍ନା ଅନା ୱ ରୁସୁଲୀ**

'ବିଜୟ ମଣ୍ଡିତ କରୁଛନ୍ତି'ର ମର୍ମ ହେଉଛି, ଯେପରି ନବୀ ଓ ରସୁଲମାନେ ଏ ପ୍ରକାର କାମନା କରିଥାନ୍ତି ଯେ ଅଲ୍ଲାଃଙ୍କର କଥନ ଭୂପୃଷ୍ଠରେ ସତ୍ୟ ପ୍ରତିପାଦିତ ହେଉ ଏବଂ ଏହା ବିରୁଦ୍ଧରେ କୌଣସି ବ୍ୟକ୍ତି ପ୍ରତିବାଦ କରିବାକୁ ସକ୍ଷମ ନହେଉ, ସେହି ପରି ଅଲ୍ଲାଃତାଲା ଅପ୍ରତିହତ ନିଦର୍ଶନ ଦ୍ୱାରା ସେମାନଙ୍କ ସତ୍ୟବାଦୀତାକୁ ପ୍ରକଟିତ କରିଥାନ୍ତି । ଫଳରେ ଯେଉଁ ସତ୍ୟନିଷ୍ଠାକୁ ସେମାନେ ପୃଥିବୀରେ ପ୍ରସାରିତ କରିବାକୁ ଚାହାନ୍ତି, ସେହିମାନଙ୍କ ହାତରେ ସେ ତାହାରି ବୀଜ ବପନ କରାନ୍ତି । କିନ୍ତୁ ତାହାର ସମ୍ପୂର୍ଣ୍ଣ କାର୍ଯ୍ୟାନ୍ୱୟନ ସେମାନଙ୍କ ଦ୍ୱାରା କରାଇ ନଥାନ୍ତି, ବରଂ ଏପରି ସମୟରେ ସେମାନଙ୍କ ଜୀବନଦୀପକୁ ନିର୍ବାପିତ କରାଇ ଯାହା ମଧ୍ୟରେ

ପ୍ରକାଶ୍ୟରେ ଏକ ବ୍ୟର୍ଥ ହତାଶର ଭୟ ସଂଶ୍ଳିଷ୍ଟ ଥାଏ, ବିରୋଧୀମାନଙ୍କୁ ଯେପରି ଟାହିଟାପରା, ଉପହାସ ଓ ନିନ୍ଦା କରିବାର ଅବସର ମିଳିଯିବ, ସେପରି ଅବସର ଦିଅନ୍ତି । ଯେତେବେଳେ ସେମାନେ ତାଚ୍ଛଲ୍ୟ ଓ ବ୍ୟଙ୍ଗବିଦ୍ରୁପ କରି ସାରିଥାନ୍ତି, ସେତେବେଳେ ସେ ପୁନଶ୍ଚ ଏକ ନୂତନ ଶକ୍ତି ପ୍ରଦର୍ଶନ କରି ଏପରି ସାଧନ ସୃଷ୍ଟି କରନ୍ତି ଯାହା ମାଧ୍ୟମରେ ଯେଉଁ ସବୁ ଉଦ୍ଦେଶ୍ୟ ଯେତିକି ପରିମାଣରେ ଅପୂରଣୀୟ ରହି ଯାଇଥାଏ, ସେହିସବୁ ଉଦ୍ଦେଶ୍ୟ ସମ୍ପୂର୍ଣ୍ଣ ଭାବରେ ସାଧିତ ହୁଏ । ବସ୍ତୁତଃ ସେ ଦୁଇ ପ୍ରକାର ଶକ୍ତି ପ୍ରଦର୍ଶନ କରିଥାନ୍ତି, ଯଥା: ପ୍ରଥମତଃ ନବୀମାନଙ୍କ ହସ୍ତରେ ସ୍ୱୟଂ ଆପଣା ଶକ୍ତିର ପ୍ରଦର୍ଶନ କରନ୍ତି ଓ ଦ୍ୱିତୀୟତଃ ଯେବେ ନବୀଙ୍କର ଦେହାବସାନ ପରେ ସଙ୍କଟଜନକ ପରିସ୍ଥିତି ସୃଷ୍ଟି ହୁଏ, ଶତ୍ରୁମାନେ ବଳଶାଳୀ ହୁଅନ୍ତି ଓ ଭାବନ୍ତି ଯେ ଏବେ ତାଙ୍କ କାର୍ଯ୍ୟକ୍ରମ ଫସର ଫାଟିଗଲା । ଯାହା ଫଳରେ ଏବେ ସେହି ସମ୍ପ୍ରଦାୟ ଲୋପ ପାଇଯିବ ବୋଲି ସେମାନଙ୍କର ବିଶ୍ୱାସ ଜନ୍ମେ । ଏପରିକି ସମ୍ପ୍ରଦାୟଭୁକ୍ତ ଲୋକମାନେ ମଧ୍ୟ ବ୍ୟସ୍ତ ବିବ୍ରତ ହୋଇ ପଡନ୍ତି ତଥା ସେମାନଙ୍କ ନିଜ ଶକ୍ତି ହ୍ରାସ ପାଏ ଓ ସେମାନଙ୍କ ମଧ୍ୟରୁ କେତେକ ଅଭାଗା ସ୍ୱଧର୍ମ ତ୍ୟାଗ କରିବା ପଥକୁ ଆଦରି ନିଅନ୍ତି । ସେତିକି ବେଳେ ଈଶ୍ୱର ଦ୍ୱିତୀୟ ଥର ପାଇଁ ନିଜର ସର୍ବଶ୍ରେଷ୍ଠ ପରାକ୍ରମ ପ୍ରଦର୍ଶନ କରନ୍ତି ଓ ପତନୋନ୍ମୁଖୀ ସମ୍ପ୍ରଦାୟକୁ ସମ୍ଭାଳି ନିଅନ୍ତି । ତେଣୁ ଯେଉଁ ବ୍ୟକ୍ତି ଶେଷ ପର୍ଯ୍ୟନ୍ତ ଧୈର୍ଯ୍ୟ ଧାରଣ କରିବ, ସେ ଅଲ୍ଲାଃଙ୍କର ଏହି ଅଲୌକିକ କାର୍ଯ୍ୟଧାରାକୁ ଅବଲୋକନ କରିବ । ଦୃଷ୍ଟାନ୍ତ ସ୍ୱରୂପ, ସତ୍ୟବାଦୀ ହଜରତ୍ ଅବୁବକର[ରଅ] ଙ୍କ ସମୟ କଥା ନିଆଯାଉ । ଯେତେବେଳେ ଲୋକମାନେ ହଜରତ୍ ମୁହମ୍ମଦ[ସଅ] ଙ୍କ ଦେହାବସାନକୁ ଏକ ଅକାଳ ମୃତ୍ୟୁ ବିବେଚନା କଲେ, ସେତେବେଳେ ଅନେକ ଅଜ୍ଞ ବନବାସୀ ସ୍ୱଧର୍ମ ତ୍ୟାଗ କରି ଚାଲିଗଲେ ଓ ମହାପୁରୁଷ ମୁହମ୍ମଦ[ସଅ] ଙ୍କ ସହଚର (ସହାବା)ମାନେ ମଧ୍ୟ ଦୁଃଖରେ ମ୍ରିୟମାଣ ହୋଇ ପାଗଳପ୍ରାୟ ବ୍ୟବହାର ପ୍ରଦାର୍ଶନ କଲେ । ଏହାର ପରିଣାମ ସ୍ୱରୂପ ଅଲ୍ଲାଃତାଲା ହଜରତ ଅବୁବକର[ରଅ] ଙ୍କୁ ମନୋନୀତ କରି ପୁନର୍ବାର ନିଜର ଶକ୍ତି

ପ୍ରଦର୍ଶନ କଲେ ଓ ସଙ୍କଟାପନ୍ନ ଅବସ୍ଥାରେ ଥିବା ଇସ୍‌ଲାମ୍ ଧର୍ମକୁ ରକ୍ଷା କରି ନିଜ ପ୍ରତିଶ୍ରୁତି ପୂରଣ କଲେ ।

وَلَيُمَكِّنَنَّ لَهُمْ دِينَهُمُ الَّذِي ارْتَضَىٰ لَهُمْ وَلَيُبَدِّلَنَّهُم مِّن بَعْدِ خَوْفِهِمْ أَمْنًا

ଅର୍ଥାତ୍ 'ଭୟାତୁର ପରିସ୍ଥିତି ଉତ୍ତାରୁ ଆମ୍ଭେ ସେମାନଙ୍କ ପାଦକୁ ସୁଦୃଢ଼ କରିଦେଲୁ ।' ଏହିପରି ଘଟଣା ହଜରତ୍ ମୁସା[ଅସ]ଙ୍କ ସମୟରେ ମଧ୍ୟ ଘଟିଥିଲା । ହଜରତ୍ ମୁସା[ଅସ] ଇସ୍ରାଇଲ୍ ବଂଶଜ ଲୋକ (ବନି ଇସ୍ରାଇଲ)ମାନଙ୍କୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇ ଦେବା ସକାଶେ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ସେ ମିଶର୍ ଓ କନାନ୍ ବାଟ ଦେଇ ଲକ୍ଷ୍ୟସ୍ଥଳକୁ ଗମନ କରୁଥିବା ବେଳେ ରାସ୍ତାରେ ମୃତ୍ୟବରଣ କଲେ । ଫଳରେ ତାଙ୍କ ମୃତ୍ୟୁ ଯୋଗୁଁ ବନି ଇସ୍ରାଇଲ୍‌ମାନଙ୍କ ମଧ୍ୟରେ ଏକ ଭୟାବହ ଶୋକାକୁଳ ପରିସ୍ଥିତି ସୃଷ୍ଟି ହେଲା । ଏ ସମ୍ବନ୍ଧରେ ତୌରାତ୍ (ପୁରାତନ ସମାଚାର) ରେ ଏହିପରି ବର୍ଣ୍ଣନା କରାଯାଇଛି । 'ବନି ଇସ୍ରାଇଲ୍‌ମାନେ ଏପରି ମୃତ୍ୟୁଜନିତ ଶୋକ ଯୋଗୁଁ ତଥା ହଜରତ୍ ମୁସା[ଅସ]ଙ୍କ ସହସା ବିଚ୍ଛେଦ ଯୋଗୁଁ ଚାଳିଶ ଦିନ ପର୍ଯ୍ୟନ୍ତ ବିଳାପରେ ରତ ଥିଲେ' । ହଜରତ୍ ଇସା[ଅସ] (ଯୀଶୁଖ୍ରୀଷ୍ଟ)ଙ୍କ ସମୟରେ ଅନୁରୂପ ଘଟଣା ଘଟିଥିଲା । ତାଙ୍କୁ କ୍ରୁଶବିଦ୍ଧ କରାଯିବା ବେଳେ ତାଙ୍କର ସମସ୍ତ ସହଚର (ହୱାରୀ) ଛିନ୍ନଛତ୍ର ହୋଇ ପଳାୟନ କଲେ ଓ ତନ୍ମଧ୍ୟରୁ ଜଣେ ସ୍ୱଧର୍ମ ତ୍ୟାଗ କରି ବିଧର୍ମୀ ହୋଇଯାଇ ଥିଲା ।

ତେଣୁ ହେ ବନ୍ଧୁଗଣ ! ପ୍ରାଚୀନ କାଳରୁ ଏହା ହିଁ ଅଲ୍ଲାଃତାଲାଙ୍କର ପରମ୍ପରା ଚାଲି ଆସୁଛି । ଅର୍ଥାତ୍ ଅଲ୍ଲାଃତାଲା ଏପରି ଦୁଇଗୋଟି ପରାକ୍ରମ ପ୍ରଦର୍ଶନ କରନ୍ତି, ଯାହା ଫଳରେ ବିରୋଧିମାନଙ୍କର ଦୁଇଗୋଟି ତଥାକଥିତ ଉଲ୍ଲାସକୁ ସେ ପଦଦଳିତ କରିଦିଅନ୍ତି । ଏଣୁ ବର୍ତ୍ତମାନ ମଧ୍ୟ ଅଲ୍ଲାଃତାଲା ନିଜର ପ୍ରାଚୀନ ପରମ୍ପରାକୁ କେବେ ପରିତ୍ୟାଗ କରିବେ ନାହିଁ । ସୁତରାଂ ମୁଁ ତୁମମାନଙ୍କ ନିକଟରେ ଯେଉଁ ବିଷୟ ବର୍ଣ୍ଣନା କରିଛି, ସେଥିପାଇଁ ଦୁଃଖିତ ହୁଅ ନାହିଁ ଏବଂ ତୁମମାନଙ୍କ ହୃଦୟ ବ୍ୟସ୍ତ ବିବ୍ରତ ନ ହେଉ । କାରଣ

ତୁମମାନଙ୍କ ପକ୍ଷରେ ଅଲ୍ଲାଃତାଲାଙ୍କର ଦ୍ୱିତୀୟ ପରାକ୍ରମକୁ ଦେଖିବା ଅନିବାର୍ଯ୍ୟ । ତାହାର (ଦ୍ୱିତୀୟ ପରାକ୍ରମର) ଆଗମନ ତୁମମାନଙ୍କ ସକାଶେ ଉତ୍କୃଷ୍ଟ ହେବ । କାରଣ ତାହା ଚିରସ୍ଥାୟୀ, ଯାହାର କ୍ରମ ପ୍ରଳୟ ପର୍ଯନ୍ତ ବିଚ୍ଛିନ୍ନ ହେବ ନାହିଁ । ପୁନଶ୍ଚ ମୋର ପ୍ରସ୍ଥାନ ନହେବା ପର୍ଯ୍ୟନ୍ତ ସେହି ଦ୍ୱିତୀୟ ଶକ୍ତିର ଆଗମନ ସମ୍ଭବ ନୁହେଁ । ମାତ୍ର ମୁଁ ଯେବେ ଚାଲିଯିବି, ସେତେବେଳେ ଅଲ୍ଲାଃ ତୁମମାନଙ୍କ ପାଇଁ ସେହି ଦ୍ୱିତୀୟ ଶକ୍ତିକୁ ପ୍ରେରଣ କରିବେ ଯାହା ତୁମମାନଙ୍କ ସାଙ୍ଗରେ  ସର୍ବଦା ରହିବ । ଏ ସଂକ୍ରାନ୍ତ ପ୍ରତିଶ୍ରୁତି 'ବରାହିନେ ଅହମଦିୟା' ପୁସ୍ତକରେ ଲିପିବଦ୍ଧ ହୋଇଛି । ସେହି ପ୍ରତିଶ୍ରୁତି ବ୍ୟକ୍ତିଗତ ଭାବରେ ମୋ ସମ୍ପର୍କରେ ଦିଆଯାଇ ନାହିଁ । ବରଂ ତାହା ତୁମମାନଙ୍କ ସମ୍ପର୍କରେ ଦିଆଯାଇଛି । ସୁତରାଂ ଅଲ୍ଲାଃତାଲା କହିଛନ୍ତି : 'ଆମ୍ଭେ ପ୍ରଳୟ ପର୍ଯ୍ୟନ୍ତ ତୁମର ଅନୁଗାମୀ ଗୋଷ୍ଠୀ (ଜମାଅତ)କୁ ଅନ୍ୟମାନଙ୍କ ଉପରେ ଆଧିପତ୍ୟ ଅର୍ପଣ କରିବୁ । ତେଣୁ ତୁମମାନଙ୍କ ଠାରୁ ମୋର ବିଦାୟ ହେବା ଅନିବାର୍ଯ୍ୟ ଓ ଏହା ପରେ ହିଁ ପ୍ରତିଶ୍ରୁତି ପାଳନ ଜନିତ ସ୍ଥାୟୀ ଦିବସଟି ଆସିବ । ଆମର ସେହି ଅଲ୍ଲାଃ ପ୍ରତିଶ୍ରୁତି ଦେବାରେ ନିଷ୍ଠାପର, ବିଶ୍ୱସନୀୟ ଓ ସତ୍ୟନିଷ୍ଠ ଅଟନ୍ତି । ସେ ଯେଉଁ ଯେଉଁ ବିଷୟରେ ପ୍ରତିଶ୍ରୁତି ଦେଇଛନ୍ତି, ସେ ସବୁ ତୁମମାନଙ୍କ ନିକଟରେ ପ୍ରଦର୍ଶନ କରିବେ । ଯଦିଚ ଏହି ସମୟ ପୃଥିବୀର ଅନ୍ତିମ ସମୟ ଅଟେ ଓ ଏହି ସମୟ ମଧ୍ୟରେ ବହୁବିଧ ବିପତ୍ତି ଆସିବା ଅବଶ୍ୟମ୍ଭାବୀ । ତଥାପି ଅଲ୍ଲାଃ ଯେଉଁ ସବୁ ବିଷୟରେ ଜଣାଇ ଦେଇଛନ୍ତି, ସେ ସବୁ ନ ଘଟିବା ପର୍ଯ୍ୟନ୍ତ ଏହି ପୃଥିବୀ ଅବଶ୍ୟ ତିଷ୍ଠି ରହିବ । ମୁଁ ଅଲ୍ଲାଃଙ୍କ ତରଫରୁ ଏକ ଶକ୍ତି ସ୍ୱରୂପ ଆବିର୍ଭାବ ହୋଇଛି । ମୁଁ ଅଲ୍ଲାଃଙ୍କର ଏକ ମୂର୍ତ୍ତିମନ୍ତ ଶକ୍ତିର ପ୍ରତୀକ । ମୋ ଅନ୍ତେ ଅନ୍ୟ କେତେକ ଦେହଧାରୀ ଜନ୍ମଗ୍ରହଣ କରିବେ । ସେମାନଙ୍କ ରୂପରେ ଦ୍ୱିତୀୟ ଶକ୍ତି ପ୍ରଦର୍ଶିତ ହେବ । ତେଣୁ ତୁମେମାନେ ଅଲ୍ଲାଃଙ୍କର ଦ୍ୱିତୀୟ ଦିବ୍ୟଶକ୍ତିର ପ୍ରତୀକ୍ଷାରେ ସମବେତ ହୋଇ ପ୍ରାର୍ଥନା କରୁଥାଅ । ଧର୍ମପ୍ରାଣ ଗୋଷ୍ଠୀ ପ୍ରତ୍ୟେକ ଦେଶରେ ଏକତ୍ରିତ ହୋଇ ପ୍ରାର୍ଥନାରେ ଲାଗି ପଡ଼ନ୍ତୁ । ତାହାହେଲେ ଦ୍ୱିତୀୟ ଶକ୍ତି ଆକାଶରୁ ଅବତରିତ ହୋଇ ତୁମମାନଙ୍କୁ ଦେଖାଇ ଦେବ ଯେ

ତୁମମାନଙ୍କର ଅଲ୍ଲାଃ ଏହି ରୂପେ ସର୍ବଶକ୍ତିମାନ ଅଲ୍ଲାଃ ଅଟନ୍ତି । ତୁମମାନଙ୍କର ମୃତ୍ୟୁ ଆସନ୍ନ ବୋଲି ଚିନ୍ତା କର । ସେହି ମୁହୂର୍ତ୍ତ କେତେବେଳେ ଯେ ଆସିଯିବ, ତାହା ତୁମମାନଙ୍କୁ ଜଣା ନାହିଁ ଏବଂ ଏହା ମଧ୍ୟ ଆବଶ୍ୟକ ଯେ ଜମାଅତର ପବିତ୍ର ବର୍ଷିୟାନ୍ ଆତ୍ମାମାନେ ମୋ ନାମରେ ମୋ ପରେ ଆସିବା ବ୍ୟକ୍ତିମାନଙ୍କ ଠାରୁ ବୟତ (ଦୀକ୍ଷା) ଗ୍ରହଣ କରନ୍ତୁ* । ୟୁରୋପ ହେଉ କି ଏସିଆ, ଯେଉଁ ଲୋକମାନେ ପୃଥିବୀର ବିଭିନ୍ନ ସ୍ଥାନରେ ବାସ କରୁଛନ୍ତି, ସେମାନଙ୍କ ମଧ୍ୟରୁ ଯେଉଁମାନଙ୍କର ସ୍ୱଭାବ ଉତ୍ତମ ସେ ସମସ୍ତଙ୍କୁ ଏକେଶ୍ୱରବାଦ ପ୍ରତି ଆକର୍ଷଣ କରିବାକୁ ଅଲ୍ଲାଃ ଚାହୁଁଛନ୍ତି ଏବଂ ଲୋକମାନଙ୍କୁ ଏକେଶ୍ୱରବାଦ ଭିତ୍ତିକ ଧର୍ମପୀଠରେ ଏକତ୍ରିତ କରାଇବା ଅଲ୍ଲାଃତାଲାଙ୍କର ଅଭିପ୍ରାୟ । ଏହି ଉଦ୍ଦେଶ୍ୟ ପାଇଁ ମୁଁ ଏହି ପୃଥିବୀରେ ପ୍ରେରିତ ହୋଇଛି । ତେଣୁ ତୁମେମାନେ ଏହି ଅଭିପ୍ରାୟର ଅନୁସରଣ କର । କିନ୍ତୁ ଏଥିପାଇଁ ତୁମମାନଙ୍କୁ କୋମଳ ମନୋବୃତ୍ତି ସମ୍ପନ୍ନ ହେବାକୁ ପଡ଼ିବ, ଚରିତ୍ରବାନ୍ ହେବାକୁ ପଡ଼ିବ ଓ ଦୁଆ (ପ୍ରାର୍ଥନା) ଉପରେ ଗୁରୁତ୍ୱ ଦେବାକୁ ହେବ । ଅଧିକନ୍ତୁ ଯେ ପର୍ଯ୍ୟନ୍ତ ଅଲ୍ଲାଃଙ୍କଠାରୁ ପୁଣ୍ୟାତ୍ମା ପ୍ରାପ୍ତ ହୋଇ କେହି

---

* ଏପରି ବ୍ୟକ୍ତିମାନଙ୍କର ନିର୍ବାଚନ ଧର୍ମନିଷ୍ଠ ମୁସଲମାନମାନଙ୍କର ସହମତି କ୍ରମେ ହେବ । ତେଣୁ ଯେଉଁ ବ୍ୟକ୍ତିଙ୍କ ସମ୍ପର୍କରେ ଚାଳିଶ ଜଣ ଧର୍ମନିଷ୍ଠ ମୁସଲମାନ ଏକମତ ହେବେ, ସେ ମୋ ନାମରେ ଦୀକ୍ଷା ଗ୍ରହଣ କରିବାକୁ କ୍ଷମତା ପ୍ରାପ୍ତ । ସେ ଅନ୍ୟମାନଙ୍କ ସମକ୍ଷରେ ନିଜକୁ ଆଦର୍ଶ ପ୍ରତିପାଦିତ କରିବା ପ୍ରୟୋଜନ । ଅଲ୍ଲାଃତାଲା ମୋତେ ଜଣାଇ ଦେଇଛନ୍ତି ଯେ ଜମାଅତ୍ ପାଇଁ ମୋ ଔରସରୁ ଜଣେ ବ୍ୟକ୍ତିଙ୍କୁ ପ୍ରତିଷ୍ଠିତ କରିବେ ଏବଂ ତାହାକୁ ନିଜ ସାମୀପ୍ୟ ଓ ଦିବ୍ୟବାଣୀ ଲାଭ କରିବାକୁ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିବେ । ତାଙ୍କ ମାଧ୍ୟମରେ ସତ୍ୟର ଶ୍ରୀବୃଦ୍ଧି କରିବେ । ଫଳରେ ବହୁ ବ୍ୟକ୍ତି ସେହି ସତ୍ୟକୁ ଗ୍ରହଣ କରିବେ । ତେଣୁ ତୁମେମାନେ ସେହି ଦିବସକୁ ପ୍ରତୀକ୍ଷା କର ଏବଂ ଏହା ମଧ୍ୟ ସ୍ମରଣ ରଖ ଯେ ପ୍ରତ୍ୟେକ ବ୍ୟକ୍ତିର ଚିହ୍ନଟ ତାଙ୍କ ନିଜ ସମୟରେ ହିଁ ହୋଇଥାଏ । ସମୟ ପୂର୍ବରୁ ସେ ଜଣେ ସାଧାରଣ ବ୍ୟକ୍ତି ଭାବରେ ପରିଦୃଷ୍ଟ ହେବା ମଧ୍ୟ ସମ୍ଭବପର । ସେହିପରି କେତେକ ସନ୍ଦିହାନ ଚିନ୍ତାଧାରା ଯୋଗୁଁ ତାହାଙ୍କୁ ଏପରି ଆପତ୍ତିଜନକ ବ୍ୟକ୍ତି ରୂପେ ବିବେଚନା କରାଯାଇପାରେ, ଯେପରି ଜଣେ ପୂର୍ଣ୍ଣାଙ୍ଗ ମନୁଷ୍ୟ ସମୟ ପୂର୍ବରୁ ମାତୃଗର୍ଭରେ କେବଳ ଏକ ଶୁକ୍ର କଣିକା ଅବା ମାଂସପିଣ୍ଡ ଭାବରେ ଥାଏ ।

ସାମ୍ନାକୁ ଆସି ନାହାନ୍ତି, ସେ ପର୍ଯ୍ୟନ୍ତ ତୁମେମାନେ ସମସ୍ତେ ମୋ ଅନ୍ତେ ମିଳିମିଶି କାର୍ଯ୍ୟ କରୁଥାଅ ।

ତୁମେମାନେ ସହାନୁଭୂତି କ୍ଷେତ୍ରରେ ଓ ନିଜ ଆତ୍ମାକୁ ପବିତ୍ର କରିବା କ୍ଷେତ୍ରରେ ପବିତ୍ର ଆତ୍ମା ଠାରୁ ଅଂଶଗ୍ରହଣ କର, ଯାହାଙ୍କ ବ୍ୟତିରେକେ ଅଲ୍ଲାଃଙ୍କୁ ବାସ୍ତବରେ ଭୟ କରିବାର ସୌଭାଗ୍ୟ ପ୍ରାପ୍ତ ହେବ ନାହିଁ । ତୁମେମାନେ ସମ୍ପୂର୍ଣ୍ଣ ରୂପେ ଇନ୍ଦ୍ରିୟ ସୁଖ ପରିତ୍ୟାଗ କରି ଅଲ୍ଲାଃଙ୍କର ସନ୍ତୋଷ ପ୍ରାପ୍ତି ସକାଶେ ସେହି ପଥ ଅବଲମ୍ବନ କର, ଯାହା ତାହାଠାରୁ ଆଉ ଅଧିକ ସଂକୀର୍ଣ୍ଣ ପଥ ନାହିଁ । ସାଂସାରିକ ସୁଖରେ ବିମୋହିତ ହୁଅ ନାହିଁ, କାରଣ ତାହା ତୁମମାନଙ୍କୁ ଅଲ୍ଲାଃଙ୍କ ଠାରୁ ବିଚ୍ଛିନ୍ନ କରିଦିଏ । ତେଣୁ ତୁମେମାନେ ଅଲ୍ଲାଃଙ୍କ ସକାଶେ କଷ୍ଟକର ଜୀବନଯାପନ କର । ଯେଉଁ କଷ୍ଟ ଯୋଗୁଁ ଅଲ୍ଲାଃ ସନ୍ତୁଷ୍ଟ ହୁଅନ୍ତି ତାହା ସେହି ସୁଖଠାରୁ ଉତ୍କୃଷ୍ଟ, ଯାହା ଯୋଗୁଁ ଅଲ୍ଲାଃ ଅସନ୍ତୁଷ୍ଟ ହୁଅନ୍ତି । ସେହିପରି ଯେଉଁ ପରାଜୟ ଯୋଗୁଁ ଅଲ୍ଲାଃ ସନ୍ତୁଷ୍ଟ ହୁଅନ୍ତି, ତାହା ସେହି ବିଜୟଠାରୁ ଉତ୍କୃଷ୍ଟ ଯାହା ଅଲ୍ଲାଃଙ୍କ ପ୍ରକୋପର କାରଣ ହୁଏ । ଯେଉଁ ପ୍ରେମ ଅଲ୍ଲାଃଙ୍କ ପ୍ରକୋପକୁ ନିକଟବର୍ତ୍ତୀ କରାଏ ତାହାକୁ ତ୍ୟାଗ କର । ଯଦି ତୁମେମାନେ ନିର୍ମଳ ହୃଦୟରେ ତାଙ୍କ ଅଭିମୁଖେ ଆସିବ, ତେବେ ପ୍ରତ୍ୟେକ ରାସ୍ତାରେ ସେ ତୁମମାନଙ୍କୁ ସାହାଯ୍ୟ କରିବେ ଏବଂ କୌଣସି ଶତ୍ରୁ ତୁମମାନଙ୍କର କୌଣସି କ୍ଷତି କରିପାରିବ ନାହିଁ । ଯେ ପର୍ଯ୍ୟନ୍ତ ତୁମେମାନେ ନିଜ ପସନ୍ଦ ତ୍ୟାଗ କରି, ନିଜ ସୁଖ ତ୍ୟାଗ କରି, ନିଜ ସମ୍ମାନ ତ୍ୟାଗ କରି, ନିଜ ଧନସମ୍ପତ୍ତି ତ୍ୟାଗ କରି ଓ ନିଜ ଜୀବନ ତ୍ୟାଗ କରି ତାହାଙ୍କ ପଥରେ ଏପରି କଷ୍ଟ ନସହିଛ, ଯାହାକି ମୃତ୍ୟୁର କରାଳ ଦୃଶ୍ୟ ତୁମମାନଙ୍କ ସମ୍ମୁଖରେ ଦେଖାଏ, ସେ ପର୍ଯ୍ୟନ୍ତ ତୁମେମାନେ କଦାପି ଅଲ୍ଲାଃଙ୍କର ସନ୍ତୋଷ ଲାଭ କରିପାରିବ ନାହିଁ । ଯଦି ତୁମେମାନେ ସେପରି କଷ୍ଟକର ଅବସ୍ଥାକୁ ଅତିକ୍ରମ କରିଯିବ, ତେବେ ତୁମେମାନେ ଏକ ପ୍ରିୟ ସନ୍ତାନ ସଦୃଶ ଅଲ୍ଲାଃଙ୍କ କୋଳକୁ ଆସିଯିବ । ଯେଉଁ ପୁଣ୍ୟବାନ ବ୍ୟକ୍ତିମାନେ ତୁମମାନଙ୍କ ପୂର୍ବରୁ ଚାଲି ଯାଇଛନ୍ତି, ତୁମେ ମଧ୍ୟ ସେମାନଙ୍କର ଉତ୍ତରାଧିକାରୀ ହେବ । ତୁମମାନଙ୍କ

ପାଇଁ ସମୃଦ୍ଧିର ପ୍ରତ୍ୟେକ ଦ୍ୱାର ଉନ୍ମୁକ୍ତ ହେବ । କିନ୍ତୁ ଏପରି ଲୋକଙ୍କ ସଂଖ୍ୟା କମ୍ । ମୋତେ ସମ୍ବୋଧନ କରି ଅଲ୍ଲାଃତାଲା କହିଛନ୍ତି ଯେ ଅଲ୍ଲାଃଙ୍କ ପ୍ରତି ଭୟ ପୋଷଣ (ତକ୍‌ୱା ଅବଲମ୍ବନ) କରିବା ଏପରି ଏକ ବୃକ୍ଷ ସଦୃଶ, ଯାହାକୁ ହୃଦୟ ମଧ୍ୟରେ ରୋପଣ କରିବା ଆବଶ୍ୟକ । ଯେଉଁ ଜଳ ଦ୍ୱାରା ତକ୍‌ୱା(ଈଶ୍ୱର ଭୟ)ର ଲାଳନପାଳନ ହୋଇଥାଏ, ତାହା ସମଗ୍ର ଉଦ୍ୟାନକୁ ପ୍ଲାବିତ କରିଥାଏ । ତକ୍‌ୱା ଏପରି ଏକ ମୂଳଭିତ୍ତି ଯେ ଯଦି ତାହା ନାହିଁ, ତେବେ ସବୁକିଛି ତୁଚ୍ଛ । ଯଦି ତାହା ତିଷ୍ଠି ରହିବ ତେବେ ସବୁ କିଛ ତିଷ୍ଠି ରହିବ । ଯେଉଁ ବ୍ୟକ୍ତି ଅଲ୍ଲାଃଙ୍କ ପ୍ରତି ସ୍ପୃହା ପୋଷଣ କରୁଥିବାର ଦାବି କରେ ଅଥଚ ଯଥୋଚିତ ପଦକ୍ଷେପ ଗ୍ରହଣ କରେ ନାହିଁ, ତାକୁ ଏହି ମୂଲ୍ୟହୀନ କାର୍ଯ୍ୟରୁ କ'ଣ ବା ଲାଭ ମିଳିବ ? ମୁଁ ତୁମମାନଙ୍କୁ କେବଳ ସତ୍ୟ କହୁଛି ଯେ ଯେଉଁ ବ୍ୟକ୍ତି ଧର୍ମାଚରଣ ସହିତ ସାଂସାରିକ ବିଷୟକୁ ମିଶ୍ରଣ କରେ, ସେ ଧ୍ୱଂସପ୍ରାୟ ହୋଇଯାଇଛି । ଯେଉଁ ବ୍ୟକ୍ତିଙ୍କର ସକଳ କାମନା ଅଲ୍ଲାଃଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ, ବରଂ କେତେକ ଅଲ୍ଲାଃଙ୍କ ପାଇଁ ଓ ଅନ୍ୟ କେତେକ ସଂସାର ପାଇଁ, ସେହି ବ୍ୟକ୍ତି ପାଇଁ ନର୍କ ଅତି ନିକଟରେ ଅଛି । ତେଣୁ ଯଦି ତୁମେମାନେ ନିଜ ଉଦ୍ଦେଶ୍ୟ ମଧ୍ୟରେ ସାମାନ୍ୟତମ ସାଂସାରିକତା ମିଶ୍ରଣ କରିଥାଅ, ତେବେ ତୁମମାନଙ୍କର ସକଳ ଉପାସନା ବୃଥା । ଏପରି ପରିସ୍ଥିତିରେ ତୁମେମାନେ ଅଲ୍ଲାଃଙ୍କର ଅନୁସରଣ କରୁନାହଁ, ବରଂ ଶୈତାନର ଅନୁସରଣ କରୁଛ । ଏପରି ସ୍ଥିତିରେ ତୁମମାନଙ୍କୁ ଅଲ୍ଲାଃ ସାହାଯ୍ୟ କରିବେ ବୋଲି ଆଦୌ ଆଶା ରଖନାହିଁ । ବସ୍ତୁତଃ ତୁମେମାନେ ଏପରି ଅବସ୍ଥାରେ ଭୂମିର କୀଟ ସଦୃଶ ପଡି ରହିଛ । ଯେପରି କୀଟମାନଙ୍କର ମୃତ୍ୟୁ ହୋଇଥାଏ, ତୁମାନଙ୍କର ମଧ୍ୟ ଅଳ୍ପ ଦିନରେ ସେହିପରି ମୃତ୍ୟୁ ହେବ । ତୁମମାନଙ୍କର ଅନ୍ତଃକରଣରେ ଅଲ୍ଲାଃ ନଥିବେ, ବରଂ ତୁମମାନଙ୍କ ମରଣରେ ଅଲ୍ଲାଃ ସନ୍ତୋଷ ଲାଭ କରିବେ । ଯଦି ବାସ୍ତବରେ ତୁମେମାନେ ଇନ୍ଦ୍ରିୟଗୁଡିକୁ ବଶୀଭୁତ କରିବ, ତେବେ ଅଲ୍ଲାଃଙ୍କ ଛାମୁରେ ପ୍ରକଟିତ ହେବ । ଅଲ୍ଲାଃ ତୁମମାନଙ୍କ ସହିତ ସେହି ଘରେ ରହିଥିବେ, ଯେଉଁ ଘରେ ତୁମେମାନେ ରହୁଥିବ । ସେହି ଗୃହ ପ୍ରାଚୁର୍ଯ୍ୟରେ ପରିପୂର୍ଣ୍ଣ

ହେବ, ଯେଉଁ ଗୃହରେ ତୁମେମାନେ ରହୁଥିବ । ତାହାର କାନ୍ଥଗୁଡିକ ଉପରେ ଅଲ୍ଲାଃଙ୍କର କରୁଣା ଅବତରଣ କରିବ । ଯେଉଁ ସହରରେ ଏଭଳି ବ୍ୟକ୍ତି ବାସ କରୁଥିବେ, ସେହି ସହର ମଧ୍ୟ ପ୍ରାଚୁର୍ଯ୍ୟରେ ପରିପୂର୍ଣ୍ଣ ହୋଇଯିବ । ଯଦି ତୁମମାନଙ୍କର ଜୀବନ ଓ ତୁମାନଙ୍କର ମୃତ୍ୟୁ, ତୁମମାନଙ୍କର ପ୍ରତ୍ୟେକ କାର୍ଯ୍ୟ ତଥା ତୁମମାନଙ୍କର କୋମଳତା ଓ କଠୋରତା କେବଳ ଅଲ୍ଲାଃଙ୍କ ସନ୍ତୋଷ ଲାଭ ପାଇଁ ହୋଇଥିବ ଏବଂ ପ୍ରତ୍ୟେକ ପ୍ରକାର ଅସୁବିଧା ଓ ବିପତ୍ତି ସମୟରେ ତୁମେ ଅଲ୍ଲାଃଙ୍କୁ ପରୀକ୍ଷା କରିବ ନାହିଁ କି ତାଙ୍କଠାରୁ ସମ୍ପର୍କ ଛିନ୍ନ କରିବ ନାହିଁ, ବରଂ ଆଗକୁ ବଢିବା ପାଇଁ ପଦକ୍ଷେପ ନେବ । ତେବେ ମୁଁ ସତ୍ୟ କହୁଛି ଯେ ତୁମେମାନେ ଅଲ୍ଲାଃଙ୍କର ଏକ ସ୍ୱତନ୍ତ୍ର ଗୋଷ୍ଠୀରେ ପରିଣତ ହେବ । ତୁମେମାନେ ଯେପରି ମନୁଷ୍ୟ, ମୁଁ ମଧ୍ୟ ସେପରି ଜଣେ ମନୁଷ୍ୟ ଏବଂ ମୋର ଯିଏ ପ୍ରଭୁ ତୁମମାନଙ୍କର ମଧ୍ୟ ସିଏ ପ୍ରଭୁ । ତେଣୁ ତୁମେମାନେ ନିଜର ଦିବ୍ୟଶକ୍ତିକୁ ନଷ୍ଟ କର ନାହିଁ । ଯଦି ତୁମେମାନେ ସଂପୂର୍ଣ୍ଣ ରୂପେ ଅଲ୍ଲାଃଙ୍କ ପ୍ରତି ଅବନତ ହେବ, ତେବେ ତୁମେମାନେ ଅଲ୍ଲାଃଙ୍କ ସମୀପରେ ଏକ ବିଶିଷ୍ଟ ମନୋନୀତ ବର୍ଗରେ ପରିଣତ ହେବ । ମନେରଖ ! ଏ ବିଷୟ ମୁଁ ଅଲ୍ଲାଃଙ୍କ ଇଚ୍ଛା ଅନୁକ୍ରମେ ତୁମମାନଙ୍କୁ କହୁଛି । ଅଲ୍ଲାଃଙ୍କର ମହିମା ନିଜ ହୃଦୟରେ ସ୍ଥାପନ କର ଓ ଏକେଶ୍ୱରବାଦର ସ୍ୱୀକୃତି କେବଳ ମୁହଁରେ ନୁହେଁ, ବରଂ ତାହାକୁ ବ୍ୟାବହାରିକ ଦୃଷ୍ଟିରୁ କାର୍ଯ୍ୟରେ ଲଗାଅ । ତା'ହେଲେ ଅଲ୍ଲାଃ ମଧ୍ୟ ବ୍ୟାବହାରିକ ଦୃଷ୍ଟିରୁ ତୁମମାନଙ୍କ ଉପରେ ନିଜର ସନ୍ତୋଷ ଓ କୃପା ପ୍ରକଟିତ କରିବେ । ଈର୍ଷା ପରାୟଣ ହୁଅ ନାହିଁ । ଯଥୋଚିତ ସମବେଦନା ସହ ମାନବ ସମାଜ ସହିତ ବ୍ୟବହାର କର । ପୁଣ୍ୟ ଭିତ୍ତିକ ପ୍ରତ୍ୟେକ ପଥକୁ ଅବଲମ୍ବନ କର । କିଏ ଜାଣେ, କେଉଁ ପଥ ଅବଲମ୍ବନ କଲେ ତୁମେମାନେ ଈଶ୍ୱରଙ୍କ ଠାରେ ଗ୍ରହୀତ ହେବ ।

ତୁମମାନଙ୍କ ସକାଶେ ସାନ୍ନିଧ ଲାଭ କରିବା କ୍ଷେତ୍ର ଖାଲି ପଡ଼ିଛି ବୋଲି ମୁଁ ତୁମମାନଙ୍କୁ ସୁସମାଚାର ଦେଉଛି । ପ୍ରତ୍ୟେକ ଜାତି ପାର୍ଥିବ ପ୍ରେମରେ ମଗ୍ନ ରହିଛି । ଯେଉଁ ବିଷୟରେ ଅଲ୍ଲାଃ ସନ୍ତୁଷ୍ଟ ହେବେ, ସେଥି ପ୍ରତି

ସଂସାରବାସୀ ଧ୍ୟାନ ଦେଉ ନାହାନ୍ତି । ଯେଉଁମାନେ ପ୍ରସନ୍ନ ପ୍ରାପ୍ତି ଦ୍ୱାରରେ ନିଜର ସମସ୍ତ ଶକ୍ତି ପ୍ରୟୋଗ କରି ପ୍ରବେଶ କରିବାକୁ ଇଚ୍ଛା କରୁଛନ୍ତି, ସେମାନଙ୍କର ନିଜ ପ୍ରତିଭା ପ୍ରଦର୍ଶନ କରିବାକୁ ସୁଯୋଗ ରହିଛି । ଫଳରେ ସେମାନେ ଅଲ୍ଲାଃଙ୍କଠାରୁ ସ୍ୱତନ୍ତ୍ର ପୁରସ୍କାର ପ୍ରାପ୍ତ ହେବେ । ଅଲ୍ଲାଃତାଲା ତୁମର ସର୍ବନାଶ କରିଦେବେ ବୋଲି ଚିନ୍ତା କର ନାହିଁ । ତୁମେମାନେ ଅଲ୍ଲାଃଙ୍କ ଦ୍ୱାରା ଭୂମିରେ ବପନ କରାଯାଇଥିବା ଏକ ବୀଜ ସଦୃଶ । ଅଲ୍ଲାଃ କହୁଛନ୍ତି ଯେ ଏହି ବୀଜ ବଢ଼ିବ, ଏହା ପ୍ରସ୍ଫୁଟିତ ହେବ, ସବୁ ଦିଗରୁ ଏହାର ଶାଖା ପ୍ରଶାଖା ବାହାରିବ ଓ ଏହା ଏକ ବିରାଟ ଦ୍ରୁମରେ ପରିଣତ ହେବ । ତେଣୁ କଲ୍ୟାଣ ପ୍ରାପ୍ତକାରୀ ସେହି ବ୍ୟକ୍ତି ହେବେ, ଯିଏ ଅଲ୍ଲାଃଙ୍କ ଉପରେ ବିଶ୍ୱାସ ସ୍ଥାପନ କରିବ ତଥା ମଧ୍ୟବର୍ତ୍ତୀ କାଳରେ ଆସିବାକୁ ଥିବା ବିପତ୍ତିକୁ ଭୟ ନ କରିବ । କାରଣ ବିପତ୍ତିପୂର୍ଣ୍ଣ ଦୁର୍ଦ୍ଦଶା ଆସିବା ମଧ୍ୟ ଜରୁରୀ । ତଦ୍ଦ୍ୱାରା ଅଲ୍ଲାଃ ତୁମମାନଙ୍କୁ ପରୀକ୍ଷା କରିବେ ଯେ କିଏ ନିଜ ଦୀକ୍ଷା ସମ୍ପର୍କିତ ଦାବୀରେ ସତ୍ ଓ କିଏ ଅସତ୍ । ବିପତ୍ତି ଯୋଗୁଁ ଯେଉଁ ବ୍ୟକ୍ତିର ପଦସ୍ଖଳନ ହେବ, ସେ କୌଣସି ପ୍ରକାରେ ଅଲ୍ଲାଃଙ୍କର କ୍ଷତି କରିପାରିବ ନାହିଁ । ଏହି ଦୁରାବସ୍ଥା ତାହାକୁ ନର୍କର ଦ୍ୱାର ଦେଶରେ ପହଞ୍ଚାଇ ଦେବ । ଯଦି ସେ ଜନ୍ମଗ୍ରହଣ କରି ନଥାନ୍ତା, ତେବେ ଏହା ତା'ପାଇଁ ବରଂ ଉତ୍ତମ ହୋଇଥାନ୍ତା । କିନ୍ତୁ ଯେଉଁ ସମସ୍ତ ବ୍ୟକ୍ତି ଶେଷ ପର୍ଯ୍ୟନ୍ତ ଧୈର୍ଯ୍ୟ ଧାରଣ କରିବେ ଯଦିଚ ସେମାନଙ୍କ ଉପରେ ବିପତ୍ତି ଜନକ ଭୂକମ୍ପ ଆସିବ ଓ ଦୁର୍ଘଟଣା ଭିତ୍ତିକ ଝଡ଼ ପ୍ରବାହିତ ହେବ, ବିଭିନ୍ନ ଗୋଷ୍ଠୀ ସେମାନଙ୍କୁ ପରିହାସ ଓ ଟାହିଟାପରା କରିବେ । ଏପରିକି ସଂସାରବାସୀ ସେମାନଙ୍କ ସହିତ ଅତ୍ୟଧିକ ଘୃଣିତ ବ୍ୟବହାର କରିବେ । ସେହି ବ୍ୟକ୍ତିମାନେ ପରିଶେଷରେ ବିଜୟ ମଣ୍ଡିତ ହେବେ ଓ ସମୃଦ୍ଧିର ଦ୍ୱାର ସେମାନଙ୍କ ପାଇଁ ଉନ୍ମୁକ୍ତ କରି ଦିଆଯିବ ।

ମୁଁ ମୋ ଜମାଅତର ଲୋକମାନଙ୍କୁ ଏହା ଜଣାଇ ଦେବାକୁ ଚାହେଁ ଯେ ଅଲ୍ଲାଃ ମୋତେ ସମ୍ବୋଧନ କରି କହିଛନ୍ତି, ଯେଉଁ ଲୋକମାନେ ଏପରି ବିଶ୍ୱାସ ସ୍ଥାପନ କରିଛନ୍ତି ଯହିଁରେ ସାଂସାରିକ ବିଷୟର ମିଶ୍ରଣ ନାହିଁ ଓ ସେହି

ବିଶ୍ୱାସ ବିଦ୍ୱେଷ ବା କାପୁରୁଷତା ଦ୍ୱାରା ପ୍ରଦୂଷିତ ହୋଇନାହିଁ ଓ ସେହି ବିଶ୍ୱାସରେ ଯେକୌଣସି ସ୍ତରର ଆଜ୍ଞାବହ ହେବାରେ ଅଭାବ ନାହିଁ, ସେହି ଲୋକମାନେ ଅଲ୍ଲାଃଙ୍କର ଅଧିକ ପ୍ରିୟପାତ୍ର । ଈଶ୍ୱର କହିଛନ୍ତି ଯେ ସେହିମାନେ ହିଁ ସତ୍ୟ ଉପରେ ପାଦ ଥାପିଛନ୍ତି, ଯାହା ଯଥାର୍ଥ ଓ ଉଚିତ୍ ପଦକ୍ଷେପ ।

ହେ ଶ୍ରୋତାଗଣ ! ଅଲ୍ଲାଃ ତୁମମାନଙ୍କ ଠାରୁ କ'ଣ ଚାହୁଁଛନ୍ତି ଶୁଣ । କେବଳ ଏତିକି ଯେ ତୁମେମାନେ ତାହାଙ୍କର ହୋଇଯାଅ । ତାହାଙ୍କ ସହିତ ଅନ୍ୟ କାହାକୁ ସମକକ୍ଷ ଭାବ ନାହିଁ; ନା ଆକାଶରେ ନା ଭୂପୃଷ୍ଠରେ । ଆମମାନଙ୍କର ଅଲ୍ଲାଃ ଏବେ ମଧ୍ୟ ସେହିପରି ଜୀବିତ ଅଛନ୍ତି, ଯେପରି ସେ ପୂର୍ବରୁ ଜୀବିତ ଥିଲେ । ପୂର୍ବରୁ ସେ ଯେପରି କହୁଥିଲେ ଆଜି ମଧ୍ୟ ସେହିପରି କହୁଛନ୍ତି । ପୂର୍ବରୁ ସେ ଯେପରି ଶୁଣୁଥିଲେ ଆଜି ମଧ୍ୟ ସେହିପରି ଶୁଣୁଛନ୍ତି । ସେ ଏହି ଯୁଗରେ ଶୁଣୁଛନ୍ତି କିନ୍ତୁ କହୁନାହାନ୍ତି ବୋଲି ଧାରଣା କରିବା ନିରର୍ଥକ । ବସ୍ତୁତଃ ଏବେ ବି ସେ ଶୁଣୁଛନ୍ତି ଓ କହୁଛନ୍ତି । ତାଙ୍କର ସମସ୍ତ ଗୁଣାବଳୀ ପ୍ରାରମ୍ଭରୁ ବିଦ୍ୟମାନ ଅଛି ଓ ଶେଷ ପର୍ଯ୍ୟନ୍ତ ରହିବ । କୌଣସି ଗୁଣ ସାମୟିକ ଅବରୋଧ ହୋଇନାହିଁ କି କେବେ ହେବ ନାହିଁ । ସେ ହିଁ ଏକ ଓ ଅଦ୍ୱିତୀୟ, ଯାହାଙ୍କର କେହି ସମକକ୍ଷ ନୁହନ୍ତି । ତାଙ୍କର କୌଣସି ପୁତ୍ର ନାହିଁ କି କୌଣସି ପତ୍ନୀ । ସେ ଅନନ୍ୟ ଓ ଅତୁଳନୀୟ । ଅନ୍ୟ କୌଣସି ବ୍ୟକ୍ତିଠାରେ ତାହାଙ୍କ ସଦୃଶ କୌଣସି ସ୍ୱତନ୍ତ୍ର ଗୁଣ ନାହିଁ । କେହି ତାଙ୍କ ସହ ସମାନ ନୁହେଁ । ଅନ୍ୟ କେହି ତାଙ୍କ ଗୁଣାବଳୀରେ ଭୂଷିତ ନୁହନ୍ତି । ତାଙ୍କର କୌଣସି ଶକ୍ତି ହ୍ରାସ ପାଇ ନାହିଁ । ଦୂରରେ ଥିଲେ ମଧ୍ୟ ସେ ନିକଟରେ ଥାଆନ୍ତି । ନିକଟରେ ଥିଲେ ମଧ୍ୟ ସେ ଦୂରରେ ଥାଆନ୍ତି । ସେ 'ଅହଲେ କଶ୍‌ଫ୍' ଅର୍ଥାତ୍ ସେହି ଅଦୃଶ୍ୟ ସତ୍ତା ଅର୍ଦ୍ଧଚେତନ ଅବସ୍ଥାରେ ଭକ୍ତଙ୍କୁ ଅଲୌକିକ ଦୃଶ୍ୟ ମାଧ୍ୟମରେ ଦେଖା ଦିଅନ୍ତି । ପରନ୍ତୁ ସେଥି ପାଇଁ ନା ତାଙ୍କର ନିଜର କୌଣସି ଶରୀର ଅଛି ନା ରୂପ ଅଛି । ସେ ସମସ୍ତଙ୍କର ଊର୍ଦ୍ଧ୍ୱରେ, କିନ୍ତୁ କହିହେବ ନାହିଁ ଯେ ତାଙ୍କ ତଳେ ଅନ୍ୟ

କେହି ବି ଅଛି । ସେ 'ଅର୍ସ'(ସିଂହାସନ) ଉପରେ ବିଦ୍ୟମାନ ଅଥଚ ସେ ଭୂପୃଷ୍ଟରେ ନାହାନ୍ତି ବୋଲି କୁହାଯାଇ ପାରିବ ନାହିଁ । ସକଳ ଶ୍ରେଷ୍ଠ ଗୁଣାବଳୀ ତାଙ୍କଠାରେ ଠୁଳ ହୋଇଛି । ସେ ହିଁ ସମସ୍ତ ପ୍ରଶଂସନୀୟ ଗୁଣର ପ୍ରକାଶ ସ୍ଥଳୀ । ସେ ହିଁ ସକାଳ ଉତ୍କର୍ଷତାର ଉତ୍ପତ୍ତି ସ୍ଥଳ । ସମସ୍ତ ଶକ୍ତି ତାଙ୍କଠାରେ ଏକତ୍ରୀତ ହୋଇଛି । ସେ ହିଁ ସକଳ କୃପାର ଉଦ୍‌ଗମ ସ୍ଥଳ । ସେହିଁ ପ୍ରତ୍ୟେକ ବିଷୟର ଆଶ୍ରୟ ସ୍ଥଳ । ସେ ହିଁ ପ୍ରତ୍ୟେକ ରାଜ୍ୟର ଅଧୀଶ୍ୱର । ସେ ହିଁ ପ୍ରତ୍ୟେକ ପ୍ରକାର ଶ୍ରେଷ୍ଠତା ଠାରୁ ଅଧିକ ଶ୍ରେଷ୍ଠ । ସେ ପ୍ରତ୍ୟେକ ପ୍ରକାର ଦୋଷ ଦୁର୍ବଳତାରୁ ମୁକ୍ତ । ତାଙ୍କର ସ୍ୱାତନ୍ତ୍ର୍ୟ ଏହି ଯେ ଦେବଲୋକ ବା ଇହଲୋକ ସମସ୍ତଙ୍କର ସେ ହିଁ ଏକମାତ୍ର ଉପାସ୍ୟ । ତାଙ୍କ ପାଇଁ କୌଣସି କାର୍ଯ୍ୟ ବା ବିଷୟ ଅସାଧ ନୁହେଁ । ସମସ୍ତ ଆତ୍ମା ଓ ତହିଁରେ ଥିବା ଶକ୍ତି ତଥା ସମସ୍ତ ଅଣୁ ଓ ତହିଁରେ ଥିବା ଶକ୍ତିକୁ ସେ ହିଁ ଜନ୍ମ ଦେଇଛନ୍ତି । ତାହାଙ୍କ ବ୍ୟତିରେକେ କୌଣସି ବିଷୟ ପ୍ରକଟିତ ହୁଏ ନାହିଁ । ସେ ନିଜର ଶକ୍ତି, ନିଜର ସାର୍ବଭୌମତ୍ୱ କ୍ଷମତା ଓ ନିଜର ନିଦର୍ଶନ ଦ୍ୱାରା ସ୍ୱୟଂ ନିଜକୁ ପ୍ରକଟିତ କରାନ୍ତି ଓ ଆମେ ତାହାଙ୍କୁ ତାଙ୍କରି ମାଧ୍ୟମରେ ପାଇପାରୁ । ସେ ସତ୍ୟନିଷ୍ଠଙ୍କ ଉପରେ ସର୍ବଦା ନିଜର ଅସ୍ତିତ୍ୱକୁ ପ୍ରକଟିତ କରୁଥାନ୍ତି ଓ ସେମାନଙ୍କୁ ସର୍ବଶକ୍ତିମାନ ହେବା ପ୍ରଦର୍ଶନ କରନ୍ତି । ଏହିସବୁ ବୈଶିଷ୍ଟ୍ୟରୁ ହିଁ ତାଙ୍କୁ ଚିହ୍ନି ହୁଏ । ଏଥିରୁ ହିଁ ତାଙ୍କ ମନପସନ୍ଦ ମାର୍ଗକୁ ପରଖି ନିଆ ଯାଇପାରେ । ପାର୍ଥିବ ଚକ୍ଷୁ ନ ଥାଇ ସେ ଦେଖିପାରନ୍ତି ଓ ପାର୍ଥିବ କର୍ଣ୍ଣ ନ ଥାଇ ସେ ଶୁଣିପାରନ୍ତି ଓ ପାର୍ଥିବ ଜିହ୍ୱା ନ ଥାଇ ସେ କହିପାରନ୍ତି । ଏହି ରୂପେ ଅବିଦ୍ୟମାନତାକୁ ବିଦ୍ୟମାନତାରେ ପରିଣତ କରିବା ତାଙ୍କର କାର୍ଯ୍ୟ । କୌଣସି ଭୌତିକ ବସ୍ତୁ ନ ଥାଇ ସ୍ୱପ୍ନରେ ଏକ ପରିବେଶର ସୃଷ୍ଟିକୁ ତୁମେମାନେ ଦୃଶ୍ୟ ଆକାରରେ ଦେଖିବାକୁ ପାଉଛ ଓ ପ୍ରତ୍ୟେକ କ୍ଷୟଶୀଳ ତଥା ବିଲୁପ୍ତ ବସ୍ତୁକୁ ସେ ଅସ୍ତିତ୍ୱବାନ୍ ରୂପରେ ପ୍ରଦର୍ଶନ କରାନ୍ତି । ଏହି ରୂପେ ସେ ସମସ୍ତ ଶକ୍ତିର ଅଧିକାରୀ ହୋଇଛନ୍ତି । ଯେଉଁ ବ୍ୟକ୍ତି ତାହାଙ୍କର ଶକ୍ତିକୁ ଅସ୍ୱୀକାର କରେ, ସେ ଅନ୍ଧ । ଯେଉଁ ବ୍ୟକ୍ତି ତାଙ୍କର ଅକଳନୀୟ ଶକ୍ତି

ସମ୍ପର୍କରେ ଅବଗତ ନୁହେଁ, ସେ ଅନ୍ଧ । ଯେଉଁ ସବୁ କାର୍ଯ୍ୟ ତାଙ୍କ ମର୍ଯ୍ୟାଦାର ପରିପନ୍ଥୀ ବା ପ୍ରତିଶ୍ରୁତିର ବିରୁଦ୍ଧାଚରଣ କରୁଛି, ତାହା ବ୍ୟତିରେକେ ସେ ଅନ୍ୟ ସବୁକିଛି କରନ୍ତି ତଥା କରିପାରନ୍ତି । ନିଜର ଅସ୍ତିତ୍ୱ, ଗୁଣାବଳୀ, କାର୍ଯ୍ୟାବଳୀ ଓ ଶକ୍ତି ସମୂହ ଦୃଷ୍ଟିରୁ ସେ ଅଦ୍ୱିତୀୟ ଅଟନ୍ତି । ତାହାଙ୍କ ନିକଟରେ ପହଞ୍ଚିବା ପାଇଁ ସମସ୍ତ ଦ୍ୱାର ବନ୍ଦ ରହିଛି, ମାତ୍ର ସେଥିପାଇଁ ପବିତ୍ର କୁରଆନ୍ ଏକ ଦ୍ୱାର ଖୋଲିଛି । ପୂର୍ବ ପ୍ରେରିତ ସକଳ ନବୁଓ୍ୱତ (ଅବତାରତ୍ୱ) ଓ ସମସ୍ତ ଧର୍ମଗ୍ରନ୍ଥକୁ ପୃଥକ୍ ଭାବରେ ଅନୁସରଣ କରିବାର ପ୍ରୟୋଜନ ନାହିଁ । କାରଣ ହଜରତ୍ ମୁହମ୍ମଦ୍ ସଅ ଙ୍କର ନବୁଓ୍ୱତ ଅନ୍ୟ ସମସ୍ତଙ୍କୁ ନିଜ ସହିତ ସମ୍ମିଳିତ କରିଛି ଓ ସମସ୍ତଙ୍କୁ ନିୟନ୍ତ୍ରଣ କରିଛି । ଏହା ବ୍ୟତିରେକେ ସକଳ ପଥ ବନ୍ଦ ହୋଇଛି । ଯେଉଁ ସକଳ ସତ୍ୟ ମନୁଷ୍ୟକୁ ଅଲ୍ଲାଃଙ୍କ ନିକଟରେ ପହଞ୍ଚାଇଥାଏ, ସେସବୁ ଏହାରି ଭିତରେ ଅଛି । ଏହାପରେ କୌଣସି ନୂତନ ସତ୍ୟ ଆସିବ ନାହିଁ କି ଏହା ପୂର୍ବରୁ ଏପରି କୌଣସି ସତ୍ୟ ନ ଥିଲା ଯାହା ପବିତ୍ର କୁରଆନ୍‌ରେ ଉପଲବ୍ଧ ହେଉନାହିଁ । ଏଣୁ ଏହି ନବୁଓ୍ୱତରେ ସକଳ ନବୁଓ୍ୱତର ପରିସମାପ୍ତି ହୋଇଛି । ତାହା ହେବା ମଧ୍ୟ ଉଚିତ୍, କାରଣ ଯାହା ପାଇଁ ଆରମ୍ଭ ଅଛି, ତାହାର ଶେଷ ମଧ୍ୟ ଅଛି । କିନ୍ତୁ ଏହି ମୁହମ୍ମଦୀୟ ନବୁଓ୍ୱତ ଅର୍ଥାତ ମୁହମ୍ମଦଙ୍କ ଅବତାରତ୍ୱ ନିଜର କୃପା ବିତରଣରେ ଅସମର୍ଥ ନୁହେଁ, ବରଂ ସକଳ ନବୁଓ୍ୱତ ତୁଳନାରେ ଏଥିରେ ଅଧିକ କୃପା ରହିଛି । ଏହି ନବୁଓ୍ୱତର ଅନୁସରଣ କଲେ ଅତି ସହଜ ପନ୍ଥାରେ ଅଲ୍ଲାଃଙ୍କ ନିକଟରେ ପହଞ୍ଚି ହେବ । ଯଦ୍ୱାରା ଅଲ୍ଲାଃଙ୍କୁ ପ୍ରେମ କରିବା ଓ ତାହାଙ୍କ ସହିତ କଥୋପକଥନ କରିବାର ପୁରସ୍କାର ପୂର୍ବରୁ ଯେପରି ମିଳୁଥିଲା, ଏବେ ତା'ଠାରୁ ଅଧିକ ମିଳିବ । କିନ୍ତୁ ଏହି ନବୁଓ୍ୱତର ସମ୍ପୂର୍ଣ୍ଣ ଅନୁରକ୍ତ ଯେ ଏକ ନବୀ ହୋଇଯିବ ଏହି ଉକ୍ତି ଠିକ୍ ନୁହେଁ । କାରଣ ଏହା ସର୍ବଶ୍ରେଷ୍ଠ ମୁହମ୍ମଦୀୟ ନବୁଓ୍ୱତର ଅସମ୍ମାନ ହେବ । ଅବଶ୍ୟ 'ଉମ୍ମତି' ଓ 'ନବୀ' ଶବ୍ଦଦ୍ୱୟକୁ ଏକତ୍ର ପ୍ରୟୋଗ କରାଯିବା ସ୍ଥିତିରେ ଏହା ଯଥାର୍ଥ ହୋଇପାରେ । କାରଣ ଏଥିରେ 'ହଜରତ ମୁହମ୍ମଦ ସଅ ଙ୍କର ସର୍ବଶ୍ରେଷ୍ଠ

ନବୁଓ୍ୱତ'ର ଅପଯଶ ନାହିଁ, ବରଂ ସେହି ନବୁଓ୍ୱତର ଦୀପ୍ତି ଏହି କୃପା ବଳରେ ଅଧିକ ପ୍ରକଟିତ ହୁଏ* ।

ଯେତେବେଳେ ଅଲ୍ଲାଃଙ୍କ ବାର୍ତ୍ତା ବିନିମୟ ନିଜର ସ୍ଥିତି ଓ ପରିମାଣ ଦୃଷ୍ଟିରୁ ଶୀର୍ଷ ସ୍ଥାନରେ ପହଞ୍ଚି ଯାଏ ଓ ସେଥିରେ କୌଣସି ଅଶୁଦ୍ଧତା ବା ସ୍ୱଳ୍ପତା ରହି ନଥାଏ ଏବଂ ସ୍ୱଷ୍ଟତଃ ତାହା ଅଦୃଷ୍ଟ ବିଷୟ ସମ୍ୱଳିତ ହୋଇଥାଏ, ଅନ୍ୟ ଅର୍ଥରେ ତାହା ନବୁଓ୍ୱତ ନାମରେ ଅଭିହିତ ହୁଏ । ଏଥି ସମ୍ପର୍କରେ ସମସ୍ତ ନବୀ ଏକମତ । ତେଣୁ ଏହା ଅସମ୍ଭବ ଯେ ଯେଉଁ ଜାତି ପାଇଁ ପବିତ୍ର କୁରଆନ୍‌ର ଆୟତରେ ଏପରି ବର୍ଣ୍ଣନା କରାଯାଇଛି :

كُنْتُمْ خَيْرَ اُمَّةٍ اُخْرِجَتْ لِلنَّاسِ

**କୁନ୍‌ତୁମ୍ ଖୈର ଉମ୍ମତିନ୍ ଉଖ୍‌ରିଯତ୍ ଲିନ୍ନାସ୍**

(ଆଲେ ଇମ୍ରାନ 3:11)

ଏବଂ ଯେଉଁମାନଙ୍କୁ ଏହି ଦୁଆ (ପ୍ରାର୍ଥନା) କରିବାକୁ ଶିକ୍ଷା ଦିଆଯାଇଛି :

اِهْدِنَا الصِّرَاطَ الْمُسْتَقِيْمَ صِرَاطَ الَّذِيْنَ اَنْعَمْتَ عَلَيْهِمْ

**ଇହଦିନସ୍ ସିରାତଲ ମୁସତକିମା ସିରାତଲ ଲଜିନା ଅନ୍‌ଅମ୍‌ତା ଆଲୈହିମ୍** (ଅଲ ଫାତିହା 1:6,7)

ସେମାନଙ୍କ ମଧ୍ୟରୁ ସମସ୍ତେ ଏହି ଉଚ୍ଚ ପଦରୁ ବଞ୍ଚିତ ହୋଇ ରହନ୍ତେ । ଏପରିକି ଜଣେ ହେଲେ ମଧ୍ୟ ଏହି ପଦବୀ ଲାଭ କରିପାରି ନଥାଆନ୍ତେ । ଏପରି ପରିସ୍ଥିତିରେ ହଜରତ୍ ମୁହମ୍ମଦ[ସଅ]ଙ୍କର ଉମ୍ମତ ଯେ ତ୍ରୁଟିଯୁକ୍ତ ଓ

* ଏହା ସତ୍ତ୍ୱେ ଭଲ ଭାବରେ ଏହା ମନେ ରଖିବାକୁ ହେବ ଯେ ହଜରତ୍ ମୁହମ୍ମଦ[ସଅ]ଙ୍କ ପରେ ଶରିୟତ୍‌ଯୁକ୍ତ ନବୁଓ୍ୱତର ଦ୍ୱାର ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇଛି ଏବଂ ପବିତ୍ର କୁରଆନ୍ ପରେ ସେପରି କୌଣସି ଗ୍ରନ୍ଥର ସ୍ଥିତି ନାହିଁ, ଯେଉଁ ଗ୍ରନ୍ଥ ନୂତନ ଆଦେଶାବଳୀର ଶିକ୍ଷା ପ୍ରଦାନ କରିବ ବା ପବିତ୍ର କୁରଆନ୍‌ର ଆଦେଶକୁ ରଦ୍ଦ କରିବ ବା ତାହାର ଅନୁସରଣକୁ ଉପେକ୍ଷା କରିବ, ବରଂ ପବିତ୍ର କୁରଆନ୍‌ର କାର୍ଯ୍ୟାନ୍ୱୟନ କୟାମତ ପର୍ଯ୍ୟନ୍ତ ପରିବ୍ୟାପ୍ତ ହେବ ।

ଅସଂପୂର୍ଣ୍ଣ ରହନ୍ତା ତଥା ସମସ୍ତେ ଅନ୍ଧ ସଦୃଶ ରହନ୍ତେ । କେବଳ ସେତିକି ନୁହେଁ, ବରଂ ଏଥିରେ ଏପରି ତ୍ରୁଟି ମଧ୍ୟ ଥିଲା ଯେ ହଜରତ୍ ମୁହମ୍ମଦ[ସଅ] ଙ୍କର କୃପା ଶକ୍ତି ପ୍ରତି ଦାଗ ଲାଗିଯିବାର ସମ୍ଭାବନା ଦେଖା ଦେଇଥିଲା । ତତ୍‌ସହିତ ତାଙ୍କର ଆଧ୍ୟାତ୍ମିକ ଶକ୍ତି ମଧ୍ୟ ତ୍ରୁଟିଯୁକ୍ତ ପ୍ରତିପାଦିତ ହୁଅନ୍ତା ଓ ଯେଉଁ ଦୁଆ ନମାଜରେ ପାଞ୍ଚଥର ପଢ଼ିବାକୁ ଶିକ୍ଷା ଦିଆଯାଇଛି, ତାହାକୁ ଶିକ୍ଷା ଦେବା ମଧ୍ୟ ଅଦରକାରୀ ସାବ୍ୟସ୍ତ ହୁଅନ୍ତା । ମାତ୍ର ଅନ୍ୟ ପକ୍ଷରେ ଏଥିରେ ଏପରି ମଧ୍ୟ ତ୍ରୁଟି ଥିଲା ଯେ ଯଦି ଏଭଳି ଶ୍ରେଷ୍ଠତା ହଜରତ୍ ମୁହମ୍ମଦ୍[ସଅ] ଙ୍କ ନବୁଓ୍ୱତରେ ଜ୍ୟୋତିକୁ ଅନୁସରଣ ନକରି ଉମ୍ମତର ଯେ କୌଣସି ବ୍ୟକ୍ତିଙ୍କୁ ପ୍ରତ୍ୟକ୍ଷ ଭାବରେ ପ୍ରାପ୍ତ ହୁଅନ୍ତା ଓ ତେବେ 'ଖତମେ ନବୁଓ୍ୱତ'ର ପ୍ରକୃତ ଅର୍ଥ ରଦ୍ଦ ହୁଅନ୍ତା । ତେଣୁ ଏହି ଦୁଇଟି ତ୍ରୁଟିରୁ ରକ୍ଷା ପାଇବା ପାଇଁ ଅଲ୍ଲାଃ ସଂପୂର୍ଣ୍ଣ ଶୁଦ୍ଧ ଓ ଦିବ୍ୟ ବାର୍ତ୍ତା ବିନିମୟ ତଥା ସମ୍ଭାଷଣର ମର୍ଯ୍ୟାଦା ଏପରି କେତେକ ବ୍ୟକ୍ତିଙ୍କୁ ପ୍ରଦାନ କଲେ, ଯେଉଁମାନେ ଅବତାର (ରସୁଲ) ପ୍ରେମରେ ନିମଜ୍ଜିତ ହେବାର ଶୀର୍ଷତମ ଶ୍ରେଣୀ ପର୍ଯ୍ୟନ୍ତ ପହଞ୍ଚି ଗଲେ ଏବଂ ଏହା ମଧ୍ୟରେ ଆଉ କୌଣସି ପ୍ରତିବନ୍ଧକ ରହିଲା ନାହିଁ । ଉମ୍ମତି (ମୁସଲିମ ସମ୍ପ୍ରଦାୟଭୁକ୍ତ) ହେବାର ତାତ୍ପର୍ଯ୍ୟ ଓ ପଦାଙ୍କ ଅନୁସରଣର ଉତ୍କୃଷ୍ଟତମ ଅର୍ଥ ସେମାନଙ୍କ ଠାରେ ଏପରି ଭାବରେ ଦେଖା ଯାଉଥିଲା ଯେ ସେମାନଙ୍କ ଅସ୍ତିତ୍ୱ ଆଉ ନିଜ ଅସ୍ତିତ୍ୱ ହୋଇ ରହିଲା ନାହିଁ । ବରଂ ସେମାନଙ୍କ ଭାବାବେଶ ଭିତ୍ତିକ ଦର୍ପଣରେ ହଜରତ ମୁହମ୍ମଦ[ସଅ] ଙ୍କ ଅସ୍ତିତ୍ୱ ପ୍ରତିବିମ୍ବିତ ହୋଇଗଲା ଏବଂ ଅନ୍ୟ ପକ୍ଷରେ ଅବତାରମାନଙ୍କ ସଦୃଶ ସେମାନଙ୍କୁ ଉତ୍ତମ ଓ ସଂପୂର୍ଣ୍ଣ ରୂପେ ଅଲ୍ଲାଃଙ୍କ ସହ କଥୋପକଥନ କରିବାର ସୌଭାଗ୍ୟ ପ୍ରାପ୍ତ ହେଲା ।

ତେଣୁ ଏହି ରୂପେ କେତେକ ବ୍ୟକ୍ତି ଉମ୍ମତି (ସମ୍ପ୍ରଦାୟ ଭୁକ୍ତ) ହୋଇ ମଧ୍ୟ ନବୀଙ୍କ ପଦବୀ ପ୍ରାପ୍ତ କଲେ । କାରଣ ଏତାଦୃଶ ନବୁଓ୍ୱତ ମୁହମ୍ମଦୀୟ ନବୁଓ୍ୱତ ଠାରୁ ଭିନ୍ନ ନୁହେଁ, ବରଂ ମନୋଯୋଗ ପୂର୍ବକ ଦେଖିଲେ ତାହା ହିଁ ପ୍ରକୃତ ମୁହମ୍ମଦୀୟ ନବୁଓ୍ୱତ, ଯାହାକି ଏକ ନୂତନ ରୂପରେ ଦେଖାଯାଉଛି । ଏହା ହିଁ ଏହି ବାକ୍ୟର ତାତ୍ପର୍ଯ୍ୟ ଯାହାକି ହଜରତ୍ ମସିହ୍ ମଉଦ୍[ଅସ] ଙ୍କ ସମ୍ବନ୍ଧରେ

ହଜରତ୍ ମୁହମ୍ମଦ[ସଅ] କହିଥିଲେ **'ନବିଉଲ୍ଲାଃ'** ଓ **'ଇମାମୁକୁମ୍ ମିନକୁମ'** ଅର୍ଥାତ୍ 'ସେ ମଧ୍ୟ ନବୀ ଅଟନ୍ତି ଓ ସେ ମଧ୍ୟ ଉମ୍ମତି ଅଟନ୍ତି'। ଅନ୍ୟଥା ଅନ୍ୟ କାହାରି ପାଇଁ ଏହି ସ୍ଥାନରେ ପାଦ ରଖିବାକୁ ସୁଯୋଗ ଦିଆଯାଇ ନାହିଁ । ଯେଉଁ ବ୍ୟକ୍ତି ଏହି କଥାକୁ ବୁଝିପାରିଛି, ମୁଁ ତାହାକୁ ସାଧୁବାଦ ଦେଉଛି । ତଦ୍ୱାରା ସେ ଧ୍ୱଂସ ମୁଖରୁ ରକ୍ଷା ପାଇଯିବ ।

فَلَمَّا تَوَفَّيْتَنِي كُنْتَ اَنْتَ الرَّقِيْبَ عَلَيْهِمْ

**ଫଲମ୍ମା ତଓ୍ୱଫ୍‌ଫୈତନୀ କୁନତା ଅନ୍‌ତର ରକିବା ଆଲୈହିମ୍**

ଏହି ଆୟତରେ ଅଲ୍ଲାଃ ହଜରତ୍ ଇସା[ଅସ]ଙ୍କୁ ମୃତ୍ୟୁଦାନ କରିଥିବା ଘଟଣା ଶୁଦ୍ଧ ଓ ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରିଛନ୍ତି । ସଂପୃକ୍ତ ଆୟତ୍ ଅନୁଯାୟୀ ଯେତେବେଳେ ଅଲ୍ଲାଃ କୟାମତ (ଅନ୍ତିମ ବିଚାର) ଦିନ ହଜରତ୍ ଇସାଙ୍କୁ ପ୍ରଶ୍ନ କରିବେ 'କ'ଣ ତୁମେ ନିଜକୁ ଓ ତୁମ ମାତାଙ୍କୁ ଅଲ୍ଲାଃ ଭାବରେ ଗ୍ରହଣ କରିବାକୁ ତୁମ ନିଜ ଅନୁଗାମୀମାନଙ୍କୁ ଶିକ୍ଷା ପ୍ରଦାନ କରିଥିଲ'? ସେତେବେଳେ ହଜରତ୍ ଇସା[ଅସ] କହିବେ 'ଯେ ପର୍ଯ୍ୟନ୍ତ ମୁଁ ତାଙ୍କ ମଧ୍ୟରେ ଥିଲି ସେ ପର୍ଯ୍ୟନ୍ତ ସେମାନଙ୍କ ବିଷୟରେ ପ୍ରତ୍ୟକ୍ଷଦର୍ଶୀ ଥିଲି ଓ ସେମାନଙ୍କର ତତ୍ତ୍ୱାବଧାରକ ଥିଲି । ଯେତେବେଳେ ତୁମ୍ଭେ ମୋତେ ମୃତ୍ୟୁ ପ୍ରଦାନ କଲ, ସେତେବେଳେ ମୋତେ କ'ଣ ଜଣା ଯେ ମୋ ମୃତ୍ୟୁ ପରେ ସେମାନେ କି ପ୍ରକାର ପଥଭ୍ରଷ୍ଟ ହୋଇଛନ୍ତି ।' ବର୍ତ୍ତମାନ ଯଦି କେହି ଇଚ୍ଛା କରେ ତେବେ 'ଫଲ୍ଲମା ତଓ୍ୱଫ୍‌ଫୈତନୀ' ବାକ୍ୟାଂଶର ଏହିପରି ଅର୍ଥ କରିପାରେ- ଅର୍ଥାତ୍ 'ଯେତେବେଳେ ତୁମ୍ଭେ ମୋତେ ମୃତ୍ୟୁ ପ୍ରଦାନ କଲ' । ଅନ୍ୟ ପକ୍ଷରେ ସେ ନିଜର ଅଯୌକ୍ତିକ ଜିଦିକୁ ତ୍ୟାଗ ନ କରି ଏପରି ମଧ୍ୟ ଅର୍ଥ କରିପାରେ ଯେ 'ଯେତେବେଳେ ତୁମ୍ଭେ ମୋତେ ସଶରୀରେ ଆକାଶକୁ ଉଠାଇ ନେଲ' । ଯାହାହେଉ ଏହି ଆୟତ୍‌ରୁ ପ୍ରମାଣିତ ହେଉଛି ଯେ ହଜରତ୍ ଇସା[ଅସ] ପୁନର୍ବାର ପୃଥିବୀକୁ ଆସିବେ ନାହିଁ । କାରଣ ଯଦି ସେ କୟାମତ ପୂର୍ବରୁ ପୁନର୍ବାର ପୃଥିବୀକୁ ଆସିଥାନ୍ତେ ଓ କ୍ରୁଶ ଭାଙ୍ଗିଥାନ୍ତେ, ତାହେଲେ ଏପରି ସ୍ଥିତିରେ ଏହା

ସମ୍ଭବ ହୁଅନ୍ତା ନାହିଁ ଯେ ଅଲ୍ଲାହ୍‌ଙ୍କ ନବୀ ହଜରତ୍ ଇସା[ଅସ] କୟାମତ ଦିନ ଅଲ୍ଲାହ୍‌ଙ୍କ ସମ୍ମୁଖରେ ଏହିପରି ଡାହା ମିଛ କହିବେ ଯେ 'ମୋ ଅନ୍ତେ ମୋ ଅନୁସରଣକାରୀମାନେ ମୋତେ ଓ ମୋ ମାଆଙ୍କୁ ଅଲ୍ଲାହ୍ ବୋଲି ସ୍ୱୀକାର ମୂଳକ ଯେଉଁ ଭୁଲ ତତ୍ତ୍ୱକୁ ମାନି ନେଇଛନ୍ତି, ସେ ସମ୍ବନ୍ଧରେ ମୋତେ କିଛି ବି ହେଲେ ଜଣାନାହିଁ' । କ'ଣ ସେହି ବ୍ୟକ୍ତି ଯିଏ ପୁନର୍ବାର ପୃଥିବୀକୁ ଆସିବ, ଚାଳିଶ ବର୍ଷ ଧରି ଏହି ପୃଥିବୀରେ ବାସ କରିବ ଓ ଖ୍ରୀଷ୍ଟିୟାନମାନଙ୍କ ସହିତ ଯୁଦ୍ଧ କରିବ, ସେ ନିଜକୁ ନବୀ ରୂପେ ଅଭିହିତ କରି 'ମୋତେ କିଛି ବି ହେଲେ ଜଣାନାହିଁ' ବୋଲି ଏପରି ଅଶୋଭନୀୟ ମିଥ୍ୟା କହିପାରେ ? ବସ୍ତୁତଃ ଏହି ଆୟତ୍ ହଜରତ୍ ଇସା[ଅସ]ଙ୍କର ପୁନରାଗମନକୁ ପ୍ରତିରୋଧ କରୁଛି, ଅନ୍ୟଥା ତାହାଙ୍କୁ ମିଥ୍ୟାବାଦୀ କୁହାଯାଆନ୍ତା । ତାହାହେଲେ ସେ ଯଦି ସଶରୀରେ ଆକାଶରେ ଅଛନ୍ତି ଓ ଏହି ଆୟତ୍‌ର ସ୍ପଷ୍ଟୀକରଣ ଅନୁସାରେ କୟାମତ ଦିନ ପର୍ଯ୍ୟନ୍ତ ପୃଥିବୀ ପୃଷ୍ଠରେ ଅବତରଣ କରିବେ ନାହିଁ, ତେବେ କ'ଣ ଆକାଶରେ ହିଁ ମୃତ୍ୟୁ ଲାଭ କରିବେ ଓ ଆକାଶରେ ହିଁ ତାହାଙ୍କୁ କବର ଦିଆଯିବ ? କିନ୍ତୁ ଆକାଶରେ ମରିବା ବିଷୟ ଅଧ୍ୟାୟ 'ଅଲ ଆରାଫ'ର ପଙ୍‌କ୍ତି 'ଫିହା ତମୁତୁନ' ର ବିରୁଦ୍ଧାଚରଣ କରୁଛି । ତେଣୁ ଆକାଶ ଉପରକୁ ସଶରୀରେ ଯାଇ ନଥିବା, ବରଂ ମରିଯାଇ ଥିବାର ଏଥିରୁ ପ୍ରତିପାଦିତ ହେଉଛି । କିନ୍ତୁ ଯେଉଁଠାରେ ଅଲ୍ଲାହ୍‌ଙ୍କର ପୁସ୍ତକ ଏକ ବିଚକ୍ଷଣ ବ୍ୟାଖ୍ୟା ଦ୍ୱାରା ଏପରି ନିଷ୍ପତ୍ତି କରିଦେଇଛି, ସେଠାରେ ସେହି ଅଲ୍ଲାହ୍‌ଙ୍କର ପୁସ୍ତକର ବିରୁଦ୍ଧାଚରଣ କରିବା ପାପ ନୁହେଁ ତ ଆଉ କ'ଣ ହୋଇପାରେ ?

ଯଦି ମୁଁ ଆସି ନଥାଆନ୍ତି, ତେବେ କେବଳ ଏହି ବିଭ୍ରାନ୍ତିକର ବ୍ୟାଖ୍ୟା କ୍ଷମାଯୋଗ୍ୟ ଥିଲା । କିନ୍ତୁ ଯେତେବେଳେ ମୁଁ ଅଲ୍ଲାହ୍‌ଙ୍କ ତରଫରୁ ଆସିଯାଇଛି ଓ ପବିତ୍ର କୁରଆନ୍‌ର ଶୁଦ୍ଧ ଅର୍ଥ ଉନ୍ମୋଚିତ ହୋଇଯାଇଛି, ସେତେବେଳେ ପୁଣି ଭ୍ରାନ୍ତିକୁ ପରିତ୍ୟାଗ ନ କରିବା ଧାର୍ମିକତାର ପରିଚାୟକ

ନୁହଁ । ମୋ ପାଇଁ ଅଲ୍ଲାଃଙ୍କର ନିଦର୍ଶନ କେବଳ ଆକାଶରେ ପ୍ରକଟିତ ହୋଇନାହିଁ ଭୂପୃଷ୍ଠରେ ମଧ୍ୟ ହୋଇଛି । ଚଳିତ ହିଜ୍ରି ଶତାବ୍ଦୀର ପ୍ରାୟ ଏକ ଚତୁର୍ଥାଂଶ ଅତିବାହିତ ହୋଇଗଲାଣି ଓ ସହସ୍ର ସହସ୍ର ନିଦର୍ଶନ ପ୍ରକଟିତ ହୋଇ ସାରିଲାଣି । ଅଧିକନ୍ତୁ ଏହି ସଂସାରର ଆୟୁ ସପ୍ତମ ସହସ୍ରାବ୍ଦ ଆରମ୍ଭ ହୋଇଯାଇଛି । ଏପରି ସ୍ଥଳେ ଏବେ ବି ସତ୍ୟକୁ ସ୍ୱୀକାର ନ କରିବା, ଏହା କେଉଁ ପ୍ରକାରର କଠୋର ହୃଦୟର ଭାବ ?

ଦେଖ ! ମୁଁ ଉଚ୍ଚ ସ୍ୱରରେ ଘୋଷଣା କରୁଛି ଯେ ସଂପ୍ରତି ଅଲ୍ଲାଃଙ୍କ ଦ୍ୱାରା ପ୍ରଦର୍ଶିତ ନିଦର୍ଶନମାନ ସମାପ୍ତ ହୋଇନାହିଁ । ସେହି ପୂର୍ବବର୍ତ୍ତୀ ଭୂକମ୍ପର ନିଦର୍ଶନ ପରେ ଯାହା ୪ ଅପ୍ରେଲ୍ ୧ ୯ ୦ ୫ ମସିହାରେ ପ୍ରକଟିତ ହୋଇଥିଲା ଓ ଏହାର କିଛି ସାଲ ପୂର୍ବରୁ ଏ ସମ୍ପର୍କରେ ଅବଗତ କରାଯାଇଥିଲା, ପୁଣି ଅଲ୍ଲାଃ ମୋତେ ଜଣାଇ ଦେଇଛନ୍ତି ଯେ ବସନ୍ତ ଋତୁରେ ଅନ୍ୟ ଏକ ଭୀଷଣ ଭୂମିକମ୍ପ ଆସିବାର ଅଛି । ତାହା ବସନ୍ତ ଋତୁରେ ହିଁ ହେବ । କିନ୍ତୁ ଏହା ଜଣା ନାହିଁ ଯେ ଯେତେବେଳେ ଆଦ୍ୟ ବସନ୍ତରେ ବୃକ୍ଷଗୁଡିକରେ ନୂତନ ପତ୍ର ଜାତ ହୁଏ, ସେହି ଭୂକମ୍ପ ସେତେବେଳେ ହେବ କି ତାହାର ମଧ୍ୟ ଭାଗରେ କି ଶେଷ ଭାଗରେ ହେବ ? ଦିବ୍ୟବାଣୀର ଭାଷା ଏହିପରି:

ଫିର ବାହାର ଆୟି, ଖୁଦାକି ବାତ୍ ଫିର ପୁରି ହୁଇ । **'ପୁଣି ବସନ୍ତ ଆସିଲା' ଅଲ୍ଲାଃଙ୍କର ବାଣୀ ପୁଣି ସତ୍ୟ ପ୍ରତିପାଦିତ ହେଲା'** । ଯେହେତୁ ପ୍ରଥମ ଭୂକମ୍ପ ମଧ୍ୟ ବସନ୍ତ କାଳରେ ହୋଇଥିଲା, ତେଣୁ ଅଲ୍ଲାଃ ଜଣାଇ ଦେଇଥିଲେ ଯେ ସେହି ଦ୍ୱିତୀୟ ଭୂକମ୍ପ ମଧ୍ୟ ବସନ୍ତ ଋତୁରେ ହିଁ ଆସିବ । ପୁନଶ୍ଚ ଯେହେତୁ ଜାନୁଆରୀର ଶେଷ ଭାଗରେ କେତେକ ବୃକ୍ଷରେ ପତ୍ର କଳିକା ବାହାରିବା ଆରମ୍ଭ ହୋଇଯାଏ, ତେଣୁ ଏହି ମାସରୁ ହିଁ ସେହି ଭୟପ୍ରଦ

ଦିବସ ଆରମ୍ଭ ହେବ ଓ ସମ୍ଭବତଃ ମଇ ମାସର ଶେଷ ଭାଗ ପର୍ଯ୍ୟନ୍ତ ସେହି ସମୟ ରହିବ*।

ଅଲ୍ଲାଃ କହିଛନ୍ତି **'ଜଲ୍‌ଜଲାତୁସ ସାଆତ୍'** ଅର୍ଥାତ୍ ସେହି ଭୂମିକମ୍ପ କୟାମତ(ମହାପ୍ରଳୟର)ର ପ୍ରତିରୂପ ହେବ । ଏହାପରେ ଅଲ୍ଲାଃ ପୁଣି କହିଛନ୍ତି:

لَكَ نُرِىْ اٰيٰتٍ وَّنَهْدِمُ مَا يَعْمُرُوْنَ

**ଲକା ନୁରି ଆୟାତିଉଁ ଓ୍ୱ ନହ୍‌ଦିମୁ ୟାମୁରୁନ**

**ଅର୍ଥାତ୍ 'ତୁମ ପାଇଁ ଆମ୍ଭେ ନିଦର୍ଶନ ପ୍ରଦର୍ଶନ କରିବୁ ଏବଂ ଯେଉଁମାନେ ଭବନ ନିର୍ମାଣ କରି ଚାଲିଥିବେ ଆମ୍ଭେ ସେଗୁଡିକୁ ଧରାଶାୟୀ କରାଇ ଚାଲିଥିବୁ।' ପୁଣି କହିଲେ, 'ଭୂମିକମ୍ପ ଆସିଲା ଓ ଭୀଷଣ ଆକାରରେ ଆସିଲା ଓ ଭୂପୃଷ୍ଠକୁ ଓଲଟ ପାଲଟ କରାଇ ଦେଲା।' ଅର୍ଥାତ୍ ଏକ ଭୟାନକ ଭୂମିକମ୍ପ ଆସିବ ଓ ପୃଥିବୀକୁ, ଅର୍ଥାତ୍ ପୃଥିବୀର କେତେକ ଅଂଶକୁ ଏପରି ତଳ ଉପର କରିଦେବ, ଯେପରି ହଜରତ୍ ଲୁତ୍[ଅସ]ଙ୍କ ସମୟରେ ହୋଇଥିଲା। ଏହାପରେ କହିଲେ: اِنِّىْ مَعَ الْاَفْوَاجِ اٰتِيْكَ بَغْتَةً

**ଇନ୍‌ନୀ ମାଆଲ୍ ଅଫ୍‌ଓ୍ୱାଜି ଆତିକା ବଗ୍‌ତତନ**

ଅର୍ଥାତ୍ 'ମୁଁ ଲୁକ୍କାୟିତ ଭାବରେ ସେନାବାହିନୀ ସଙ୍ଗରେ ନେଇ ଆସିବି ।' ସେହିଦିନ ସମ୍ବନ୍ଧରେ କେହି ଜଣେ ମଧ୍ୟ ଅବଗତ ନ ଥିବେ । ଯେପରି

* ବସନ୍ତ ସମୟର ଅର୍ଥ ଆଗାମୀ ବସନ୍ତ ସମୟ, ଯାହା ଚଳିତ ଶୀତ ଋତୁ ଅତିବାହିତ ହେବା ପରେ ଆସିବ କି ଅନ୍ୟ କୌଣସି ସମୟରେ, ଏ ବିଷୟରେ ମୋତେ ଜଣା ନାହିଁ। ବସନ୍ତ ସମୟରେ ଭୂକମ୍ପ ହେବା ଭବିଷ୍ୟବାଣୀର ପ୍ରକଟନ ଅବଲମ୍ବିତ ଅଛି । ଯାହାହେଉ, ଅଲ୍ଲାଃତାଲାଙ୍କ ବାଣୀରୁ ଜଣାପଡୁଛି ଯେ ଭୂକମ୍ପ ଯେକୌଣସି ବସନ୍ତ କାଳରେ ସଂଘଟିତ ହେବ । ମାତ୍ର ରାତ୍ରିରେ ଲୁକ୍କାୟିତ ଭାବରେ ଆସୁଥିବା ଜଣେ ବ୍ୟକ୍ତିଙ୍କ ସଦୃଶ ଅଲ୍ଲାଃ ଆସିବେ । ଏହା ହିଁ ଅଲ୍ଲାଃ ମୋତେ କହିଛନ୍ତି।

** ଏ ସମ୍ପର୍କରେ ଆଉ ଏକ ଦିବ୍ୟବାଣୀ 'ତୁମ ସକାଶେ ମୋ ନାମ ଦୀପ୍ତିମାନ ହେଲା' ମଧ୍ୟ ଉଲ୍ଲିଖିତ ଅଛି।

ହଜରତ୍ ଲୁତ୍[ଅସ]ଙ୍କ ଗ୍ରାମ ତଳ ଓ ଉପରଗାମୀ ହୋଇଯିବା ଅର୍ଥାତ ଧ୍ୱସ୍ତବିଧ୍ୱସ୍ତ ନ ହେବା ପର୍ଯ୍ୟନ୍ତ କାହାରି ପାଖରେ କୌଣସି ଖବର ପହଞ୍ଚି ନ ଥିଲା ଏବଂ ସମସ୍ତେ ଖିଆପିଆ ଓ ମଉଜ ମଜଲିସ୍‌ରେ ଲିପ୍ତ ଥିବାବେଳେ ହିଁ ଅଚାନକ ଭୂପୃଷ୍ଠକୁ ଓଲଟ ପାଲଟ କରି ଦିଆଗଲା । ସୁତରାଂ ଅଲ୍ଲାଃ କହୁଛନ୍ତି, ଏଠାରେ ମଧ୍ୟ ସେହିପରି ହେବ, କାରଣ ପାପର ମାତ୍ରା ସୀମା ଅତିକ୍ରମ କରିସାରିଛି ଓ ମାନବ ସମାଜ ସକଳ ସୀମା ଲଘଂନ କରି ସଂସାର ପ୍ରେମରେ ଜଡିତ ହୋଇଛି । ଏପରିକି ଅଲ୍ଲାଃଙ୍କ ପ୍ରଦର୍ଶିତ ପଥକୁ ଘୃଣା ଚକ୍ଷୁରେ ଦେଖାଯାଉଛି । ଅଧିକନ୍ତୁ ସେ କହିଲେ, 'ବହୁ ଜୀବନର ପରିସମାପ୍ତି ହେବ' । ପୁନଶ୍ଚ ଏହାପରେ ମୋତେ ସମ୍ବୋଧିତ କରି କହିଲେ:

قَالَ رَبُّكَ اِنَّهٗ نَازِلٌ مِّنَ السَّمَاۤءِ مَا يُرْضِيْكَ رَحْمَةً مِّنَّا ۔ وَكَانَ اَمْرًا مَّقْضِيًّا

**କାଲା ରବ୍‌ବୁକା ଇନ୍ନହୁ ନାଜିଲୁମ୍ ମିନସ୍ ସମାଏ ମାୟୁର୍‌ଜୀକା ରହ୍‌ମତମ୍ ମିନ୍‌ନା ଓ୍ୱ କାନା ଅମ୍‌ରମ୍ ମକ୍‌ଜିୟା**

ଅର୍ଥାତ୍ 'ତୁମ ପାଳନକର୍ତ୍ତା କହୁଛନ୍ତି, ଆକାଶରୁ ଏକ ଆଦେଶ ଅବତରଣ କରିବ, ଯଦ୍ୱାରା ତୁମେ ଆନନ୍ଦିତ ହୋଇଯିବ' । 'ଏହା ଆମ୍ଭ ତରଫରୁ ଏକ ଆଶୀର୍ବାଦ । ଏହା ଏପରି ଏକ ନିର୍ଣ୍ଣାୟକ ବିଷୟ ଯାହା ପ୍ରାରମ୍ଭରୁ ନିଶ୍ଚିତ ହୋଇଥିଲା ।' ତେଣୁ ଏହା ଆବଶ୍ୟକ ଯେ, ଯେ ପର୍ଯ୍ୟନ୍ତ ଏହି ଭବିଷ୍ୟବାଣୀ ବିଭିନ୍ନ ଜାତି ମଧ୍ୟରେ ପ୍ରଘଟ କରା ନଯାଇଛି, ସେ ପର୍ଯ୍ୟନ୍ତ ଆକାଶରୁ ସେହି ଆଦେଶ ପ୍ରକଟ ହେବାକୁ ରୋକାଯିବ । ଭାଗ୍ୟବାନ୍ ବ୍ୟକ୍ତିଙ୍କୁ ଛାଡିଦେଲେ ଅନ୍ୟ କିଏ ଅଛି ଯିଏ ଆମ୍ଭ ବାଣୀ ଉପରେ ବିଶ୍ୱାସ ସ୍ଥାପନ କରିବ ?

ମନେରଖ ! ଏହି ଉଦ୍‌ଘୋଷଣା ଭୟ ସଞ୍ଚାର କରିବା ଉଦ୍ଦେଶ୍ୟରେ କରାଯାଉ ନାହିଁ, ବରଂ ଆସନ୍ନ ଭୟର ଆଶଙ୍କା ପୂର୍ବରୁ ଯଥାଯଥ ଉପାୟ ସ୍ଥିର ହେବା ନିମିତ୍ତ କରାଯାଇଛି । ଫଳରେ କୌଣସି ବ୍ୟକ୍ତିର ଅଜାଣତରେ ପ୍ରାଣନାଶ ନ ହେଉ । ପ୍ରତ୍ୟେକ କାର୍ଯ୍ୟର କିଛି ନା କିଛି ଅଭିପ୍ରାୟ ରହିଛି ।

ସୁତରାଂ ଆମର ଅଭିପ୍ରାୟ ଦୁଃଖ ଦେବାକୁ ନୁହେଁ, ବରଂ ଦୁଃଖରୁ ପରିତ୍ରାଣ କରିବା । ଯେଉଁମାନେ କୁକର୍ମ ସକାଶେ ଅନୁତାପ କରୁଛନ୍ତି, ସେମାନଙ୍କୁ ଅଲ୍ଲାଃଙ୍କ ଶାସ୍ତିରୁ ମୁକ୍ତି ଦିଆଯିବ । ଯେଉଁ ହତଭାଗ୍ୟ ଅନୁତାପ କରେ ନାହିଁ, ପରିହାସ କରୁଥିବା ଗୋଷ୍ଠୀଙ୍କୁ ପରିତ୍ୟାଗ କରେ ନାହିଁ ଏବଂ କୁକର୍ମ ଓ ପାପକୁ ପରିହାର କରେ ନାହିଁ, ତାହାର ସର୍ବନାଶ ହେବା ଦିନ ନିକଟବର୍ତ୍ତୀ ହୋଇଛି । କାରଣ ତାର ଔଦ୍ଧତ୍ୟ ଅଲ୍ଲାଃଙ୍କ ଦୃଷ୍ଟିରେ ଶାସ୍ତି ପାଇବା ଯୋଗ୍ୟ ।

ଏଠାରେ ଅନ୍ୟ ଏକ ପ୍ରସଙ୍ଗ ଆଲୋଚନା ଯୋଗ୍ୟ । ମୁଁ ଯେପରି ବର୍ଣ୍ଣନା କରିସାରିଛି ଯେ ମୋତେ ଅଲ୍ଲାଃ ମୋ ଦେହାନ୍ତ ସମ୍ପର୍କରେ ଜଣାଇ ଦେଇଛନ୍ତି ଏବଂ ମୋତେ ସମ୍ବୋଧନ କରି ମୋ ଜୀବନ ସମ୍ପର୍କରେ କହିଛନ୍ତି ଯେ ମୋ ପାଇଁ ଅଳ୍ପ କେଇଟା ଦିନ ବାକି ରହିଛି । ସେ ଆହୁରି ମଧ୍ୟ କହିଛନ୍ତି 'ସକଳ ଦୈବୀ ଦୁର୍ଘଟଣା ଓ ପ୍ରାକୃତିକ ଚମ୍ତ୍କାରୀତା ପ୍ରଦର୍ଶନ କରାଇବା ପରେ ମୋର ଅନ୍ତ ହେବା ଘଟଣା ଘଟିବ' । ତେଣୁ ଏଥିରୁ ସୂଚନା ମିଳୁଛି ଯେ ସଂସାର ମୋ ଦେହାନ୍ତ ପୂର୍ବରୁ କେତେକ ଦୁର୍ଘଟଣାର ଶିକାର ହେବ ଓ ପ୍ରକୃତିର କେତେକ ବୈପ୍ଳବିକ ଘଟଣା ପ୍ରଦର୍ଶିତ ହେବ, ଯଦ୍ଦ୍ୱାରା ସଂସାର ଏକ ବିପର୍ଯ୍ୟୟ ପାଇଁ ପ୍ରସ୍ତୁତ ରହୁ ଓ ସେହି ବିପର୍ଯ୍ୟୟ ପରେ ମୋର ମୃତ୍ୟୁ ହେଉ । ପୁନଶ୍ଚ ମୋତେ ଗୋଟିଏ ସ୍ଥାନ ଦେଖାଇ ଦିଆଯାଇଛି, ଯେଉଁଠାରେ ମୋର ସମାଧି ପୀଠ (କବର) ହେବ । ସେଠାରେ ମୁଁ ଜଣେ ଦେବଦୂତଙ୍କୁ ଦେଖିବାକୁ ପାଉଛି, ଯିଏ ସେହି ଭୂଖଣ୍ଡକୁ ମାପି ଚାଲିଥିଲେ । ଏକ ସ୍ଥାନରେ ପହଞ୍ଚିବା ପରେ ମୋତେ ଏପରି ଏକ କବର ଦେଖାଇ ଦିଆଗଲା, ଯାହା ରୂପାଠାରୁ ଅଧିକ ଚମକପ୍ରଦ ଓ ଦୀପ୍ତିମାନ ଥିଲା ଓ ତାହାର ମାଟି ସବୁ ରୂପା ପରି ଝଲମଲ ହେଉଥିଲା । ସେତେବେଳେ ମୋତେ ଜଣାଇ ଦିଆଗଲା, 'ଏହା ତୋ କବର' । ପୁଣି ମୋତେ ଅନ୍ୟ ଏକ ସ୍ଥାନ ଦେଖାଇ ଦିଆଗଲା । ତାହାର ନାମ 'ବେହିସ୍ତି ମକବରା' ରଖାଗଲା ଓ ଜଣାଇ ଦିଆଗଲା ଯେ ସେଗୁଡିକ ଜମାଅତର ସେହି ପବିତ୍ର ବ୍ୟକ୍ତିମାନଙ୍କର କବର ସମୂହ,

ଯେଉଁମାନେ ବୈକୁଣ୍ଠବାସୀ । ସେହି ଦିନରୁ ଜମାଅତ ପାଇଁ କବରସ୍ତାନ ଉଦ୍ଦେଶ୍ୟରେ ଭୂମି ଖଣ୍ଡିଏ କ୍ରୟ କରିବାକୁ ସର୍ବଦା ମୋତେ ଚିନ୍ତା ଘାରିଲା । କିନ୍ତୁ ଯେହେତୁ ଉତ୍କୃଷ୍ଟ ଭୂମି ଅଧିକ ମୂଲ୍ୟରେ ମିଳୁଥିଲା, ତେଣୁ ଏହି ଉଦ୍ଦେଶ୍ୟ ଏକ ଦୀର୍ଘକାଳ ପର୍ଯ୍ୟନ୍ତ ସ୍ଥଗିତ ହୋଇ ରହିଲା । ସଂପ୍ରତି ଭାଇ ସ୍ୱର୍ଗତ ମୌଲବୀ ଅବଦୁଲ୍ କରିମ୍[ରଅ]ଙ୍କ ଦେହାନ୍ତ ପରେ ଯେତେବେଳେ କି ମୋ ଦେହାନ୍ତ ସମ୍ପର୍କରେ ମଧ୍ୟ ନିରନ୍ତର ଭାବେ ଅଲ୍ଲାହଙ୍କର ଓହି (ଦିବ୍ୟବାଣୀ) ପ୍ରାପ୍ତ ହେଉଛି, ତୁରନ୍ତ ଏକ କବରସ୍ତାନ ପାଇଁ ବ୍ୟବସ୍ଥା କରାଯିବାକୁ ମୁଁ ସମିଚୀନ ମନେକଲି । ତେଣୁ ଆମ ବଗିଚା ସଂଲଗ୍ନ ନିଜ ଦଖଲରେ ଥିବା ଭୂମିକୁ ଯାହାର ମୂଲ୍ୟ ଏକ ହଜାର ଟଙ୍କାରୁ କମ୍ ନୁହେଁ, ଏହି କାର୍ଯ୍ୟ ପାଇଁ ଚୟନ କରିଛି ଏବଂ ମୁଁ ଦୁଆ କରୁଛି ଯେ ଅଲ୍ଲାହ ଏଥିରେ ସମୃଦ୍ଧି ପ୍ରଦାନ କରନ୍ତୁ ଓ ଏହାକୁ 'ବେହିସ୍ତି ମକବରା'ରେ ପରିଣତ କରନ୍ତୁ । ଏହା ଜମାଅତ୍‌ର ସେହି ପବିତ୍ର ହୃଦୟଧାରୀ ମହାତ୍ମା ଲୋକମାନଙ୍କର ଚିର ନିଦ୍ରାଗତ ଶୟନ କକ୍ଷ ହେଉ, ଯେଉଁମାନେ ପ୍ରକୃତରେ ସଂସାର ପ୍ରେମ ତୁଳନାରେ ଧର୍ମାଚାରକୁ ଅଗ୍ରାଧିକାର ଦେଇଥିଲେ । ସେମାନେ ସାଂସାରିକ ମୋହକୁ ପ୍ରତ୍ୟାଖ୍ୟାନ କରିଥିଲେ, ଅଲ୍ଲାହଙ୍କ ସକାଶେ ନିଜକୁ ପ୍ରସ୍ତୁତ କରିଥିଲେ,ନିଜ ମଧ୍ୟରେ ଦିବ୍ୟ ପରିବର୍ତ୍ତନ ସୃଷ୍ଟି କରିଥିଲେ ଓ ମହାପୁରୁଷ ମୁହମ୍ମଦ[ସଅ]ଙ୍କ ଅସହାବ ବା ସହଚରମାନଙ୍କ ସଦୃଶ ବିଶ୍ୱସନିୟତା ଓ ସତ୍ୟନିଷ୍ଠାରେ ଆଦର୍ଶ ଦେଖାଇ ଥିଲେ । 'ଆମିନ, ୟା ରବ୍‌ବୁଲ୍ ଆଲମିନ' ।

ପୁଣି ମୁଁ ଦୁଆ କରୁଛି, ହେ ମୋର ସର୍ବଶକ୍ତିମାନ ଅଲ୍ଲାହ ! ମୋ ଜମାଅତର ଯେଉଁମାନଙ୍କ ଅନ୍ତର ଶୁଦ୍ଧ, ଯେଉଁମାନେ ବାସ୍ତବରେ ତୁମ୍ଭ ପାଇଁ ଉତ୍ସର୍ଗୀକୃତ ହୋଇଛନ୍ତି ଓ ସେମାନଙ୍କ କାର୍ଯ୍ୟାବଳୀରେ ସାଂସାରିକ ସ୍ୱାର୍ଥର ମିଶ୍ରଣ ନାହିଁ, ମୃତ୍ୟୁ ପରେ ସେମାନଙ୍କ କବର ଏହି ଭୂଖଣ୍ଡରେ ଗଢ଼ିଦିଅ । 'ଆମିନ, ୟା ରବ୍‌ବୁଲ୍ ଆଲମିନ' ।

ପୁନଶ୍ଚ ମୁଁ ତୃତୀୟ ଥର ପାଇଁ ଦୁଆ କରୁଛି, 'ହେ ମୋର ସର୍ବଶକ୍ତିମାନ୍ ଦୟାଳୁ ଅଲ୍ଲାହ ! ହେ ମୋର ଦୋଷ ମାର୍ଜନାକାରୀ କ୍ଷମାବନ୍ତ ଓ

ଦୟାଶୀଳ ଅଲ୍ଲାଃ ! ଯେଉଁମାନେ ତୁମ୍ଭର ଏହି ପ୍ରେରିତ ବ୍ୟକ୍ତିଙ୍କ ଉପରେ ସତ୍ ବିଶ୍ୱାସ ସ୍ଥାପନ କରୁଛନ୍ତି, ନିଜ ଅନ୍ତରରେ କପଟାଚରଣ, ଇନ୍ଦ୍ରିୟ ଲାଳସାର କାମନା ଓ ଅପଧାରଣା* (ବଦ୍‌ଜନୀ)କୁ ସ୍ଥାନ ଦେଇ ନାହାନ୍ତି, ଯେପରି ବିଶ୍ୱାସ ସ୍ଥାପନ ଓ ଆଜ୍ଞା ପାଳନ କରାଯିବା କଥା ସେପରି କରୁଛନ୍ତି, ତୁମ୍ଭ ପାଇଁ ଓ ତୁମ୍ଭ ପଥରେ ନିଜ ଅନ୍ତଃକରଣରେ ଜୀବନ ଉତ୍ସର୍ଗ କରି ଆସିଛନ୍ତି । ଯେଉଁମାନଙ୍କ ଉପରେ ତୁମ୍ଭେ ସନ୍ତୁଷ୍ଟ ଅଛ ଓ ଯେଉଁମାନଙ୍କୁ ତୁମ୍ଭେ ଜାଣିଛ ଯେ ସେମାନେ ସଂପୂର୍ଣ୍ଣ ଭାବେ ନିଜକୁ ତୁମ୍ଭ ପ୍ରେମରେ ବିଲୀନ କରି ଦେଇଛନ୍ତି ଏବଂ ତୁମ୍ଭ ପ୍ରେରିତ ବ୍ୟକ୍ତିଙ୍କ ପ୍ରତି ବିଶ୍ୱସ୍ତତା ତଥା ସଂପୂର୍ଣ୍ଣ ସମ୍ମାନ ଏହି ପ୍ରକାଶ୍ୟ ଧର୍ମବିଶ୍ୱାସ ସହିତ ପ୍ରେମ ଓ ଅନୁରକ୍ତି ଭିତ୍ତିକ ସମ୍ପର୍କ ରଖୁଛନ୍ତି, ସେମାନଙ୍କ ସକାଶେ ଏହି ଭୂଖଣ୍ଡରେ କବର ପାଇଁ ସ୍ଥାନ ଦିଅ ।

**‘ଆମିନ, ୟା ରବ୍‌ବୁଲ ଆଲମିନ’ ।** اٰمِيْن يَارَبَّ الْعَالَمِيْنَ۔

ଯେହେତୁ ଏହି କବରସ୍ତାନ ସମ୍ପର୍କରେ ମୋତେ ଅତି ଗୁରୁତ୍ୱପୂର୍ଣ୍ଣ ସୁସମାଚାରମାନ ପ୍ରାପ୍ତ ହେଇଛି ଏବଂ ଅଲ୍ଲାଃତାଲା କେବଳ ଏହାକୁ ‘ବେହିସ୍ତି ମକବରା’ ଅର୍ଥାତ ସ୍ୱର୍ଗବାସୀଙ୍କ ସମାଧିସ୍ଥଳ ବୋଲି କହି ନାହାନ୍ତି, ବରଂ ଏହା ମଧ୍ୟ କହିଛନ୍ତି ଯେ

اُنْزِلَ فِيْهَا كُلُّ رَحْمَةٍ

**ଉନଜିଲା ଫିହା କୁଲ୍ଲୁ ରହ୍‌ମତିନ୍**

* ‘ଅପଧାରଣା’ ଏକ ପ୍ରଚଣ୍ଡ ବିପତ୍ତି । ତାହା ଧର୍ମବିଶ୍ୱାସକୁ ଏପରି ଶୀଘ୍ର ଜଳାଇ ଦିଏ ଯେପରି ଜଳୁଥିବା ନିଆଁ ଅଳିଆ ଅସକରାକୁ ଜଳାଇ ଦିଏ । ଯେଉଁ ବାକ୍ତି ଅଲ୍ଲାଃଙ୍କ ପ୍ରେରିତ ପୁରୁଷଙ୍କ ପ୍ରତି ଅପଧାରଣା ପୋଷଣ କରେ, ଅଲ୍ଲାଃ ସ୍ୱୟଂ ତାହାର ଶତ୍ରୁ ପାଲଟି ଯା’ନ୍ତି ଓ ତା’ ସହିତ ଯୁଦ୍ଧ କରିବାକୁ ଉଦ୍ୟତ ହୁଅନ୍ତି । ସେ ନିଜ ମନୋନୀତ ବ୍ୟକ୍ତିଙ୍କ ସକାଶେ ଏତେ ପରିମାଣରେ ମର୍ଯ୍ୟାଦାବୋଧକୁ ନିଜସ୍ୱ କରି ନିଅନ୍ତି, ଯାହାର ଦୃଷ୍ଟାନ୍ତ ଅନ୍ୟ କୌଣସି ବ୍ୟକ୍ତିଙ୍କ ଠାରେ ଉପଲବ୍ଧ ହୁଏ ନାହିଁ । ଯେତେବେଳେ ମୋ ଉପରେ ବିଭିନ୍ନ ପ୍ରକାର ଆକ୍ରମଣ ହେଲା, ସେତେବେଳେ ଅଲ୍ଲାଃଙ୍କର ସେହି ମର୍ଯ୍ୟାଦାବୋଧ ପ୍ରଜ୍ୱଳିତ ହେଲା । ଏ ସମ୍ପର୍କରେ ଅଲ୍ଲାଃ କହିଛନ୍ତି :

ଅର୍ଥାତ୍ 'ଏହି କବରସ୍ଥାନରେ ପ୍ରତ୍ୟେକ ପ୍ରକାରର ଦିବ୍ୟ କୃପା ଅବତରଣ କରାଯାଇଛି । ଏପରି କୌଣସି ଦିବ୍ୟକୃପା ନାହିଁ ଯାହା ଏହି କବରସ୍ଥାନବାସୀଙ୍କ ଭାଗରେ ନ ପଡିବ । ତେଣୁ ଅଲ୍ଲାଃ ମୋ ହୃଦୟକୁ ତାଙ୍କର ଗୁପ୍ତ ଦିବ୍ୟବାଣୀ ଦ୍ୱାରା ଏ ଦିଗରେ ପ୍ରବୃତ୍ତ କରିଦେଲେ ଯେ ଏହି କବରସ୍ଥାନ ପାଇଁ କେତେକ ସର୍ତ୍ତ ଖଞ୍ଜିବାକୁ ହେବ । ସେଗୁଡିକ ହେଲା, ଯେଉଁମାନେ ନିଜ ନିଷ୍ଠାପରତା ଓ ସଂପୂର୍ଣ୍ଣ ସତ୍ୟନିଷ୍ଠା ଯୋଗୁଁ ସେହି ସର୍ତ୍ତଗୁଡିକୁ ପାଳନ କରୁଥିବେ, କେବଳ ସେହିମାନଙ୍କୁ ଏହି କବରସ୍ଥାନରେ ପ୍ରବେଶର ଅନୁମତି ମିଳିପାରିବ । ବସ୍ତୁତଃ ସେଥିପାଇଁ ତିନିଗୋଟି ସର୍ତ୍ତ ରହିଛି, ଯେଉଁଗୁଡିକ ଅବଶ୍ୟ ପାଳନୀୟ ।

(୧) ଏହି ସାଂପ୍ରତିକ କବରସ୍ଥାନର ଜମିକୁ ମୁଁ ଚାନ୍ଦା ଆକାରରେ ନିଜ ତରଫରୁ ଦେଉଛି । କିନ୍ତୁ ଏହାର ପରିସରକୁ ସଂପୂର୍ଣ୍ଣ କରିବା ପାଇଁ ଅଧିକ ପରିମାଣରେ ଜମି କ୍ରୟ କରିବାକୁ ହେବ, ଯାହାର ମୂଲ୍ୟ ଆନୁମାନିକ ଏକ

---

انی مع الرسول اقوم والوم من یلوم ۔ واعطیك مایدوم ۔ لك درجة فی السماء وفی الذین هم یبصرون ۔ ولك نری اٰیٰت ونهدم مایعمرون ۔ وقالوا اتجعل فیها من یفسد فیها ۔ قال انی اعلم مالا تعلمون ۔ انی مهین من اراد اهانتك ۔ لا تخف انی لایخاف لدی المرسلون ۔ اتی امر الله فلا تستعجلوه بشارة تلقّا ها النبیون یا احمدی انت مرادی ومعی ۔ انت منّی بمنزلة توحیدی وتفریدی وانت منّی بمنزلة لایعلمها الخلق وانت وجیه فی حضرتی اخترتك لنفسی ۔ اذا غضبت غضبت وکلما احببت احببت ۔ اثرك الله علی کل شیء الحمدلله الذی جعلك المسیح ابن مریم ۔ لایسئل عما یفعل وهم یسئلون ۔ وکان وعدا مفعولا یعصمك الله من العدا ۔ ویسطو بکل من سطا ۔ ذالك بما عصوا وکانوا یعتدون ۔ الیس الله بکاف عبدهٗ ۔ یاجبال اوبی معهٗ والطیر ۔ کتب الله لاغلبن انا ورسلی ۔ وهم من بعد غلبهم سیغلبون ۔ ان الله مع الذین اتقوا والذین هم محسنون ۔ ان الذین اٰمنوا انّ لهم قدم صدق عند ربّهم ۔ سلام قولا من ربّ رحیم وامتازوا الیوم ایّها المجرمون ۔ منه

ହଜାର ଟଙ୍କା ହେବ । ପୁଣି ଏହାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ କିଛି ଗଛ ଲଗାଯିବ । ଗୋଟିଏ କୂଅର ବ୍ୟବସ୍ଥା କରିବାକୁ ହେବ । ଏହି କବରସ୍ତାନ ଉତ୍ତର ପଟେ ପ୍ରଚୁର ପାଣି ଜମି ରହୁଛି । ଏହିପଟେ ସାଧାରଣତଃ ଯିବା ଆସିବା କରାଯାଏ । ତେଣୁ ସେଠାରେ ଏକ ପୋଲ ନିର୍ମାଣ କରାଯିବ । ଫଳରେ ଏପରି ବିଭିନ୍ନ ଖର୍ଚ୍ଚ ପାଇଁ ଦୁଇ ହଜାର ଟଙ୍କା ଦରକାର ହେବ । ତେଣୁ ଏହି କାର୍ଯ୍ୟକୁ ସଂପୂର୍ଣ୍ଣ କରିବା ପାଇଁ ମୋଟ ତିନି ହଜାର ଟଙ୍କା ଖର୍ଚ୍ଚ ହେବ । ଅତଏବ ପ୍ରଥମ ସର୍ତ୍ତ ହେଉଛି, ସେହି ପ୍ରତ୍ୟେକ ବ୍ୟକ୍ତି ଯେ କି ଏହି କବରସ୍ତାନରେ ନିଜର କବର ପ୍ରାପ୍ତି ଚାହାନ୍ତି, ଏହାର ଖର୍ଚ୍ଚ ତୁଲାଇବା ପାଇଁ ନିଜ ସାମର୍ଥ୍ୟ ଦୃଷ୍ଟିରୁ ଚାନ୍ଦା ଦେଉ ଓ ଏହି ଚାନ୍ଦା ଅନ୍ୟମାନଙ୍କ ଠାରୁ ନୁହେଁ କେବଳ ସେହିମାନଙ୍କ ଠାରୁ ମଗାଯାଉଛି । ବର୍ତ୍ତମାନ ପାଇଁ ଏହି ଚାନ୍ଦା ସମ୍ମାନନୀୟ ଭାଇ ମୌଲବୀ ନୁରୁଦ୍ଦିନ ସାହେବଙ୍କ ପାଖକୁ ଆସିବା ଦରକାର । କିନ୍ତୁ ଯଦି ଅଲ୍ଲାଃ ତାହାକୁ ଅନୁମୋଦନ କରିବେ, ତେବେ ଏହି ପରମ୍ପରା ଆମ ସମସ୍ତଙ୍କ ମୃତ୍ୟୁ ପରେ ମଧ୍ୟ ଚାଲୁ ରହିବ । ଏପରି ପରିସ୍ଥିତିରେ ଏକ ସଂସ୍ଥା ସ୍ଥାପିତ ହେବା ଆବଶ୍ୟକ ଯେଉଁଠାରେ ସମୟ କ୍ରମେ ଆଦାୟ କରାଯାଉଥିବା ରାଶିକୁ ଜମା କରି ରଖାଯିବ । ଅଲ୍ଲାଃଙ୍କ ବାଣୀର ପୃଷ୍ଟପୋଷକତା ତଥା ଏକେଶ୍ୱରବାଦର ପ୍ରଚାର ପାଇଁ ସମୀଚୀନ ମନେ ହେବା ରୀତିରେ ତାହାକୁ ବ୍ୟୟ କରାଯିବ ।

(୨) ଦ୍ୱିତୀୟ ସର୍ତ୍ତ ହେଉଛି, ଜମାଅତ୍‌ର ସମସ୍ତ ଲୋକଙ୍କ ମଧ୍ୟରୁ ଏହି କବରସ୍ତାନ ମଧ୍ୟରେ ସେ ହିଁ ସମାଧି ପାଇବ, ଯିଏ **ଓ୍ୱସିୟତ (ଇଚ୍ଛାପତ୍ର) କରିବ ଯେ ତା'ର ମୃତ୍ୟୁ ପରେ ସେ ଛାଡି ଯାଇଥିବା ସମଗ୍ର ସମ୍ପତ୍ତିର ଏକ-ଦଶମାଂଶ ଏହି ସମ୍ପ୍ରଦାୟ ଆଦେଶାନୁଯାୟୀ ଇସଲାମର ପ୍ରସାର ଓ କୁରଆନ୍ ବର୍ଣ୍ଣିତ ଆଦେଶାବଳୀର ପ୍ରଚାର ପାଇଁ ଖର୍ଚ୍ଚ ହେବ ।** ପୁନଶ୍ଚ ପ୍ରତ୍ୟେକ ନିଷ୍ଠାପର ଓ ସଂପୂର୍ଣ୍ଣ ଧର୍ମବିଶ୍ୱାସୀ ବ୍ୟକ୍ତିଙ୍କର ନିଜ ଓ୍ୱସିୟତ୍‌ନାମାରେ ଏହାଠାରୁ ଅଧିକ ମଧ୍ୟ ଲିପିବଦ୍ଧ କରିବାର ଅଧିକାର ରହିବ, ମାତ୍ର ଏହାଠାରୁ କମ୍ ହେବ ନାହିଁ । ଅଧିକନ୍ତୁ ଏ ପ୍ରକାର ଆର୍ଥିକ ଆୟ ଏକ ବିଶ୍ୱସ୍ତ ଓ ବିଦ୍ୱାନ୍ ବ୍ୟକ୍ତିମାନଙ୍କୁ ନେଇ ଗଠିତ ଅଞ୍ଜୁମନ (ସଂସ୍ଥା)ର

ନିୟନ୍ତ୍ରଣରେ ରହିବ । ସେହି ସଂସ୍ଥା ପାରସ୍ପରିକ ପରାମର୍ଶ କ୍ରମେ ଇସଲାମ୍ ଧର୍ମର ଶ୍ରୀବୃଦ୍ଧି, କୁରଆନ୍ ଓ ବିଭିନ୍ନ ଧର୍ମ ପୁସ୍ତକର ଜ୍ଞାନ ଆହରଣ ତଥା ଏହି ସମ୍ପ୍ରଦାୟର ଧର୍ମୋପଦେଷ୍ଟାଙ୍କ ନିମିତ୍ତ ଉପରୋକ୍ତ ଆଦେଶାନୁଯାୟୀ ଖର୍ଚ୍ଚ କରିବ । ଅଲ୍ଲାଃ ଏହି ସମ୍ପ୍ରଦାୟକୁ ଉନ୍ନତି ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଏଣୁ ଆଶା କରାଯାଇପାରେ ଯେ ଇସ୍‌ଲାମର ପ୍ରସାର ଉଦ୍ଦେଶ୍ୟରେ ଏପରି ଧନ ପ୍ରଚୁର ପରିମାଣରେ ଏକତ୍ରିତ ହେବ । ଯେଉଁ କାର୍ଯ୍ୟ ଇସ୍‌ଲାମର ସମୁଚିତ ପ୍ରସାର ବିଷୟ ମଧ୍ୟରେ ଆସୁଛି, ସେପରି ପ୍ରତ୍ୟେକ କାର୍ଯ୍ୟକୁ ବର୍ତ୍ତମାନ ସଂପୂର୍ଣ୍ଣ ରୂପେ ସୂଚାଇବା ଏକ ପୂର୍ବାନୁମାନିକ କାର୍ଯ୍ୟ ହେବ । ସେପରି ସମସ୍ତ କାର୍ଯ୍ୟ ସେହି ଧନରୁ ସମ୍ପାଦିତ ହେବ । ଯେଉଁ ଗୋଷ୍ଠୀ ଏହି କାର୍ଯ୍ୟ ତୁଲାଇବା ପାଇଁ ଉତ୍ତରଦାୟୀ ହେବେ, ଯେତେବେଳେ ସେମାନଙ୍କର ଦେହାନ୍ତ ହେବ, ତାଙ୍କ ଅନ୍ତେ ସେତେବେଳେ ଯେଉଁ ଲୋକମାନେ ସେମାନଙ୍କର ଉତ୍ତରାଧିକାରୀ ହେବେ, ଅହମଦୀୟା ଜମାଅତର ଆଦେଶ ଅନୁସାରେ ସେ ସମସ୍ତ କାର୍ଯ୍ୟ ତୁଲାଇବା ମଧ୍ୟ ସେମାନଙ୍କର କର୍ତ୍ତବ୍ୟ ହେବ । ଯେଉଁ ଅନାଥ, ଅଭାବୀ ଓ ଅହମଦୀୟା ସଂସ୍ଥାରେ ସାମିଲ ହେଉଥିବା ନୂତନ ମୁସଲମାନମାନଙ୍କର ପର୍ଯ୍ୟାପ୍ତ ପରିମାଣର ଜୀବିକା ନିର୍ବାହ କରିବା ପାଇଁ ସମ୍ବଳ ନାହିଁ, ସେହି ଧନରେ ସେମାନଙ୍କ ମଧ୍ୟ ଅଧିକାର ଅଛି । ବାଣିଜ୍ୟ ବ୍ୟବସାୟ ମାଧ୍ୟମରେ ଏହି ଧନରାଶିର ଅଭିବୃଦ୍ଧି ଘଟାଇବା ଉଚିତ ହେବ । ଏହାକୁ କେବଳ ଧାରଣାତୀତ ବୋଲି ମନେକର ନାହିଁ, ବରଂ ଏହା ସର୍ବଶକ୍ତିମାନ ତଥା ଆକାଶ ଓ ପୃଥିବୀର ସମ୍ରାଟଙ୍କ ଇଚ୍ଛା । ଏହି ଧନରାଶି କିପରି ଜମା ହେବ ଓ କେଉଁଭଳି ଏପରି ଗୋଷ୍ଠୀ ସୃଷ୍ଟି ହେବ ଯିଏକି ସାଧୁତା ଓ ସଚ୍ଚୋଟପଣ ଦେଖାଇ ଉତ୍ସାହର ସହିତ ଏପରି ସାହସିକ କାର୍ଯ୍ୟ ବହନ କରିବ, ଏ ବିଷୟରେ ମୋର ଦୁଃଖ ନାହିଁ । ବରଂ ମୋତେ ଏପରି ଚିନ୍ତା ଗ୍ରାସ କରୁଛି ଯେ ଆମ ସମୟ ଅତିବାହିତ ହେବା ପରେ ଯେଉଁମାନଙ୍କ ପାଖରେ ଏହି ଧନରାଶିକୁ ସମ୍ଭାଳିବାର ଦାୟିତ୍ୱ ଅର୍ପଣ କରାଯିବ, ସେମାନେ ପ୍ରଚୁର ଧନରାଶିକୁ ଦେଖି ପଥଭ୍ରଷ୍ଟ ହୋଇ ନ ଯାନ୍ତୁ ଓ ସଂସାରକୁ ପ୍ରେମ କରି

ନବସନ୍ତୁ । ଏଣୁ ମୁଁ କହୁଛି, ଏପରି ସଚ୍ଚୋଟ ବ୍ୟକ୍ତି ସର୍ବଦା ଏହି ଜମାଅତ୍‌ର ଅନ୍ତର୍ଭୁକ୍ତ ହେଉଥାନ୍ତୁ ଓ ଅଲ୍ଲାଃଙ୍କ ସକାଶେ କାର୍ଯ୍ୟ କରୁଥାନ୍ତୁ । ଅବଶ୍ୟ ଯାହାର ଜୀବନ ନିର୍ବାହର କୌଣସି ପନ୍ଥା ନ ଥିବ, ତାହାଙ୍କୁ ନିଜର ବ୍ୟୟ ଭାର ବହନ କରିବା ପାଇଁ ସାହାଯ୍ୟ ଆକାରରେ ଏହି ଧନରାଶିରୁ କିଛି ଅର୍ଥ ପ୍ରଦାନ କରାଯିବା ସମୀଚୀନ ହେବ ।

(୩) ତୃତୀୟ ସର୍ତ୍ତ ହେଉଛି, ଏହି କବରସ୍ଥାନରେ ଯେଉଁ ବ୍ୟକ୍ତିଙ୍କୁ କବର ଦିଆଯିବ ସେ ଧର୍ମପରାୟଣ ହୋଇଥିବେ, ନିଷିଦ୍ଧ ବିଷୟ ପ୍ରତି ସଂଯମତା ଅବଲମ୍ବନ କରୁଥିବେ, କୌଣସି ଶିର୍କ (ବହୁ ଈଶ୍ୱରବାଦ) ବା ବିଦ୍‌ଅତ୍ (ଅପଧର୍ମ) ସଂକ୍ରାନ୍ତ କାର୍ଯ୍ୟ କରୁ ନଥିବେ ଏବଂ ସତ୍ୟବାଦୀ ଓ ସ୍ୱଚ୍ଛ ମୁସଲମାନ ହୋଇଥିବେ ।

(୪) ଯେଉଁ ସାଧୁ ଚରିତ୍ର ବ୍ୟକ୍ତିଙ୍କର କୌଣସି ସମ୍ପତ୍ତି ନଥିବ ଓ ଯେ କୌଣସି ପ୍ରକାର ଆର୍ଥିକ ସେବା ପ୍ରଦାନ କରି ପାରୁ ନଥିବେ, ଯଦି ସେପରି ପ୍ରତ୍ୟେକ ବାକ୍ତିଙ୍କ ସପକ୍ଷରେ ଏହା ପ୍ରମାଣିତ ହେବ ଯେ ସେ ଧର୍ମ ବ୍ୟାପାରରେ ନିଜ ଜୀବନ ଉତ୍ସର୍ଗ (ଓକଫ୍) କରିଥିଲେ ଓ ଜଣେ ଧାର୍ମିକ ବ୍ୟକ୍ତି ଥିଲେ, ତେବେ ତାଙ୍କୁ ଏହି କବରସ୍ଥାନରେ କବର ଦିଆଯାଇ ପାରିବ ।

# ମାର୍ଗଦର୍ଶନ

(୧) ଯେଉଁ ବ୍ୟକ୍ତି ଉପର ବର୍ଣ୍ଣିତ ସର୍ତ୍ତାବଳୀ ଅନୁଯାୟୀ କୌଣସି ଓ୍ୱସିୟତ କରିବାକୁ ଇଚ୍ଛା କରିବେ, ତେବେ ତାହାଙ୍କ ଓ୍ୱସିୟତ୍ ସମ୍ପର୍କରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ତାହାଙ୍କ ମୃତ୍ୟୁ ପରେ ହେବ । କିନ୍ତୁ ଓ୍ୱସିୟତ ଲେଖି ଦେବା ପରେ ଏହାକୁ ଜମାଅତର ସଂପୃକ୍ତ ସେବା ପାଇଁ ନିଯୁକ୍ତ ଅମୀନ (ମାରଫତଦାର)ଙ୍କ ନିକଟରେ ଦାଖଲ କରିବା ଆବଶ୍ୟକ । ସେହିପରି ତାକୁ ମୁଦ୍ରଣ କରି ପ୍ରକାଶ କରିବା ମଧ୍ୟ ଏକ ଆବଶ୍ୟକ କାର୍ଯ୍ୟ ହେବ । କାରଣ ମୃତ୍ୟୁ ସମୟରେ ଅଧିକାଂଶ ଓ୍ୱସିୟତକୁ ଲିପିବଦ୍ଧ କରିବା କଷ୍ଟକର ହୋଇଥାଏ ।

ଯେହେତୁ ସ୍ୱର୍ଗୀୟ ନିଦର୍ଶନ ଓ ବିଭିନ୍ନ ବିପଦର ସମୟ ଆସନ୍ନ ଅଟେ, ଏଣୁ ଅଲ୍ଲାଃଙ୍କ ନିକଟରେ ଶାନ୍ତି ସମୟରେ ଓ୍ୱସିୟତ ଲେଖକଙ୍କ ସ୍ଥିତି ଉଚ୍ଚରେ ରହେ । ଯେଉଁ ବ୍ୟକ୍ତି ଶାନ୍ତି ସମୟରେ ଲେଖନ୍ତି ଓ ଏହି ଓ୍ୱସିୟତ ଲେଖିବା ଫଳରେ ଯାହାର ଧନରାଶି ନିରନ୍ତର ସହାୟତା ପ୍ରଦାନ କରୁଥିବ, ତାହାକୁ ନିରନ୍ତର ପୁଣ୍ୟ ପ୍ରାପ୍ତ ହେଉଥିବ ଏବଂ ଏହା ନିରବଚ୍ଛିନ୍ନ ବଦାନ୍ୟତା ଭାବରେ ଅଭିହିତ ହେବ ।

(୨) ଯେଉଁ ବ୍ୟକ୍ତି ଅନ୍ୟତ୍ର ରହୁଥିବେ ତଥା ଯେଉଁ ବ୍ୟକ୍ତି ଏହି ଦେଶର କୌଣସି କ୍ଷେତ୍ରରେ କାଦିୟାନ୍ ଠାରୁ ଦୂରରେ ଥିବେ ଏବଂ ଯେଉଁ ସବୁ ସର୍ତ୍ତ ଲିପିବଦ୍ଧ ହୋଇଛି ସେ ତଦନୁସାରେ ସେହି ସର୍ତ୍ତାବଳୀରେ ଆବଦ୍ଧ ଥିବେ, ତାଙ୍କ ଉତ୍ତରାଧିକାରୀମାନେ **ତାଙ୍କ ମୃତ୍ୟୁ ପରେ ତାଙ୍କ ଶବକୁ ଏକ ବାକ୍ସରେ ରଖି କାଦିୟାନ୍‌ରେ ପହଞ୍ଚାଇ ଦେବା ଉଚିତ** । ଯଦି ଏହି କବରସ୍ତାନର କାର୍ଯ୍ୟ ଶେଷ ହେବା ପୂର୍ବରୁ ଅର୍ଥାତ୍ ପୋଲ ଆଦିର ନିର୍ମାଣ ପୂର୍ବରୁ କୌଣସି ବ୍ୟକ୍ତିଙ୍କର ଦେହାବସାନ ହୁଏ, ଯାହାଙ୍କୁ ସର୍ତ୍ତାବଳୀ ଅନୁସାରେ ଏହି କବରସ୍ତାନରେ କବର ଦିଆଯିବା କଥା, ତେବେ ସେହି ବ୍ୟକ୍ତିଙ୍କ ଶବକୁ ଅମାନତ୍ ଭାବରେ ବାକ୍ସରେ ରଖି ସ୍ୱସ୍ଥାନରେ କବର ଦିଆଯିବ । ଏହାପରେ କବରସ୍ତାନ ସଂକ୍ରାନ୍ତୀୟ ସକଳ ଆବଶ୍ୟକ ନିର୍ମାଣ ପରେ କାଦିୟାନ୍‌କୁ ତାଙ୍କ ଶବକୁ ଅଣାଯିବ । କିନ୍ତୁ ଯେଉଁ ବ୍ୟକ୍ତିଙ୍କ ଶବକୁ ବାକ୍ସରେ ନରଖି କବର ଦିଆଯାଏ, ସେହି ବ୍ୟକ୍ତିଙ୍କ ଶବକୁ କବରରୁ ବାହାର କରାଯିବା ସମୀଚୀନ ହେବ ନାହିଁ* ।

* କୌଣସି ଅଜ୍ଞ ବ୍ୟକ୍ତି ଏହି କବରସ୍ତାନ ଓ ଏହି ବ୍ୟବସ୍ଥାକୁ (ଅପଧର୍ମ) ବିଦ୍‌ଅତ୍‌ର ଅନ୍ତର୍ଗତ ବୋଲି ନଭାବୁ । କାରଣ ଏହି ବ୍ୟବସ୍ଥା ଅଲ୍ଲାଃଙ୍କର ଦିବ୍ୟବାଣୀ ଅନୁସାରେ ହୋଇଛି । ଏଥିରେ ମଣିଷର କୌଣସି କର୍ତ୍ତୃତ୍ୱ ନାହିଁ । କୌଣସି ବ୍ୟକ୍ତି ଏପରି ଧାରଣା ନକରୁ ଯେ କେବଳ ଏହି କବରସ୍ତାନରେ କବର ଦିଆଗଲେ ଜଣେ ବ୍ୟକ୍ତି କିପରି ବୈକୁଣ୍ଠବାସୀ ହୋଇପାରିବ ? ଯେ କେହି ବ୍ୟକ୍ତିଙ୍କୁ ଏହି ଭୂମି ଯେ ବୈକୁଣ୍ଠବାସୀରେ ପରିଣତ କରିଦେବ, ଏପରି ଉଦ୍ଦେଶ୍ୟ ଏଥିରେ ନାହିଁ । ବରଂ ଅଲ୍ଲାଃଙ୍କ ବାଣୀର ଉଦ୍ଦେଶ୍ୟ ହେଉଛି ଯେ କେବଳ ବୈକୁଣ୍ଠବାସୀଙ୍କୁ ହିଁ ଏଠାରେ କବର ଦିଆଯିବ ।

ପ୍ରକାଶ ଥାଉ କି ଅଲ୍ଲାଃ ଇଚ୍ଛା ପ୍ରକାଶ କରୁଛନ୍ତି ଯେ ଏପରି ପରିପୂର୍ଣ୍ଣ ବିଶ୍ୱାସକାରୀମାନଙ୍କୁ ଗୋଟିଏ ସ୍ଥାନରେ କବର ଦିଆଯାଉ, ତା'ହେଲେ ଭବିଷ୍ୟତ ବଂଶଧର ଗୋଟିଏ ସ୍ଥାନରେ ସେମାନଙ୍କୁ ଦର୍ଶନ କରି ନିଜ ଧର୍ମବିଶ୍ୱାସକୁ ସତେଜ କରିପାରିବେ ଏବଂ ସେମାନଙ୍କ କାର୍ଯ୍ୟାବଳୀ ଅର୍ଥାତ୍ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ସେମାନେ ଯେଉଁସବୁ ଧର୍ମଗତ କାର୍ଯ୍ୟ କରିଛନ୍ତି, ସେ ସବୁ ସର୍ବଦା ଜାତି ନିକଟରେ ପ୍ରକଟିତ ହେଉଥିବ ।

ପରିଶେଷରେ ମୁଁ ଦୁଆ କରୁଛି ଯେ ଅଲ୍ଲାଃତାଲା ଏହି କାର୍ଯ୍ୟ ପାଇଁ ପ୍ରତ୍ୟେକ ନିଷ୍ଠାପର ବ୍ୟକ୍ତିଙ୍କୁ ସହାୟତା ପ୍ରଦାନ କରନ୍ତୁ । ସେମାନଙ୍କ ଅନ୍ତରରେ ଧର୍ମବିଶ୍ୱାସ ମୂଳକ ଉଦ୍ଦୀପନା ଉଦ୍ରେକ କରାନ୍ତୁ ଓ ସେମାନଙ୍କ ଦେହାବସାନ ମଙ୍ଗଳପ୍ରଦ କରନ୍ତୁ । ଆମୀନ୍ ।

ଆମ ସମ୍ପ୍ରଦାୟର ଯେଉଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏହି ଲେଖା ମିଳିବ, ସେ ନିଜ ବନ୍ଧୁମାନଙ୍କ ନିକଟରେ ଏହାକୁ ବିଜ୍ଞପିତ କରନ୍ତୁ ଏବଂ ସାଧ୍ୟାନୁଯାୟୀ ଏହାକୁ ପ୍ରସାର କରନ୍ତୁ ଏବଂ ଭବିଷ୍ୟତ ବଂଶଧରଙ୍କ ପାଇଁ ଏହାକୁ ସୁରକ୍ଷିତ ରଖନ୍ତୁ । ଅଧିକନ୍ତୁ ବିରୋଧୀମାନଙ୍କୁ ମଧ୍ୟ ଭଦ୍ରତା ସହକାରେ ଏ ବିଷୟରେ ଅବଗତ କରାନ୍ତୁ ଓ ପ୍ରତ୍ୟେକ କୁତ୍ସାରଚନାକାରୀଙ୍କ ସମ୍ପର୍କରେ ଧୈର୍ଯ୍ୟ ଧାରଣ କରନ୍ତୁ ଓ ଅନବରତ ଦୁଆ କରନ୍ତୁ ।

وَآخِرُ دَعْوَانَا أَنِ الْحَمْدُ لِلّٰهِ رَبِّ الْعٰلَمِيْنَ

راقم خاکسار

المفتقر الی اللّٰہ الصّمد غلام احمد عافاہ اللّٰہ وایّد

୨୦ ଡିସେମ୍ବର, ୧୯୦୫

الا اے کہ ہشیاری و پاک زاد    پئے حرص دنیا مدہ دیں بباد ص۲۲
بدیں دارِ فانی دل خود مبند    کہ دارد نہاں راحتش صد گزند
اگر باز باشد ترا گوشِ ہوش    زِ گورت ندائے درآید بگوش
کہ اے طعمۂ من پس از چند روز    پئے فکر دنیائے دوں کم بسوز
ہر آں کو بدنیائے دوں مبتلا است    گرفتارِ رنج و عذاب و عنا است
بُرست آنکہ برموت دارد نگاہ    بریدہ زِ دنیا، دویدہ براہ
سفر کردہ پیش از سفر سوئے یار    کشیدہ زِ دنیا ہمہ رخت و بار
پئے دارِ عقبیٰ کمر بستہ چُست    رہا کردہ سامان ایں خانہ سُست
چو کارِ حیات است کارے نہاں    ہماں بہ کہ دل بگسلی زیں مکاں
جہنم کزو داد فرقاں خبر    ہمیں حرصِ دنیا است جانِ پدر
چو آخر زِ دنیا سفر کردن است    چو روزے ازیں رہ گزر کردن است
چرا عاقلے دل بہ بندد دراں    کہ ناگہ وزد بر گُلِ او خزاں
بدیں قحبہ بستن دلِ خود خطا است    کہ ایں دشمنِ دین و صدق و صفا است
چہ حاصل ازین دلستانِ دو رنگ    کہ گاہے بصلحت کُشد گہ بجنگ
چرا دل نہ بندی بداں دلستاں    کہ مہرش رہاند زِ بندِ گراں
برو فکرِ انجام کن اے غوی    زِ سعدی شنو گر زِ من نشنوی

عروسی بود نوبتِ ماتمت
اگر بر نکوئی بود خاتمت

# ପାର୍ସୀ ନଜମର ଓଡିଆ ରୂପାନ୍ତର

ଅଲା ଏ କି ହୁଶିୟାରୀ ଓ୍ୱ ପାକ ଜାଦ
ପେି ହିର୍‌ସ ଦୁନିୟା ମଦହ ଦିଁ ବବାଦ

ବଦାଁ ଦାର ଫାନୀ ଦିଲେ ଖୁଦ ମବନ୍ଦ
କି ଓ୍ୱାରିଦ ନିହାଁ ରାହତଶ ସଦ ଗଜନ୍ଦ

ଅଗର ବାଜ ବଶଦ୍ ତୁରା ଗୋଶେ ହୋଶ
ଜିଗୋରତ , ନିଦାୟେ ଦରଆୟଦ୍ ବଗୋଶ

କେ ଅଏ ତଅମଇ ମନ୍ ପସ ଅଜ ଚନ୍ଦ ରୋଜ୍
ପଏ ଫିକରେ ଦୁନ୍‌ୟାଏ ଦୁଁ କମ ବିସୋଜ୍

ହର ଆଁ କୁ  ବଦୁନୟାଏ ଦୁଁ ମୁବତିଲା ଅସ୍ତ୍
ଗିରଫତାରେ ରନ୍‌ଜୋ ଅଜାବ ଓ୍ୱ ଅନା ଅସ୍ତ

ବିରସ୍ତ ଆଁ କି ବର ମୌତ ଦାରଦ ନିଗାହ
ବୁରେଦହ ଜିଦୁନ୍‌ୟା ଦୋ ଦୀଦହ ବରାହ

ସଫର କରଦହ ପେଶ ଅଜ୍ ସଫର ସୁଏ ୟାର
କଶୀଦହ ଜି ଦୁନିୟା ହମହ ରଖ୍‌ତୋ ବାର

ପଏ ଦାରେ ଉକ୍‌ବା କମର ବସ୍ତହ ଚୁସ୍ତ
ରିହା କରଦହ ସାମାନେ ଇଁ ଖାନା ସୁସ୍ତ

ଚୁ କାରେ ହାୟାତ ଅସ୍ତ କାରେ ନିହାଁ
ହମା ବିହ କୀ ଦିଲ ବିଗସଲୀ ଜୀଂ ମକାଁ

ଜହନ୍ନମ୍ କଜୁ ଦାଦ ଫୁରକାଁ ଖବର
ହମାଁ ହିରସି ଦୁନ୍‌ୟାସ୍ତ ଜାନେ ପିଦର

ଚୁ ଆଖିର ଜି ଦୁନ୍‌ୟା ସଫର କରଦନ ଅସ୍ତ
ଚୁ ରୋଜେ ଅଜାଁ ରହ ଗୁଜର କରଦିନ ଅସ୍ତ

ଚିରା ଆକିଲେ ଦିଲ ଓ୍ୱ ବନ୍ଦଦ୍ ଆଁ
କି ନାଗହ ଓ୍ୱ ଜଦ ବରଗୁଲେ ଉ ଖଜାଁ

ବଦାଁ କହବା ବସ୍ତନ ଦିଲେ ଖୁଦ ଖତା ଅସ୍ତ
କି ଇଁ ଦୁଶମନେ ଦୀନୋ ସିଦ୍‌କୋ ସଫା ଅସ୍ତ

ଚି ହାସିଲ ଅଜାଁ ଦିଲସିତାନେ ଦୋ ରଂଗ
କି ଗାହେ ବସୁଲ୍‌ହତ କୁଶଦ୍ ଗହ ବଜଂଗ

ଚିରା ଦିଲ ନ ବନ୍ଦୀ ବଦାଁ ଦିଲସିତାଁ
କି ମିହରଶ ରିହାନଦ୍ ଜୀ ବନ୍ଦେ ଗିରାଁ

ବିରୋ, ଫିକରେ ଅନ୍‌ଜାମ କୁନ୍ ଏ ଗୱି !
ଜି ସଅଦି ଶିନୋ, ଗର ଜିମନ୍ ନଶ୍‌ନୱି

ଉରୁସୀ ବୱଦ ନୋବତେ ମାତମତ୍
ଅଗର ବର ନିକୋଇ ବୱଦ ଖାତମତ୍ ।।

**ଅନୁବାଦ :** 'ଜାଣି ରଖ ଯେ ତୁମେ ପବିତ୍ର ବଂଶଜ ଓ ବୁଦ୍ଧିମାନ; ସାଂସାରିକ ମୋହମାୟାରେ କଦାପି ନିଜ ଧର୍ମକୁ ନଷ୍ଟ କରନାହିଁ । ଏହି ଅସ୍ଥାୟୀ ଦୁନିଆ ସହିତ ନିଜ ହୃଦୟକୁ ଜଡିତ କର ନାହିଁ । କାରଣ ଏହାର ସୁଖ ସମୃଦ୍ଧି ବାସ୍ତବରେ ଏଥିମଧ୍ୟରେ ଶତାଧିକ ଦୁଃଖ ଓ କଷ୍ଟ ଲୁଚାଇ ରଖିଥାଏ ।

ଯଦି ତୁ ସାବଧାନତା ସହ ଶୁଣିବୁ ତେବେ ତୋ କାନକୁ କବର ମଧ୍ୟରୁ ଏକ ବାଣୀ ଶୁଭିବ । ତାହା ହେଉଛି, ହେ ମୋ ସୁଖାନୁଭବ ! କେବଳ କିଛି ଦିନର ଜୀବନ ସକାଶେ ଏହି ତୁଚ୍ଛ ସଂସାରର ଭାବନା ଓ ଚିନ୍ତାରେ ନିଜକୁ କମ୍ ଜଳାଅ ।

ପ୍ରତ୍ୟେକ ସେହି ବ୍ୟକ୍ତି ଯେ କି ଏହି ତୁଚ୍ଛ ଦୁନିଆରେ ବୁଡି ରହିଛି, ବାସ୍ତବିକ ସେ ନିଜ ସକାଶେ ଦୁଃଖ, କଷ୍ଟ ଓ ପୀଡା ହିଁ ନେଉଛି । ଏହା ତୁଳନାରେ ସେ ବ୍ୟକ୍ତି ଭଲ ଓ ଉତ୍ତମ, ଯେ ସର୍ବଦା ନିଜ ମୃତ୍ୟୁ ଉପରେ ଦୃଷ୍ଟି ନିବଦ୍ଧ କରି ରହିଛି; ଏବଂ ସଂସାରରୁ ପୂର୍ଣ୍ଣତଃ ଅଲଗା ଓ ସତ୍‌ପଥ ଅନୁଗାମୀ ହୋଇ ରହିଛି । ଯିଏ ଯାତ୍ରା ପୂର୍ବରୁ ନିଜ ପ୍ରେମିକ ଆଡକୁ ଅଗ୍ରସର ହୋଇଥାଏ; ସମସ୍ତ ସାଂସାରିକ ବିଳାସ ବ୍ୟସନରୁ ମୁକ୍ତ ରହି ଶେଷ ନିବାସ ପାଇଁ ସତତ ପ୍ରଚେଷ୍ଟା କରୁଥାଏ ଏବଂ ଏହି ତୁଚ୍ଛ ସଂସାରର ଧନ ସମ୍ପଦକୁ ତେଜ୍ୟ କରି ଦିଏ ।

ଯଦି କୌଣସି ଭଲ କାମ ଲୁଚାଇ କରିବା ଜୀବନର ଲକ୍ଷ୍ୟ ହୁଏ, ତେବେ ଏହା ହିଁ ଉତ୍ତମ ଯେ ତୁ' ଏହି ଭବ ସଂସାରରୁ ନିଜ ମୋହ ମାୟା ତୁଟାଇଦେ ।

ନର୍କ, ଯାହା ସମ୍ବନ୍ଧରେ କୁର୍‌ଆନ୍ ପରିଷ୍କାର ଭାବେ ଜଣାଇ ଦେଇଛି, ହେ ମୋ ପ୍ରିୟ; ତାହା ହେଉଛି ଏ ସଂସାରର କାମନା, ଭୋଗ ଓ ଲାଳସା । ପରିଶେଷରେ ଏହି ସଂସାରରୁ ଯଦି ଦିନେ ବିଦାୟ ନେବାକୁ ପଡିବ, ତେବେ କାହିଁକି ଜଣେ ବିଜ୍ଞ ବ୍ୟକ୍ତି ଏସବୁରେ ନିଜ ମନ ନିବେଶ କରୁଅଛି ? ଏହା ଖୁବ ସମ୍ଭବ ଯେ ସହସା ତା'ଆଶା ପୁଷ୍ପ ଉପରେ ନିଦାଘର ଉତ୍ତପ୍ତ ପବନ ପ୍ରବାହିତ ହେବ ।

ଏହି ପାପୀ ଦୁନିଆରେ ନିଜ ମନ ଲଗାଇବା ବାସ୍ତବ ପକ୍ଷେ ଏକ ମସ୍ତବଡ ଭୁଲ୍ । କାରଣ ଏହା ଇସ୍‌ଲାମ୍ ଧର୍ମ, ସତ୍ୟ ଓ ସାଧୁତାର ଏକ ବଡ ଓ ମୁକ୍ତ ଶତ୍ରୁ ।

ତୋତେ ଏହି ଦ୍ୱୈତରଙ୍ଗୀ ଦୁନିଆରୁ କ'ଣ ମିଳିବ ? ଏହା ତ କେତେବେଳେ ବନ୍ଧୁତା ଓ କେତେବେଳେ ଶତ୍ରୁତା ଦ୍ୱାରା ହତ୍ୟା କରିଦିଏ ।

ତୁମେ କାହିଁକି ସେହି ପ୍ରକୃତ ମାଲିକଙ୍କ ସହ ହାର୍ଦ୍ଦିକ ସମ୍ପର୍କ ସ୍ଥାପନ କରିନେଉ ନାହଁ ? ଯାହାର ପ୍ରୀତି ଓ ପ୍ରେମ ତୁମକୁ ସଶ୍ରମ କାରାଦଣ୍ଡରୁ ମୁକ୍ତିଦେବ । ହେ ପଥଭ୍ରଷ୍ଟ ! ଚାଲିଯା' ନିଜର ଉତ୍ତମ ଅନ୍ତ ସକାଶେ ଚିନ୍ତା କର ।

ଯଦି ତୋତେ ମୋ ଉପଦେଶ ଭଲ ନଲାଗେ, ତେବେ ଅନ୍ତତଃ ପକ୍ଷେ ଶେଖ୍ ସା'ଦିଙ୍କ ଉପଦେଶ ଶୁଣିନେ ।

'ତୋର ଦୁଃଖ ଓ ଶୋକର ମୁହୂର୍ତ୍ତମାନ ଆମ ପାଇଁ
ସୁଖକର ହେବ
ଯଦି ତୋର ଅନ୍ତ ଉତ୍ତମ ଓ ଧର୍ମ ଉପରେ
ହୋଇଥିବ ।'

# ଓ୍ୱସିୟତ ପୁସ୍ତିକା ସଂଲଗ୍ନ ପରିଶିଷ୍ଟ

ଓ୍ୱସିୟତ ପୁସ୍ତିକା ସମ୍ପର୍କରେ ନିମ୍ନଲିଖିତ କେତେକ ଅତ୍ୟାବଶ୍ୟକ ବିଷୟ ପ୍ରକାଶଯୋଗ୍ୟ ଅଟେ ।

(୧) ଯେ ପର୍ଯ୍ୟନ୍ତ ସେହି କବରସ୍ତାନର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ଦୃଷ୍ଟିରୁ ସବୁମନ୍ତେ ନିର୍ମିତ ହୋଇଯାଇଛି ବୋଲି କବରସ୍ତାନ ବିଷୟକ ପରିଚାଳନା ସମିତି ପ୍ରକାଶ ନକରିଛି, ସେ ପର୍ଯ୍ୟନ୍ତ ଯେଉଁ ବ୍ୟକ୍ତି ଓ୍ୱସିୟତ ପୁସ୍ତିକାଭୁକ୍ତ ସର୍ତ୍ତାବଳୀର ଅନୁପାଳନ କରିଛନ୍ତି, ତାହାଙ୍କର ଶବକୁ ଏହି କବରସ୍ତାନରେ କବର ଦିଆଯିବା ପାଇଁ ଆଣିବା ସମୀଚୀନ ହେବ ନାହିଁ । ବରଂ ପୋଲ ଆଦି ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାଗୁଡ଼ିକର ନିର୍ମାଣ ପ୍ରଥମେ କରାଯିବା ଦରକାର ଓ ସେହି ସମୟ ପର୍ଯ୍ୟନ୍ତ ଶବକୁ ଏକ ବାକ୍ସ ମଧ୍ୟରେ ଗଚ୍ଛିତ ଅମାନତ୍ ସଦୃଶ ଅନ୍ୟ କୌଣସି କବରସ୍ତାନରେ କବର ଦିଆଯିବା ଦରକାର ।

(୨) ଯେଉଁ ବ୍ୟକ୍ତି ଓ୍ୱସିୟତ ପୁସ୍ତିକାଭୁକ୍ତ ସର୍ତ୍ତାବଳୀର ଅନୁପାଳନକୁ ସ୍ୱୀକାର କରିବେ, ତାଙ୍କ ପକ୍ଷରେ ଏହା ଅନିବାର୍ଯ୍ୟ ହେବ ଯେ ଏପରି ସ୍ୱୀକୃତିକୁ ଅତି କମ୍‌ରେ ଦୁଇ ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ସଂଲଗ୍ନ କରି ନିଜ ଚେତନା ଓ ଜ୍ଞାନ ଥିବା ବେଳେ ସଂସ୍ଥା ଅଞ୍ଜୁମନ୍ ନିକଟରେ ଅର୍ପଣ କରିବେ ଏବଂ ବିଶଦ ଭାବରେ ଲିପିବଦ୍ଧ କରିବେ ଯେ ସେ ନିଜର ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତିର **ଏକ ଦଶମାଂଶ**କୁ ଅହମଦୀୟା ସମ୍ପ୍ରଦାୟର ଉଦ୍ଦେଶ୍ୟଗୁଡ଼ିକର ପ୍ରଚାରାର୍ଥେ ଓ୍ୱସିୟତ ବା ଉତ୍ସର୍ଗ ଆକାରରେ ପ୍ରଦାନ କରୁଛନ୍ତି । ଅଧିକନ୍ତୁ ଅତି କମ୍‌ରେ ଏ ବିଷୟକୁ ଦୁଇଟି ସମ୍ବାଦପତ୍ରରେ ପ୍ରକାଶିତ କରାଇବା ଅନିବାର୍ଯ୍ୟ ହେବ ।

(୩) ଆଇନ୍ ଓ ଧର୍ମବିଧାନ (ଶରିୟତ) ଅନୁସାରେ ଓ୍ୱସିୟତଭୁକ୍ତ ବିଷୟବସ୍ତୁ ସମ୍ପର୍କରେ ସଂସ୍ଥା ନିଜେ ସଂପୂର୍ଣ୍ଣ ସନ୍ତୁଷ୍ଟ ହେବାପରେ

ଓ୍ୱସିୟତକର୍ତ୍ତାଙ୍କୁ ନିଜ ସ୍ୱାକ୍ଷର ଓ ମୋହର ଲଗାଇ ଏକ ପ୍ରମାଣପତ୍ର ପ୍ରଦାନ କରିବାକୁ ପଡିବ । ପୁନଶ୍ଚ ଯଦି ଉପରେ ବର୍ଣ୍ଣିତ ନିୟମାବଳୀ ଦୃଷ୍ଟିରୁ ଏହି କବରସ୍ତାନକୁ କୌଣସି ଶବ ଅଣାଯାଏ, ତେବେ ସେହି ପ୍ରମାଣପତ୍ରକୁ ସଂସ୍ଥା ନିକଟରେ ପ୍ରଦର୍ଶନ କରିବା ଅନିବାର୍ଯ୍ୟ ହେବ ଏବଂ ସଂସ୍ଥାର ପରାମର୍ଶ ଓ ସ୍ଥାନ ନିରୂପଣ ଅନୁସାରେ ସେହି ଶବକୁ ସଂସ୍ଥା ଦ୍ୱାରା ନିରୂପିତ ହୋଇଥିବା ସ୍ଥାନରେ କବର ଦିଆଯିବ ।

(୪) ଅଞ୍ଜୁମନ ଦ୍ୱାରା ସ୍ଥିର କରା ଯାଇଥିବା କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ବ୍ୟତୀତ ଏହି କବରସ୍ତାନରେ ନାବାଳକ ବା ନାବାଳିକାଙ୍କୁ କବର ଦିଆଯିବ ନାହିଁ । କାରଣ ସେମାନେ ଆରମ୍ଭରୁ ହିଁ ବୈକୁଣ୍ଠବାସୀ ଅଟନ୍ତି । କୌଣସି ମୃତ ବ୍ୟକ୍ତିର ଅନ୍ୟ ସମ୍ପର୍କୀୟଙ୍କୁ ସେହି କବରସ୍ତାନରେ ସେପର୍ଯ୍ୟନ୍ତ କବର ଦିଆଯିବ ନାହିଁ, ଯେପର୍ଯ୍ୟନ୍ତ ସେ ନିଜ ରୀତିରେ ଓ୍ୱସିୟତ ପୁସ୍ତିକା ଅନ୍ତର୍ଭୁକ୍ତ ସକଳ ସର୍ତ୍ତାବଳୀକୁ ପାଳନ ନ କରିଛନ୍ତି ।

(୫) ଯେଉଁ ବ୍ୟକ୍ତି କାଦିୟାନ୍ ଭୂମିରେ ମୃତ୍ୟୁବରଣ କରି ନାହାନ୍ତି, ସେପରି ପ୍ରତ୍ୟେକ ବ୍ୟକ୍ତିଙ୍କ ଶବକୁ କବର ଦେବା ପାଇଁ ବିନା ବାକ୍ସରେ କାଦିୟାନ୍‌କୁ ଅଣାଯିବା ଅସମୀଚୀନ ହେବ । ଏବଂ କବରସ୍ତାନ ସମ୍ପର୍କରେ ଯଦି କୌଣସି ଅପ୍ରତ୍ୟାଶିତ ପ୍ରତିବନ୍ଧକ ଦେଖା ଦେଇଥିବ, ତେବେ ତାହାକୁ ଦୂର କରି ଅନୁମତି ଦେବା ସକାଶେ ଅତି କମ୍‌ରେ ଏକ ମାସ ପୂର୍ବରୁ ଏ ବିଷୟରେ ଅବଗତ କରାଯିବା ମଧ୍ୟ ଅନିବାର୍ଯ୍ୟ ହେବ ।

(୬) ଅଲ୍ଲାଃ ନ କରନ୍ତୁ, ଯଦି ଏପରି କୌଣସି ବ୍ୟକ୍ତି ପ୍ଲେଗ୍ ରୋଗରେ ମୃତ୍ୟୁବରଣ କରିଥିବେ ଅଥଚ ଓ୍ୱସିୟତ ପୁସ୍ତିକାଭୁକ୍ତ ସକଳ ସର୍ତ୍ତ ପାଳନ କରିଥିବେ, ତାହାଙ୍କ ସମ୍ପର୍କରେ ଏହି ଗୁରୁତ୍ୱପୂର୍ଣ୍ଣ ଆଦେଶ ଦିଆଯାଉଛି ଯେ ତାଙ୍କର ଶବକୁ ଦୁଇ ବର୍ଷ ପର୍ଯ୍ୟନ୍ତ ବାକ୍ସରେ ରଖି ପୃଥକ୍ ସ୍ଥାନରେ ଗଚ୍ଛିତ ଅମାନତ୍ ହିସାବରେ କବର ଦିଆଯାଉଛି

ଏବଂ ଦୁଇବର୍ଷ ପରେ ମୃତ ବ୍ୟକ୍ତିଙ୍କ ଦେହାବସାନର ସ୍ଥାନ ଓ କାଦିୟାନରେ ଯେଉଁ ସମୟରେ ପ୍ଲେଗର ପ୍ରାଦୁର୍ଭାବ ନଥିବ, ସେହି ସମୟରେ ତାହାକୁ ଅଣାଯିବ ।

(୭) ସ୍ମରଣ ରଖିବାକୁ ହେବ ଯେ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ଏକ ଦଶମାଂଶ ଦେଇଦେବା ପର୍ଯ୍ୟାପ୍ତ ହେବ ନାହିଁ, ବରଂ ଏହା ମଧ୍ୟ ଅନିବାର୍ଯ୍ୟ ହେବ ଯେ ଏଭଳି ଓ୍ୱସିୟତକର୍ତ୍ତା ଯଥାସମ୍ଭବ ଇସ୍‌ଲାମୀୟ ଆଦେଶାବଳୀର  ଆଜ୍ଞାବହ ହୋଇଥିବେ, ସଂଯମ ଧାରଣ (ତକ୍‌ଓ୍ୱା) ଓ ପବିତ୍ର କାର୍ଯ୍ୟ କରିବାରେ ପ୍ରୟାସୀ ଥିବେ ଏବଂ ଜଣେ ନୈଷ୍ଠିକ ମୁସଲମାନ ରୂପେ ଅଲ୍ଲାଃଙ୍କୁ ଅଦ୍ୱିତୀୟ ଜ୍ଞାନ କରିବା ସହିତ ରସୁଲ୍‌ଙ୍କ ଠାରେ ସତ୍‌ବିଶ୍ୱାସ ସ୍ଥାପନକାରୀ ହୋଇଥିବେ । ଅଧିକନ୍ତୁ ସେ ଲୋକମାନଙ୍କର କୌଣସି ଅଧିକାରକୁ ଛଡାଇ ନଥିବେ ।

(୮) ଯଦି କୌଣସି ବ୍ୟକ୍ତି ନିଜ ସମ୍ପତ୍ତିର ଏକ ଦଶମାଂଶ ଓ୍ୱସିୟତ କରିଥାନ୍ତି ଓ ହଠାତ୍ ତାହାଙ୍କର ମୃତ୍ୟୁ ଏପରି ଭାବରେ ହୁଏ, ଅର୍ଥାତ୍ ନଦୀରେ ବୁଡିଯାଇ ମୃତୁବରଣ କରିଥାନ୍ତି ବା ଏପରି ଅନ୍ୟ କୌଣସି ଦେଶରେ ତାଙ୍କର ଦେହାନ୍ତ ହୋଇଥାଏ ଯେଉଁଠାରୁ ତାଙ୍କ ଶବକୁ ଆଣିବା କଷ୍ଟକର ହୋଇପଡେ, ତେବେ ତାହାଙ୍କ ଓ୍ୱସିୟତ ସେହି ପରି ସୁଦୃଢ଼ ରହିବ । ଏବଂ **ସତେ ଯେପରି ତାଙ୍କୁ ଏହି କବରସ୍ତାନରେ କବର ଦିଆଯାଇଛି, ଅଲ୍ଲାଃଙ୍କ ନିକଟରେ ସେ ସେହିପରି ଗଣ୍ୟ ହେବେ । ତେଣୁ ତାଙ୍କ ସ୍ମୃତିରେ ଏହି କବରସ୍ତାନରେ ଇଟା ବା ପଥର କାନ୍ଥ ଉପରେ ଏକ ସ୍ମୃତିଲେଖ ଫଳକ (ଆଜିକାଲି ମାର୍ବଲ ଖଚିତ ନକରି କମ୍ପୁଟରାଇଜ କରି Acrylic Board Printing କରାଯାଉଛି -ପ୍ରକାଶକ) ସଂଲଗ୍ନ କରାଯିବା ସମୀଚୀନ ହେବ** । ତା’ ଉପରେ ଘଟଣା ସମ୍ପର୍କିତ ବର୍ଣ୍ଣନା ମଧ୍ୟ ଲିପିବଦ୍ଧ ହେବ ।

(୯) ଅହମଦୀୟା ସମ୍ପ୍ରଦାୟର ଉଦ୍ଦେଶ୍ୟ ବ୍ୟତିରେକେ ଅନ୍ୟ କୌଣସି ସ୍ଥାନରେ ସଂସ୍ଥା ଦାୟିତ୍ୱରେ ଥିବା ସେହି ଧନକୁ ଖର୍ଚ୍ଚ କରାଯାଇ ପାରିବ ନାହିଁ । ସେଭଳି ଉଦ୍ଦେଶ୍ୟଗୁଡିକ ମଧ୍ୟରେ ଇସ୍‌ଲାମ ଧର୍ମର ପ୍ରଚାର ସମ୍ପର୍କିତ ଉଦ୍ଦେଶ୍ୟକୁ ଅଗ୍ରାଧିକାର ଦିଆଯିବ । ସଂସ୍ଥାର ସହମତି କ୍ରମେ ସେହି ଧନକୁ ବ୍ୟବସାୟ ବାଣିଜ୍ୟ ମାଧ୍ୟମରେ ବୃଦ୍ଧି କରାଯିବା ମଧ୍ୟ ସମୀଚୀନ ହେବ ।

(୧୦) ବେହିସ୍ତି ମକବରା (କବରସ୍ଥଳୀ) ସଂସ୍ଥାର ସମସ୍ତ ସଦସ୍ୟ ଅହମଦୀୟା ସମ୍ପ୍ରଦାୟଭୁକ୍ତ ହୋଇଥିବେ ତଥା ସେମାନେ ପବିତ୍ର ସ୍ୱଭାବର ଓ ସଚ୍ଚୋଟ ହେବା ଆବଶ୍ୟକ । ଯଦି ଭବିଷ୍ୟତରେ କୌଣସି ସଦସ୍ୟଙ୍କ ସମ୍ପର୍କରେ ଅନୁଭବ କରାଯିବ ଯେ ସେ ପବିତ୍ର ସ୍ୱଭାବର ନୁହନ୍ତି ବା ସଚ୍ଚୋଟ ନୁହନ୍ତି, ବରଂ ସେ ଜଣେ ଧୂର୍ତ୍ତ ତଥା ଅସାଧୁ ବ୍ୟକ୍ତି ଏବଂ ତାଙ୍କ ଅନ୍ତରରେ ସାଂସାରିକ ସ୍ୱାର୍ଥ ଜଡିତ ରହିଛି, ତେବେ ସେପରି ବ୍ୟକ୍ତିଙ୍କୁ ସେହି ସଂସ୍ଥାରୁ ଅବିଳମ୍ବେ ବିତାଡିତ କରି ତାଙ୍କ ସ୍ଥାନରେ ଅନ୍ୟ ଜଣକୁ ନିଯୁକ୍ତ କରିବା ସଂସ୍ଥାର କର୍ତ୍ତବ୍ୟ ହେବ ।

(୧୧) ଯଦି ଓ୍ୱସିୟତଭୁକ୍ତ ଧନରାଶି ସମ୍ପର୍କରେ କୌଣସି ବିବାଦ ଉପସ୍ଥିତ ହେବ, ତେବେ ସେହି ବିବାଦର ସଞ୍ଚାଳନରେ ଯେଉଁ ସବୁ ଖର୍ଚ୍ଚ ହେବ ସେ ସମସ୍ତ ଓ୍ୱସିୟତଭୁକ୍ତ ଧନରାଶିରୁ ହିଁ ପ୍ରଦାନ କରାଯିବ ।

(୧୨) ଯଦି କୌଣସି ବ୍ୟକ୍ତି ଓ୍ୱସିୟତ କଲାପରେ ନିଜର ନିଷ୍ଠାପରତାରେ ଦୁର୍ବଳତା ଥିବା କାରଣରୁ ନିଜ ଓ୍ୱସିୟତକୁ ଅସ୍ୱୀକାର କରେ ବା ଏହି ସମ୍ପ୍ରଦାୟରୁ ସମ୍ପର୍କ ତୁଟାଇ ଦିଏ, ତେବେ ସଂସ୍ଥା ଆଇନ୍ ଦୃଷ୍ଟିରୁ ତାହାର ଧନକୁ ନିଜସ୍ୱ କରିଥିଲେ ମଧ୍ୟ ସେହି ଧନକୁ ନିଜ ଅର୍ଥକୋଷରେ ରଖିବା ସମୀଚୀନ ହେବ ନାହିଁ, ବରଂ ସେ ସମସ୍ତ ଧନରାଶିକୁ ଫେରାଇ ଦେବାକୁ ହେବ । କାରଣ ଅଲ୍ଲାଃଙ୍କ ସମୀପରେ ଏହି ଧନ ଘୃଣିତ ଏବଂ ପ୍ରତ୍ୟାଖ୍ୟାତ ହେବା ଯୋଗ୍ୟ ।

(୧୩) ଅଞ୍ଜୁମନ୍ ହିଁ ଅଲ୍ଲାଃଙ୍କ ଦ୍ୱାରା ନିଯୁକ୍ତ ଖଲିଫାଙ୍କର ଉତ୍ତରାଧିକାରୀ । ଏଥିପାଇଁ ଅଞ୍ଜୁମନ୍‌କୁ ସାଂସାରିକ ଆସକ୍ତିରୁ ସଂପୂର୍ଣ୍ଣ ରୂପେ ମୁକ୍ତ ହେବା ଦରକାର ଏବଂ ସକଳ ବ୍ୟାପାର ସ୍ୱଚ୍ଛ ଓ ନ୍ୟାୟୋଚିତ ହେବା ଆବଶ୍ୟକ ।

(୧୪) ଏହି ଅଞ୍ଜୁମନ୍‌ର ସମର୍ଥନ ଓ ସହାୟତା ସକାଶେ ଦୂର ଦେଶଗୁଡିକରେ ଏକାଧିକ ଅଞ୍ଜୁମନ୍ ରହିବା ସମୀଚୀନ ହେବ । ସେଗୁଡିକୁ ମୂଳ ସଂସ୍ଥାର ପରାମର୍ଶ ଅଧୀନ ରଖାଯିବ । ଏହା ମଧ୍ୟ ସମୀଚୀନ ହେବ ଯେ ଯଦି ସେ ଏପରି ଦେଶରେ ବାସ କରୁଥାଆନ୍ତି ଯେ ସେଠାରୁ ଶବକୁ ଅଣାଯିବା କଷ୍ଟକର ହେବ, ତେବେ ମୃତ ବ୍ୟକ୍ତିଙ୍କୁ ସେହିଠାରେ କବର ଦିଆଯିବ ଓ ପୁଣ୍ୟରେ ଭାଗୀଦାର ହେବା ଉଦ୍ଦେଶ୍ୟରେ ସେପରି ବ୍ୟକ୍ତି ମୃତ୍ୟୁ ପୂର୍ବରୁ ନିଜ ଧନରୁ ଏକ ଦଶମାଂଶର ଓ୍ୱସିୟତ କରିବେ । ସେହି ଓ୍ୱସିୟତଭୁକ୍ତ ଧନକୁ ନିଜ ଅଧିକାରରେ ରଖିବା ସଂସ୍ଥାର କାର୍ଯ୍ୟ ହେବ । ସେହି ଦେଶର ଧର୍ମଗତ ଉଦ୍ଦେଶ୍ୟରେ ଉକ୍ତ ଧନରାଶିକୁ ବ୍ୟୟ କରାଯିବା ଶ୍ରେୟସ୍କର ହେବ । ଏହା ମଧ୍ୟ ସମୀଚୀନ ହେବ ଯେ କୌଣସି ଆବଶ୍ୟକତାକୁ ହୃଦୟଙ୍ଗମ କରି ଏହି ଧନରାଶି ସେ ସଂସ୍ଥାକୁ ଅର୍ପଣ କରାଯିବ ଯାହାର ସଦର ମହକୁମା କାଦିୟାନ ହୋଇଥିବ ।

(୧୫) ଏହି ସଂସ୍ଥାର ପୀଠସ୍ଥଳୀ ସର୍ବଦା କାଦିୟାନ ହେବା ଅନିବାର୍ଯ୍ୟ ହେବ । କାରଣ ଅଲ୍ଲାଃ ଏହି ସ୍ଥଳୀକୁ ଆଶୀର୍ବାଦ ପ୍ରଦାନ କରିଛନ୍ତି । ଅଧିକନ୍ତୁ ଆଗାମୀ ଆବଶ୍ୟକତାଗୁଡିକୁ ହୃଦୟଙ୍ଗମ କରି ଏହି କାର୍ଯ୍ୟ ପାଇଁ ଯଥେଷ୍ଟ ଗୃହ ନିର୍ମାଣ କରିବା ସମୀଚୀନ ହେବ ।

(୧୬) ସଂସ୍ଥାରେ ସର୍ବଦା ଅନ୍ୟୁନ ଏପରି ଦୁଇଜଣ ବ୍ୟକ୍ତି ରହିବା ଦରକାର ଯେଉଁମାନେ କୁରଆନ୍ ଓ ହଦିସ୍‌ର ତତ୍ତ୍ୱଜ୍ଞାନ ସମ୍ପର୍କରେ ଭଲ ଭାବରେ ଅବଗତ ଥିବେ । ଆରବୀ ବିଦ୍ୟାଧ୍ୟୟନ କରୁଥିବେ ଓ ଅହମଦୀୟା ସମ୍ପ୍ରଦାୟର ବିଭିନ୍ନ ପୁସ୍ତକ ଅନ୍ତର୍ଗତ ବିଷୟବସ୍ତୁକୁ ମନେ ରଖୁଥିବେ ।

(୧୭) ଅଲ୍ଲାଃ ନ କରନ୍ତୁ, ଯଦି ଓ୍ୱସିୟତ ପୁସ୍ତିକା ଦୃଷ୍ଟିରୁ ଓ୍ୱସିୟତକର୍ତ୍ତା କୁଷ୍ଠରୋଗୀ ହୋଇଥିବେ ଓ ତାଙ୍କର ଶାରୀରିକ ଅବସ୍ଥା ଏପରି ହୋଇଥିବେ ଯେ ଏହି କବରସ୍ତାନକୁ ଅଣାଯିବା ସକାଶେ ସେ ଯୋଗ୍ୟ ସାବ୍ୟସ୍ତ ହେଉ ନଥିବେ, ତେବେ ସେପରି ବ୍ୟକ୍ତିଙ୍କୁ ଔଚିତ୍ୟ ଦୃଷ୍ଟିରୁ ଏହି କବରସ୍ତାନକୁ ଅଣାଯିବା ସମୀଚୀନ ହେବ ନାହିଁ । କିନ୍ତୁ ଯଦି ସେ ନିଜ ଓ୍ୱସିୟତ ସମ୍ପର୍କରେ ସୁଦୃଢ଼ ଥାନ୍ତି, ତେବେ ଏହି କବରସ୍ତାନରେ କବର ଦିଆଯିବା ବ୍ୟକ୍ତିଙ୍କୁ ଯେଉଁ ପଦମର୍ଯ୍ୟାଦା ମିଳୁଛି ସେହି ବ୍ୟକ୍ତିଙ୍କୁ ମଧ୍ୟ ସେହି ପଦମର୍ଯ୍ୟାଦା ମିଳିବ ।

(୧୮) ଯଦି କୌଣସି ବ୍ୟକ୍ତିଙ୍କର କିଛି ବି ଚଳନ୍ତି ବା ଅଚଳନ୍ତି ସମ୍ପତ୍ତି ନଥିବ, ଅଥଚ ଏହା ସତ୍ତ୍ୱେ ଏହା ପ୍ରମାଣିତ ହେବ ଯେ ସେ ଜଣେ ଧର୍ମପରାୟଣ (ମୁତ୍ତକୀ) ଓ ବିଶୁଦ୍ଧ ଧର୍ମାଚାରୀ (ମୁମିନ) ଅଟନ୍ତି ତଥା ତାଙ୍କ ଅନ୍ତରରେ କପଟାଚାର ବା ସଂସାର ପ୍ରତି ଆସକ୍ତି କିମ୍ୱା ଆଜ୍ଞା ପାଳନରେ ଦୋଷତ୍ରୁଟି ଲେଶ ମାତ୍ର ନାହିଁ, ତେବେ ତାଙ୍କୁ ମଧ୍ୟ ମୋ ଅନୁମତି କ୍ରମେ ଅଥଚ ମୋ ପରେ ସଂସ୍ଥାର ସହମତି କ୍ରମେ ଏହି କବରସ୍ତାନରେ  କବର ଦିଆଯାଇ ପାରିବ ।

(୧୯) ଯଦି କୌଣସି ବ୍ୟକ୍ତିଙ୍କୁ ଅଲ୍ଲାଃଙ୍କର ବିଶେଷ ବାଣୀ (ଓହି) ମାଧ୍ୟମରେ ପ୍ରତ୍ୟାଖ୍ୟାନ କରାଯାଏ, ତେବେ ସେ ଓ୍ୱସିୟତ ସଂକ୍ରାନ୍ତ ଧନରାଶି ଉପସ୍ଥାପନ କଲେ ମଧ୍ୟ ଏହି  କବରସ୍ତାନରେ ପ୍ରବେଶ କରିବେ ନାହିଁ ।

(୨୦) ମୋ ସମ୍ୱନ୍ଧରେ ଓ ମୋ ପରିବାରର ସଦସ୍ୟମାନଙ୍କ ସମ୍ୱନ୍ଧରେ ଅଲ୍ଲାଃତାଲା ଏକ ବ୍ୟତିକ୍ରମ (Exception) ରଖିଛନ୍ତି । ଅବଶିଷ୍ଟ ପ୍ରତ୍ୟେକ ପୁରୁଷ ବା ମହିଳାଙ୍କ ପକ୍ଷରେ ଉକ୍ତ ସର୍ତ୍ତାବଳୀର ଅନୁପାଳନ ଅନିବାର୍ଯ୍ୟ ହେବ । ଅଧିକନ୍ତୁ ଆପତ୍ତି କରୁଥିବା ବ୍ୟକ୍ତି କପଟାଚାରୀ ଭାବରେ ଗଣ୍ୟ ହେବ ।

ଉପରଲିଖିତ ସର୍ତ୍ତାବଳୀ ଅନିବାର୍ଯ୍ୟ ଅଟେ । ଯେଉଁ ବ୍ୟକ୍ତି ସେହି ସର୍ତ୍ତାବଳୀର ଅନୁପାଳନ କରିବ, ଭବିଷ୍ୟତରେ ତାହାକୁ ଏହି ବେହିସ୍ତି ମକବରାରେ କବର ଦିଆଯିବ । ସନ୍ଦେହର ଉପାଦାନ ଯେଉଁ କେତେକ ବ୍ୟକ୍ତିଙ୍କୁ ବଶୀଭୂତ କରି ରଖିଛି, ସେମାନେ ଆମକୁ ଏହି କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଅଭିଯୋଗର ଶରବ୍ୟ କରିଦେବା ସମ୍ଭବପର । ପୁନଶ୍ଚ ସେମାନେ ଏହି ବ୍ୟବସ୍ଥାକୁ ସ୍ୱାର୍ଥସିଦ୍ଧି ଉପରେ ଆଧାରିତ ବୋଲି ଭାବିବେ ଅଥବା ଏହାକୁ ବିଦ୍‌ଅତ୍ (ଅପଧର୍ମ) ସ୍ଥିର କରିବେ । କିନ୍ତୁ ମନେ ରଖିବାକୁ ହେବ ଯେ ଏହା ଅଲ୍ଲାଃଙ୍କର କାର୍ଯ୍ୟ । ସେ ଯାହା ଇଚ୍ଛା କରନ୍ତି ତାହା କରନ୍ତି । ନିଃସନ୍ଦେହ, ସେ ଇଚ୍ଛା କରିଛନ୍ତି ଯେ ଏହି ବ୍ୟବସ୍ଥା ଦ୍ୱାରା ସେ କପଟାଚାରୀ ଓ ଧର୍ମାଚାରୀଙ୍କୁ ପୃଥକ୍ କରିବେ । ଅଧିକନ୍ତୁ ଆମେ ଅନୁଭବ କରୁଅଛୁ କି ଯେଉଁମାନେ ଏହି ଆଧାତ୍ମିକ ବ୍ୟବସ୍ଥା ବିଷୟରେ ଅବଗତ ହୋଇ ଅବିଳମ୍ବେ ନିଜ ସମ୍ପତ୍ତିର ଏକ ଦଶମାଂଶ ଅଲ୍ଲାଃଙ୍କ ରାସ୍ତାରେ ଦେଇ ଦେବାକୁ ଚିନ୍ତା କରୁଛନ୍ତି, ଏପରିକି ଏହାଠାରୁ ଅଧିକ ଦେବାକୁ ବ୍ୟଗ୍ରତା ପ୍ରଦର୍ଶନ କରୁଛନ୍ତି, ସେମାନେ ହିଁ ନିଜ ଧର୍ମବିଶ୍ୱାସ ବାବଦରେ ସ୍ୱୀକୃତି ପ୍ରଦାନ କରନ୍ତି । ଅଲ୍ଲାଃ ବର୍ଣ୍ଣନା କରିଛନ୍ତି :

الٓمّٓ اَحَسِبَ النَّاسُ اَنۡ یُّتۡرَکُوۡۤا اَنۡ یَّقُوۡلُوۡۤا اٰمَنَّا وَہُمۡ لَا یُفۡتَنُوۡنَ

**ଅଲିଫ ଲାମ୍ ମୀମ୍ - ଅହସିବନ୍‌ନାସୁ ଅଇଁୟୁତ୍‌ରକୁ ଅଇଁ ୟକୁଲୁ ଆମନ୍ନା ୱହୁମ ଲାୟୁଫତନୁନ୍ ।**

'କ'ଣ ଲୋକମାନେ ମନେ କରୁଛନ୍ତି ଯେ ସେମାନେ ବିଶ୍ୱାସ ସ୍ଥାପନ କରିଛନ୍ତି ବୋଲି କହିଦେଲେ ଆମ୍ଭେ କେବଳ ଏହି ବକ୍ତବ୍ୟ ଉପରେ ସନ୍ତୁଷ୍ଟ ହେଇଯିବୁ ଏବଂ ସେମାନଙ୍କୁ ବର୍ତ୍ତମାନ ପରୀକ୍ଷା କରାଯିବ ନାହିଁ ?'

(ଅଲ ଅନକବୁତ 29:2,3)

ଏପରି ପରୀକ୍ଷାରେ କ'ଣ ବା ଅଛି ! ସହଚରମାନଙ୍କୁ ପ୍ରାଣର ବଳିଦାନ କରିବାକୁ ଆହ୍ୱାନ କରାଯାଇ ପରୀକ୍ଷା କରାଯାଇଥିଲା । ସେମାନେ ଧର୍ମ ପଥରେ ନିଜ ମସ୍ତକ ଉତ୍ସର୍ଗ କରିଦେଲେ । ପ୍ରତ୍ୟେକ ବ୍ୟକ୍ତିକୁ ଏହି

କବରସ୍ଥାନରେ କବର ଦିଆଯିବା ପାଇଁ କାହିଁକି ସାର୍ବଜନୀନ ଅନୁମତି ଦିଆ ନ ଯାଉଛି ବୋଲି କହିବା ବାସ୍ତବତା ଠାରୁ ବହୁ ଦୂର ଅଟେ । ଯଦି ଏହା ଉଚିତ୍, ତେବେ ଅଲ୍ଲାଃ କାହିଁକି ପ୍ରତ୍ୟେକ ଯୁଗରେ ପରୀକ୍ଷାର ଭିତ୍ତିଭୂମି ସ୍ଥାପନ କରିଛନ୍ତି ? ସେ ପ୍ରତ୍ୟେକ ଯୁଗରେ ଦୁର୍ଜନ ଓ ସୁଜନଙ୍କ ମଧ୍ୟରେ ଥିବା ବୈଷମ୍ୟକୁ ପ୍ରଦର୍ଶିତ କରିବାକୁ ଇଚ୍ଛା ପୋଷଣ କରିଛନ୍ତି । ତେଣୁ ଏବେ ମଧ୍ୟ ସେ ତାହା ହିଁ କରୁଛନ୍ତି । ହଜରତ୍ ମୁହମ୍ମଦ୍ ସଅ ଙ୍କ ସମୟରେ ଅଲ୍ଲାଃତାଲା ଅନେକ ଛୋଟ ପରୀକ୍ଷାର ମଧ୍ୟ ବ୍ୟବସ୍ଥା କରିଥିଲେ । ଦୃଷ୍ଟାନ୍ତ ସ୍ୱରୂପ, କୌଣସି ବ୍ୟକ୍ତି ପ୍ରଥମେ ପ୍ରମାଣ ଦାଖଲ ନକରିବା ପର୍ଯ୍ୟନ୍ତ ହଜରତ୍ ମୁହମ୍ମଦ୍ ସଅ ଙ୍କ ଠାରୁ କୌଣସି କିସମର ପରାମର୍ଶ ନନେବାର ପରମ୍ପରା ଥିଲା । ବସ୍ତୁତଃ ଏହି ପରମ୍ପରାରେ କପଟାଚାରୀଙ୍କ ପାଇଁ ପରୀକ୍ଷା ନିହିତ ଥିଲା । ଆମ୍ଭେ ସ୍ୱୟଂ ହୃଦୟଙ୍ଗମ କରୁଛୁ ଯେ ଯେଉଁ ନିଷ୍ପାପର ବ୍ୟକ୍ତିମାନେ ପ୍ରକୃତରେ ସଂସାର ଅପେକ୍ଷା ଧର୍ମକୁ ଅଗ୍ରାଧିକାର ଦେଇଛନ୍ତି, ଆଜିର ଏହି ପରୀକ୍ଷାରେ ସେମାନେ ଅନ୍ୟ ଲୋକମାନଙ୍କ ତୁଳନାରେ ପ୍ରତିଷ୍ଠା ଲାଭ କରିବେ । ଏଥିରୁ ପ୍ରମାଣିତ ହେବ ଯେ ସେମାନେ ଦୀକ୍ଷା (ବୟତ)ର ଅଙ୍ଗୀକାରକୁ ସଂପନ୍ନ କଲେ ଓ ନିଜର ନିଷ୍ଠା ପ୍ରଦର୍ଶନ କଲେ । ନିଃସନ୍ଦେହ, ଏହି ବ୍ୟବସ୍ଥା କପଟାଚାରୀଙ୍କ ପାଇଁ ବହୁତ ମହଙ୍ଗା ସାବ୍ୟସ୍ତ ହେବ ଓ ଏଥିଯୋଗୁଁ ସେମାନଙ୍କର ପ୍ରକୃତି ପଦାରେ ପଡିଯିବ । ମୃତ୍ୟୁ ପରେ ସେମାନଙ୍କୁ, ପୁରୁଷ ହୋଇଥାନ୍ତୁ ବା ମହିଳା, ଏହି କବରସ୍ଥାନରେ ଆଦୌ କବର ଦିଆଯିବ ନାହିଁ ।

فِىْ قُلُوْبِهِمْ مَّرَضٌ فَزَادَهُمُ اللّٰهُ مَرَضًا

**ଫି କୁଲୁ ବିହିମ୍ ମରଜୁନ୍ ଫଜଦାହୁମୁଲଲାହୁ ମରଜା**

ଅର୍ଥାତ 'ସେମାନଙ୍କ ହୃଦୟ ବ୍ୟାଧିଗ୍ରସ୍ତ ଥିଲା ଓ ଅଲ୍ଲାଃ ସେହି ବ୍ୟାଧିକୁ ବୃଦ୍ଧି କରାଇଲେ ।' (ଅଲ ବକରା 2:11)

ବସ୍ତୁତଃ, ଯେଉଁମାନେ ଏହି କାର୍ଯ୍ୟରେ ଅଗ୍ରଗାମୀ ହୋଇଛନ୍ତି, ସେମାନେ ସତ୍ୟନିଷ୍ଠ ଭାବରେ ଗଣ୍ୟ ହେବେ ଏବଂ ସେମାନଙ୍କ ଉପରେ ଶେଷ ପର୍ଯ୍ୟନ୍ତ ଅଲ୍ଲାଃଙ୍କର କୃପା ବିଦ୍ୟମାନ ରହିବ ।

ପରିଶେଷରେ ଏହା ମନେ ରଖିବାକୁ ହେବ ଯେ ବିପଦର ସମୟ ଆସନ୍ନ ଏବଂ ଭୂପୃଷ୍ଠକୁ ନିମ୍ନଗାମୀ ଓ ଉର୍ଦ୍ଧ୍ୱଗାମୀ କରାଇବାର ଶକ୍ତି ଥିବା ଏକ ଭୀଷଣ ଭୂମିକମ୍ପ ନିକଟବର୍ତ୍ତୀ ହେଉଛି । ତେଣୁ ଯେଉଁମାନେ ବିପତ୍ତିର ସମ୍ମୁଖୀନ ହେବା ପୂର୍ବରୁ ନିଜକୁ ସଂସାର ତ୍ୟାଗୀ ହୋଇଥିବା ପ୍ରମାଣିତ କରାଇବେ ଏବଂ ପୁଣି ଏହା ମଧ୍ୟ ପ୍ରମାଣିତ କରାଇବେ ଯେ କିପରି ସେମାନେ ମୋ ଆଦେଶ ଅନୁସାରେ କାର୍ଯ୍ୟ କରିଛନ୍ତି, ସେମାନେ ହିଁ ଅଲ୍ଲାଃଙ୍କର ନିକଟରେ ପ୍ରକୃତ ଧର୍ମାଚାରୀ ଓ ବିଶ୍ୱାସକାରୀ (ମୁମିନ) ଅଟନ୍ତି । ଅଲ୍ଲାଃଙ୍କ ଦରବାରରେ ସେମାନଙ୍କ ନାମ "ସାବିକିନ୍ ଅୱ୍ୱଲିନ୍" ଅର୍ଥାତ୍ 'ରସୁଲୁଲ୍ଲାଃଙ୍କ ସମୟର ଗୌରବାନ୍ୱିତ ପ୍ରଥମ ପର୍ଯ୍ୟାୟର ଅନୁଚରମାନଙ୍କ ମଧ୍ୟରେ ଗଣା ହେବେ ।' ମୁଁ ସତ୍ୟ କହୁଅଛି ଯେ ସେହି ସମୟ ଆଗତ ପ୍ରାୟ, ଯେତେବେଳେ ସଂସାର ପ୍ରେମରେ ଲିପ୍ତ ଥିବା ଜଣେ କପଟାଚାରୀ ଯେ କି ଏହି ଆଦେଶକୁ ଅବଜ୍ଞା କରିଅଛି, ତାକୁ ଶାସ୍ତି ଦିଆଯିବା ସମୟରେ ହତାଶ ହୋଇ କହିବ 'ହାୟ ! ମୁଁ ମୋର ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତିକୁ ଧର୍ମ ପଥରେ ଭଲା ଦେଇ ଦେଇଥାନ୍ତି ଓ ଏହି ଶାସ୍ତିରୁ ରକ୍ଷା ପାଇ ଯାଇଥାନ୍ତି !' ମନେରଖ, ଏହି ଶାସ୍ତିର ସମ୍ମୁଖୀନ ହେବା ପରେ ଧର୍ମବିଶ୍ୱାସ ନିଷ୍ଫଳ ହେବ ଓ ଦାନ ଖଇରାତ କେବଳ ତୁଚ୍ଛ ରୂପେ ଗଣ୍ୟ ହେବ । ଶୁଣ ! ମୁଁ ତୁମମାନଙ୍କୁ ବିପତ୍ତିର ସୂଚନା ଦେଉଛି କି କିପରି ତାହା ତୁମମାନଙ୍କ ଖୁବ୍ ନିକଟରେ ଅଛି । ତୁମେମାନେ ନିଜ ପାଇଁ ସେହି ସମ୍ୱଳକୁ ଅତି ଶୀଘ୍ର ଏକତ୍ରିତ କରାଅ, ଯାହା ଭବିଷ୍ୟତରେ ତୁମମାନଙ୍କ କାର୍ଯ୍ୟରେ ଲାଗିବ । ତୁମମାନଙ୍କ ଠାରୁ ଧନରାଶି ନେଇ ମୁଁ ତାକୁ ନିଜସ୍ୱ କରିବାକୁ ଇଚ୍ଛା କରୁନାହିଁ, ବରଂ ତୁମେମାନେ ଧର୍ମ ପ୍ରଚାରାର୍ଥେ ଏକ ସଂସ୍ଥାର ଦାୟିତ୍ୱରେ ନିଜ ଧନ ଅର୍ପଣ କରି ସ୍ୱର୍ଗୀୟ ଜୀବନ ଲାଭ କରିବ । ଏପରି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ସଂସାରକୁ ପ୍ରେମ କରି ମୋ ଆଦେଶକୁ ଟାଳି ଦେବେ । କିନ୍ତୁ ସେମାନଙ୍କୁ ସଂସାରରୁ ଅତି ଶୀଘ୍ର ବିଦାୟ କରି ଦିଆଯିବ; ସେତେବେଳେ ସେମାନେ ଅନ୍ତିମ ମୁହୂର୍ତ୍ତରେ କହିବେ:

هٰذَا مَا وَعَدَ الرَّحْمٰنُ وَصَدَقَ الْمُرْسَلُوْنَ

**ହାଜା ମା ଓ୍ୱଆଦର୍ ରହ୍‌ମାନୁ ଓ୍ୱ ସଦକଲ୍ ମୁରସଲୁନ୍**

ଅର୍ଥାତ 'ଦୟାବାନ ପ୍ରଭୁ ଏହାର ହିଁ ବଚନ ଦେଇଥିଲେ ଏବଂ ରସୁଲମାନେ ଯାହା କହିଥିଲେ ପ୍ରକୃତରେ ସତ୍ୟ ହିଁ କହିଥିଲେ ।'

(ୟାସିନ୍ 36:53)

**والسّلام علیٰ من اتّبع الھُدٰی۔**

**میرزا غلام احمد**

**مسیح موعود**

ବିନୀତ ଲେଖକ

**ମିର୍ଜା ଗୁଲାମ ଅହମଦ୍**

ଅଲ୍ଲାହଙ୍କ ପ୍ରେରିତ ମସିହ ମଉଦ

୬ ଜାନୁଆରୀ, ୧୯୦୬

(ଅଲ ହକମ ସମ୍ବାଦପତ୍ର, ଭାଗ ୧୦, ସଂଖ୍ୟା ୨, ତାରିଖ : ୧୭ ଜାନୁଆରୀ, ୧୯୦୬)

# ସଦର ଅଞ୍ଜୁମନ ଅହମଦିୟାର ସେକ୍ରେଟାରୀମାନଙ୍କ ପ୍ରଥମ ପରିଷଦ ବୈଠକର ବିବରଣୀ ।

## ବୈଠକ ତାରିଖ : ୨୯ ଜାନୁଆରୀ, ୧୯୦୬

### ବୈଠକରେ ଉପସ୍ଥିତ ସଦସ୍ୟବୃନ୍ଦ :

ହଜରତ ମୌଲବୀ ନୁରୁଦ୍ଦିନ ସାହେବ – ସଭାପତି

ଖାଁ ସାହେବ ମୁହମ୍ମଦ ଅଲ୍ଲି ଖାଁ ସାହେବ

ସାହେବଜାଦା ବଶିରୁଦ୍ଦିନ ମହମୁଦ ଅହମଦ ସାହେବ

ମୌଲବୀ ସୟଦ ମୁହମ୍ମଦ ଅହସନ ସାହେବ

ଖ୍ୱାଜା କମାଲୁଦ୍ଦିନ ସାହେବ

ଡ଼: ସୟଦ ମୁହମ୍ମଦ ହୁସେନ ସାହେବ – ସେକ୍ରେଟାରୀ

ଯେହେତୁ କେତେକ ଆବଶ୍ୟକ ମାର୍ଗଦର୍ଶନ ଓ ସ୍ୱୀକୃତି ପ୍ରଦାନ କରିବା ଅତ୍ୟନ୍ତ ଜରୁରୀ ଥିଲା ଏବଂ ଗ୍ରାମାଞ୍ଚଳର ବନ୍ଧୁମାନଙ୍କୁ ଅବଗତ କରାଇବା ପାଇଁ ପର୍ଯ୍ୟାପ୍ତ ସମୟ ନ ଥିଲା, ତେଣୁ ହଜରତ୍ ଇମାମ ଅଲୈହିସ ସଲାମଙ୍କ ଅନୁମତି କ୍ରମେ ନିୟମାବଳୀ ଅନୁମୋଦିତ ହେବା ପରେ ଏହି ବୈଠକ ଅନୁଷ୍ଠିତ ହେଲା ।

## ନିମ୍ନୋକ୍ତ ବିଷୟରେ ନିଷ୍ପତ୍ତି ଗ୍ରହଣ କରାଗଲା

(୧) ନିଷ୍ପତ୍ତି କରାଗଲା ଯେ ପ୍ରସ୍ତାବିତ ଓ୍ୱସିୟତର ଚିଠାକୁ ସ୍ୱୀକୃତି ଦିଆଯାଉ ।

(୨) ନିଷ୍ପତ୍ତି କରାଗଲା ଯେ ଓ୍ୱସିୟତ ଚିଠାର ଆଠଶହ ନକଲ ତୁରନ୍ତ ମୁଦ୍ରଣ କରାଯାଉ । ଅଧିକନ୍ତୁ ଅଲ ହକମ ଓ ବଦର ପତ୍ରିକାରେ ମଧ୍ୟ ମୁଦ୍ରଣ କରାଯାଉ ।

(୩) ନିଷ୍ପତ୍ତି କରାଗଲା ଯେ ଓ୍ୱସିୟତକର୍ତ୍ତାଙ୍କୁ କାର୍ଯ୍ୟାନୁଷ୍ଠାନ ସକାଶେ ନିମ୍ନଲିଖିତ ମାର୍ଗଦର୍ଶନ ପ୍ରେରଣ କରାଯାଉ ଓ ଏହି ମାର୍ଗଦର୍ଶନକୁ ଓ୍ୱସିୟତ ଫର୍ମର ନିମ୍ନାଂଶରେ ମୁଦ୍ରଣ କରାଯାଉ ।

(କ) ଆବଶ୍ୟକ ସ୍ଥଳେ ଓ୍ୱସିୟତକର୍ତ୍ତା ଓ୍ୱସିୟତର ଚିଠା......... ମଗାନ୍ତୁ ଓ ତାହାର ନକଲ ସାଦା କାଗଜରେ ପୁଣି ଥରେ ଲେଖନ୍ତୁ । ଯେଉଁ ଯେଉଁ ସ୍ଥାନ ଖାଲି ଛାଡି ଦିଆଯାଇଛି, ସେହି ସେହି ସ୍ଥାନରେ ପରିସ୍ଥିତି ଅନୁସାରେ ନିଜେ ଖାଲି ସ୍ଥାନ ପୂରଣ କରନ୍ତୁ । ଓ୍ୱସିୟତ ପାଇଁ ଟାଣୁଆ କାଗଜ ସଂଲଗ୍ନ କରନ୍ତୁ ।

(ଖ) ଯଥା ସମ୍ଭବ ଓ୍ୱସିୟତକୁ ରେଜିଷ୍ଟ୍ରିଭୁକ୍ତ କରାଯାଉ ଓ ଓ୍ୱସିୟତନାମାରେ ଯେତେଦୂର ସମ୍ଭବ ସାକ୍ଷୀ ରୂପେ ଓ୍ୱସିୟତକର୍ତ୍ତାଙ୍କ ଉତ୍ତରାଧିକାରୀ ବା ତାଙ୍କ ଅଂଶୀଦାରଙ୍କ ଦସ୍ତଖତ ନେବା ଆବଶ୍ୟକ । ଏଥି ସହିତ ସେହି ସହର ବା ଗ୍ରାମର ଦୁଇଜଣ ସମ୍ମାନିତ ସାକ୍ଷୀଙ୍କ ଦସ୍ତଖତ ରହିବା ଆବଶ୍ୟକ ।

(ଗ) ଏଥିରେ ଓ୍ୱସିୟତକର୍ତ୍ତା ଓ ସାକ୍ଷୀମାନେ ସାକ୍ଷର ହୋଇଥାନ୍ତୁ କି ନିରକ୍ଷର, ବୃଦ୍ଧାଙ୍ଗୁଳି ଟିପଚିହ୍ନ ସହିତ ନିଜର ଦସ୍ତଖତ ବା ମୋହର ଅବଶ୍ୟ ସଂଲଗ୍ନ କରନ୍ତୁ । ଯେଉଁମାନେ ଶିକ୍ଷିତ ସେମାନେ ଦସ୍ତଖତ ମଧ୍ୟ କରନ୍ତୁ । ପୁରୁଷ ବାମ ବୃଦ୍ଧାଙ୍ଗୁଳି ଟିପଚିହ୍ନ ଓ ମହିଳା ଦକ୍ଷିଣ ବୃଦ୍ଧାଙ୍ଗୁଳି ଟିପଚିହ୍ନ ଲଗାନ୍ତୁ ।

(ଘ) ଯଦି ଓ୍ୱସୟତକର୍ତ୍ତା ଲେଖିବା ପାଇଁ ସକ୍ଷମ, ତେବେ ସେ ନିଜ ହାତରେ ନିଜ ଓ୍ୱସିୟତ ଲେଖନ୍ତୁ ।

(ଙ) ଓ୍ୱସିୟତନାମାରେ ଷ୍ଟାମ୍ପ ଲଗାଇବା ଦରକାର ନାହିଁ ।

(ଚ) ଓ୍ୱସିୟତକର୍ତ୍ତାଙ୍କର ଯଦି କୌଣସି ସ୍ୱତନ୍ତ୍ର ପରିସ୍ଥିତି ଥିବ ଓ ସେଥିପାଇଁ କୌଣସି ପ୍ରକାର ଆଇନ୍‌ଗତ ପରାମର୍ଶର ପ୍ରୟୋଜନ ହେଉଥିବ, ତେବେ ସେ ସଂସ୍ଥାର ଆଇନ୍

ପରାମର୍ଶଦାତା.........ଙ୍କୁ ପତ୍ର ଲେଖି ତାଙ୍କଠାରୁ ଏ ବିଷୟରେ ଅନୁସନ୍ଧାନ କରନ୍ତୁ ।

(୪) ପଞ୍ଜାବରେ ସ୍ୱତ୍ୱାଧିକାର ଅନ୍ତର୍ଭୁକ୍ତ ଯେଉଁ ଚାଷଜମି ଅଛି, ଯଦି ସେ ସମ୍ପର୍କରେ ଓ୍ୱସିୟତ କରିବାରେ କୌଣସି ଅସୁବିଧା ଥାଏ, ତେବେ ଓ୍ୱସିୟତକର୍ତ୍ତାଙ୍କ ପକ୍ଷରେ ଏହା ସମୀଚୀନ ହେବ ଯେ ସେ ଯେତେ ପରିମାଣରେ ସମ୍ପତ୍ତିକୁ ଓ୍ୱସିୟତ କରିବାକୁ ଚାହୁଁଛନ୍ତି, ସେ ଏହାକୁ ଓ୍ୱସିୟତ କରିବା ପରିବର୍ତ୍ତେ ନିଜ ଜୀବଦ୍ଦଶାରେ ଦାନ କରିଦିଅନ୍ତୁ । ଏବଂ ଯଦି ତାଙ୍କର କୌଣସି ପୁନଃ ଦଖଲକ୍ଷମ ଉତ୍ତରାଧିକାରୀ ଥାନ୍ତି, ତେବେ ଦାନପତ୍ରରେ ତାଙ୍କର ଦସ୍ତଖତ କରାନ୍ତୁ । ଯାହା ଫଳରେ ଏପରି ଉତ୍ତରାଧିକାରୀଙ୍କର ସ୍ୱୀକୃତ ହାସଲ କରାଯାଇ ପାରିବ ଓ ସହମତି ମିଳିପାରିବ । ଏହି ଦାନପତ୍ରକୁ ରେଜିଷ୍ଟ୍ରୀ କରିବା ଜରୁରୀ । ଦାନ ସୂତ୍ରେ ମିଳିଥିବା ସେପରି ସମ୍ପତ୍ତିର ଦାଖଲ ଖାରଜ, ଅର୍ଥାତ ସ୍ଥାନାନ୍ତରଣ ଓ ହସ୍ତାନ୍ତରଣ ସେକ୍ରେଟାରୀ ସଦର ଅଞ୍ଜୁମନ ଅହମଦୀୟା ନାମରେ କରିବାକୁ ହେବ । କିନ୍ତୁ ଏପରି ଅବସ୍ଥାରେ ତାଙ୍କୁ ନୂଆ କରି ସୃଷ୍ଟି ହେଉଥିବା ସମ୍ପତ୍ତି ସମ୍ପର୍କରେ ମଝିରେ ମଝିରେ ଏହିପରି ଦାଖଲ ଖାରଜ କରିବାକୁ ହେବ ।

(୫) ଯଦି ଉପରୋକ୍ତ ପ୍ରସ୍ତାବ ସଂଖ୍ୟା ୪ରେ ମଧ୍ୟ ଅସୁବିଧା ହେଉଥାଏ, ତେବେ ସେ ଯେଉଁ ପରିମାଣର ସମ୍ପତ୍ତିକୁ ଓ୍ୱସିୟତ ବା ଦାନ କରିବାକୁ ଚାହୁଁଥାନ୍ତି, ବଜାର ଦର ସ୍ଥିର କରି ବା ତାହାକୁ ବିକ୍ରୟ କରି ନିର୍ଦ୍ଧାରିତ ମୂଲ୍ୟ ବା ଜରସମନକୁ କବରସ୍ତାନ ରକ୍ଷଣାବେକ୍ଷଣ ସମିତିର କାର୍ଯ୍ୟନିର୍ବାହୀଙ୍କ ନିକଟରେ ଦାଖଲ କରନ୍ତୁ । କିନ୍ତୁ ଏପରି ଅବସ୍ଥାରେ ଯେବେ ସେ ନୂତନ ସମ୍ପତ୍ତି ଅର୍ଜନ କରିବେ, ତେବେ ତା' ସମ୍ପର୍କରେ ମଧ୍ୟ ତାଙ୍କୁ ମଝିରେ ମଝିରେ ଏହିପରି କରିବାକୁ ହେବ ।

(୬) **ଯେଉଁ ବନ୍ଧୁଙ୍କର କୌଣସି ସମ୍ପତ୍ତି ନ ଥିବ ଅଥଚ ତାଙ୍କ ଆୟର କିଛି ପନ୍ଥା ଥିବ, ତେବେ ସେ ପ୍ରତି ମାସରେ ନିଜ ଆୟର ଅନ୍ୟୂନ ଏକ ଦଶମାଂଶ ଅଞ୍ଜୁମନ ନିକଟରେ ଦାଖଲ କରନ୍ତୁ ।** ସେ ଯେଉଁ ଚାନ୍ଦା ଅହମଦୀୟା ସମ୍ପ୍ରଦାୟର ସହାୟତା ପାଇଁ ବର୍ତ୍ତମାନ ଦେଉଛନ୍ତି, ତାହାକୁ ଉକ୍ତ ଏକ ଦଶମାଂଶରେ ସାମିଲ୍ ହୋଇ ରହିବାକୁ ଦିଅନ୍ତୁ ବା ତାହାକୁ ପୃଥକ୍ କରି ଦିଅନ୍ତୁ, ଏହା ତାଙ୍କ ଇଚ୍ଛାଧୀନ ବିଷୟ । ଯଦି ସେ ନିଜର ବର୍ତ୍ତମାନ ଚନ୍ଦାକୁ ଏହି ଏକ ଦଶମାଂଶରେ ସାମିଲ୍ କରିବାକୁ ଇଚ୍ଛା କରୁଥାନ୍ତି, ତେବେ ସେ ଯେଉଁପରି ଚନ୍ଦା ପଠାଉଛନ୍ତି ସେହିପରି ପଠାଉଥାନ୍ତୁ । ଅବଶ୍ୟ ସେହି ଚନ୍ଦାକୁ ବିଯୁକ୍ତ କରି ଯାହା ବଳିବ ସେହି ଅବଶିଷ୍ଟ ପରିମାଣକୁ କବରସ୍ତାନ ମରାମତି ସମିତିର କାର୍ଯ୍ୟନିର୍ବାହୀ ଅର୍ଥ ସଚିବଙ୍କ ନାମରେ ପଠାଇ ଦିଅନ୍ତୁ । ଏ ସମ୍ପର୍କରେ ଅନ୍ୟାନ୍ୟ ବିଷୟ ଜାଣିବା ପାଇଁ ସେକ୍ରେଟାରୀଙ୍କ ସହ ପତ୍ର ବିନିମୟ କରନ୍ତୁ । କିନ୍ତୁ ତାହାଙ୍କୁ ଏହା ଓ୍ୱସିୟତ କରିବାକୁ ହେବ ଯେ ତାଙ୍କ ମୃତ୍ୟୁ ପରେ ଅଞ୍ଜୁମନ ଅହମଦୀୟା ତାଙ୍କ ପରିତ୍ୟକ୍ତ ସମ୍ପତ୍ତିର ଅନ୍ୟୂନ ଏକ ଦଶମାଂଶର ମାଲିକ ହେବ ।

**ଟିପ୍ପଣୀ ୧ :** ଯେଉଁ ବ୍ୟକ୍ତି ଓ୍ୱସିୟତ୍ ବା ଦାନ ସମ୍ବନ୍ଧରେ ଅଧିକ ଆଇନଗତ ସୂଚନା କବରସ୍ତାନ ମରାମତି ସମିତିର କାର୍ଯ୍ୟ ନିର୍ବାହୀଙ୍କ ଠାରୁ ହାସଲ କରିବାକୁ ଇଚ୍ଛା କରୁଛନ୍ତି, ସେ ଓ୍ୱସିୟତ ବା ଇଚ୍ଛାପତ୍ର ଅନୁଯାୟୀ ଦାନ ସମ୍ପର୍କରେ ଲେଖିବା ପୂର୍ବରୁ................ଙ୍କ ସହିତ ପତ୍ର ବିନିମୟ କରିପାରିବେ ।

**ଟିପ୍ପଣୀ ୨ :** ବିଶେଷ ପରିସ୍ଥିତିରେ ପତ୍ର ବିନିମୟ ମାଧ୍ୟମରେ ସମିତି ସେକ୍ରେଟାରୀଙ୍କ ସହ ସମ୍ପର୍କ ସ୍ଥାପନ ନିର୍ଦ୍ଧାରିତ କରାଯାଇ ପାରିବ ।

(୭) ସକଳ ଧନରାଶି ଯାହା କବରସ୍ତାନ ସମ୍ପର୍କିତ ଚାନ୍ଦା ହୋଇଥିବ ବା ଯାହା ଓ୍ୱସିୟତ ବିଜ୍ଞପ୍ତି ଅନୁସାରେ ଉପର ବର୍ଣ୍ଣିତ ପରିସ୍ଥିତିରେ ପ୍ରେରିତ

ହେବ, ତାହା କେବଳ ନିମ୍ନୋକ୍ତ ଠିକଣାରେ ଆସିବା ଆବଶ୍ୟକ । ଅର୍ଥାତ୍ 'କବରସ୍ତାନ ମରାମତି କାର୍ଯ୍ୟନିର୍ବାହୀ ସମିତି'ର ଅର୍ଥ ସଚିବ (Finance Secretary, Majlis Karpardaz) । ଏହା କୌଣସି ବ୍ୟକ୍ତିଙ୍କ ନାମରେ ବା ଅନ୍ୟ କୌଣସି ଠିକଣାରେ ପଠାଯିବା ଉଚିତ ନୁହେଁ।

ବିନୀତ
ମୁହମ୍ମଦ ଅଲି, ସେକ୍ରେଟାରୀ,
୨୯ ଜାନୁଆରୀ, ୧୯୦୬
ନୁରୁଦ୍ଦିନ, ୧ ଜୁଲାଇ, ୧୯୦୬

ସ୍ୱାକ୍ଷର
**ମିର୍ଜା ଗୁଲାମ୍ ଅହମଦ୍**
(ହଜରତ୍ ମସିହ୍ ମଉଦ୍ ଅଲୈହିସ୍ ସଲାମ୍)

# ଅହମଦୀୟା ସମ୍ପ୍ରଦାୟର ମହାମାନ୍ୟ ଦ୍ୱିତୀୟ ଖଲିଫା[ରଅ]ଙ୍କ ନିର୍ଦ୍ଦେଶନାମା

**1.** ତୃତୀୟତଃ, ଓ୍ୱସିୟତ ସଂକ୍ରାନ୍ତ ସମସ୍ୟା ଏହା ହେଉଛି ଯେ ଅଲ୍ଲାଃ ଆମମାନଙ୍କ ପାଇଁ ଏହାକୁ ଏକ ଅତ୍ୟନ୍ତ ଜରୁରୀ ବିଷୟ ଭାବରେ ନିର୍ଦ୍ଧାରିତ କରିଛନ୍ତି ଏବଂ ଏହାରି ମାଧ୍ୟମରେ ବୈକୁଣ୍ଠକୁ ଆମମାନଙ୍କ ପାଇଁ ନିକଟତର କରି ଦେଇଛନ୍ତି । ତେଣୁ ଯେଉଁମାନଙ୍କ ହୃଦୟରେ ଧାର୍ମିକ ଭାବନା ଓ ଧର୍ମନିଷ୍ଠା ରହିଛି ଅଥଚ ଓ୍ୱସିୟତ ସମ୍ପର୍କରେ ଆଳସ୍ୟ ଦେଖାଉଛନ୍ତି, ସେମାନେ ଯେପରି ତୁରନ୍ତ ଓ୍ୱସିୟତ କରିବେ ସେଥିପାଇଁ ସେମାନଙ୍କର ଦୃଷ୍ଟି ଆକର୍ଷଣ କରୁଛି । କେବଳ ଆଳସ୍ୟ ଯୋଗୁଁ ଏହା ପରିଲକ୍ଷିତ ହେଉଛି ଯେ ବହୁ ନିଷ୍ଠାପର ବ୍ୟକ୍ତିଙ୍କର ଆଜିକାଲି ଏହାକୁ ଆରମ୍ଭ କରୁ କରୁ ମୃତ୍ୟୁକାଳ ଉପସ୍ଥିତ ହୋଇଯାଉଛି । ଏପରି ଦଶା ଦେଖି ମନରେ କ୍ଷୋଭ ଜାତ ହେଉଛି ଓ ନିରାଶା ଦେଖାଯାଉଛି । ହାଏ ! ଏହି ବ୍ୟକ୍ତିମାନେ ମଧ୍ୟ ଅନ୍ୟ ନିଷ୍ଠାପର ବ୍ୟକ୍ତିମାନଙ୍କ ଗହଣରେ କବର ପାଇ ଥାଆନ୍ତେ କି ! କିନ୍ତୁ ସେମାନଙ୍କର ସାମାନ୍ୟ ଅବହେଳା ପାଇଁ ସେମାନଙ୍କୁ କବର ଦିଆଯାଇ ପାରିବ ନାହିଁ । ସମସ୍ତେ ଏହା ଅନୁଭବ କରୁଥାଆନ୍ତି ଯେ ସେମାନେ ମଧ୍ୟ ନିଷ୍ଠାପର ଥିଲେ ଓ ଅନ୍ୟାନ୍ୟ ନିଷ୍ଠାପର ବ୍ୟକ୍ତିମାନଙ୍କ ସହିତ କବର ଲାଭ କରିବା ପାଇଁ ଯୋଗ୍ୟ ଥିଲେ । କିନ୍ତୁ ସେମାନଙ୍କର ଟିକିଏ ମାତ୍ର ଅବହେଳା ଓ ଆଳସ୍ୟ ପରାୟଣତା କବର ପ୍ରାପ୍ତି ପଥରେ ପ୍ରତିବନ୍ଧକ ସାଜିଲା । **ଆମ ସମ୍ପ୍ରଦାୟରେ ଏପରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ନିଜ ଆୟର ଏକ ଦଶମାଂଶରୁ ଅଧିକ ଚାନ୍ଦା ଆକାରରେ ଦେଉଛନ୍ତି ଅଥଚ ଓ୍ୱସିୟତ କରୁନାହାନ୍ତି । ଏପରି ବନ୍ଧୁମାନଙ୍କ ପକ୍ଷରେ ଓ୍ୱସିୟତ କରିଦେବା ହିଁ ଉଚିତ ହେବ ।** ବସ୍ତୁତଃ ଏପରି ବନ୍ଧୁମାନଙ୍କ ପକ୍ଷରେ କୌଣସି ଅସୁବିଧା ହିଁ ନାହିଁ । ପୁଣି ଏପରି କେତେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଟଙ୍କା ପ୍ରତି ପାଞ୍ଚ ପଇସା ଛଅ ପଇସା କରି ଚାନ୍ଦା ଦେଇ ଆସୁଛନ୍ତି ଅଥଚ କେବଳ ଏକ ଅତିରିକ୍ତ ନଗଣ୍ୟ

ପରିମାଣରେ ଦେୟ ନଦେବା ଯୋଗୁଁ ସେମାନଙ୍କୁ ଓ୍ୱସିୟତରୁ ବଞ୍ଚିତ ହେବାକୁ ପଡୁଛି । ତେଣୁ ପ୍ରକୃତରେ ଦେଖିବାକୁ ଗଲେ ଅତି ଅଳ୍ପ ପରିମାଣରେ ପାର୍ଥକ୍ୟ ଯୋଗୁଁ ଆମ ସମ୍ପ୍ରଦାୟର ଶହ ଶହ ବ୍ୟକ୍ତି ଓ୍ୱସିୟତରୁ ବଞ୍ଚିତ ହୋଇଛନ୍ତି ଓ ବୈକୁଣ୍ଠର ନିକଟତର ହୋଇ ମଧ୍ୟ ତହିଁରେ ପ୍ରବେଶ କରିପାରୁ ନାହାନ୍ତି ।

ପୁନଶ୍ଚ **କେତେକ ବ୍ୟକ୍ତି ମୃତ୍ୟୁ ଶଯ୍ୟାରେ ଥାଇ ଓ୍ୱସିୟତ କରିଥାନ୍ତି, ଅଥଚ ଏ ପ୍ରକାର ଓ୍ୱସିୟତ ଆଦୌ ସ୍ୱୀକୃତ ନୁହେଁ ଓ ଏହାକୁ ମଞ୍ଜୁରି ଦିଆଯାଏ ନାହିଁ । ହଜରତ ମୁହମ୍ମଦ ରସୁଲୁଲ୍ଲା**[ସଅ] **ଏପରି କାର୍ଯ୍ୟକୁ ନାପସନ୍ଦ କରିଛନ୍ତି ।** ତାହାକୁ ହିଁ ଓ୍ୱସିୟତ କୁହାଯିବ, ଯାହା ପରମାୟୁ ଥିବା ବେଳେ ତଥା ଜୀବଦ୍ଦଶାରେ କରାଯାଏ ଓ ଯାହା ଶଙ୍କା ରହିତ । ଏପରି ଶହ ଶହ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଓ୍ୱସିୟତ ଚାନ୍ଦା ସହ ସମାନ ଚାନ୍ଦା ପ୍ରଦାନ କରୁଛନ୍ତି । ସେହିଭଳି ବନ୍ଧୁମାନଙ୍କୁ ନିଜର ହିସାବ ତନଖି କରି ଓ୍ୱସିୟତ କରିନେବା ଉଚିତ । ସେମାନଙ୍କ ମଧ୍ୟରୁ ଯଦି କେତେକ ବ୍ୟକ୍ତି ଏହାକୁ ଅନୁଧ୍ୟାନ କରିବେ, ତେବେ ସେମାନେ ଜାଣି ପାରିବେ ଯେ ଗୋଟିଏ ମାତ୍ର ପଇସା ଅଧିକ ଚାନ୍ଦା ଦେବା ଦ୍ୱାରା ସେମାନଙ୍କ ପାଇଁ ବୈକୁଣ୍ଠ ପ୍ରାପ୍ତିର ପ୍ରତିଶ୍ରୁତି ମିଳୁଛି । ତେଣୁ ଯେଉଁ ପ୍ରକାରେ ହେଉ ପଛେ, ବନ୍ଧୁମାନଙ୍କ ପକ୍ଷରେ ଓ୍ୱସିୟତ କରିବା ଉଚିତ । ମୋର ବିଶ୍ୱାସ, ଓ୍ୱସିୟତ କରିବା ଫଳରେ ଧର୍ମ ବିଶ୍ୱାସରେ ଅଭିବୃଦ୍ଧି ଘଟିବ । ଯେତେବେଳେ ଅଲ୍ଲାଃତାଲା ପ୍ରତିଶ୍ରୁତି ଦେଉଛନ୍ତି ଯେ ଏହି ବେହିସ୍ତି ମକବରା ବା କବର ସ୍ଥଳୀରେ ମୁତ୍ତକି (ଧର୍ମନିଷ୍ଠ) ବ୍ୟକ୍ତିମାନଙ୍କୁ ସେ କବର ଦିଆଇବାର ସୌଭାଗ୍ୟ ପ୍ରଦାନ କରିବେ, ସେତେବେଳେ ସେ ଓ୍ୱସିୟତ କରିଥିବା ବ୍ୟକ୍ତିକୁ 'ମୁତ୍ତକି'ରେ ପରିଣତ କରି ଦେଇଥାନ୍ତି ।

# ଶୀଘ୍ର ଓ୍ୱସିୟତ କରନ୍ତୁ

**2.** ଯେପରି ମୁଁ ପୂର୍ବରୁ କହିଛି, ଇସ୍‌ଲାମ ଦ୍ୱାରା ପ୍ରବର୍ତ୍ତିତ ଯେଉଁସବୁ ପୂର୍ଣ୍ଣାଙ୍ଗ ବ୍ୟବସ୍ଥା ଅଛି, ସେ ସବୁ ଉପରେ ଓ୍ୱସିୟତ ବ୍ୟାପକ ରୂପେ ପ୍ରଭାବ ବିସ୍ତାର କରିଛି । କେତେକ ଲୋକ ଭ୍ରମ ଧାରଣାର ବଶବର୍ତ୍ତୀ ହୋଇ ଭାବନ୍ତି ଯେ ଓ୍ୱସିୟତ ମାଧ୍ୟମରେ ନିଆଯାଉଥିବା ଧନରାଶି ଇସ୍‌ଲାମ ଧର୍ମର କେବଳ ବାଚନିକ ପ୍ରଚ୍ଚର ପାଇଁ ଉଦ୍ଦିଷ୍ଟ, ମାତ୍ର ଏହା ଯଥାର୍ଥ ନୁହେଁ । ଓ୍ୱସିୟତ ଉଭୟ ବାଚନିକ ପ୍ରଚ୍ଚର ଓ କର୍ମ କ୍ଷେତ୍ରରେ ପ୍ରସାର କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ । ଯେଉଁପରି ଏଥିରେ ପ୍ରଚାର ମୂଳକ କାର୍ଯ୍ୟକ୍ରମ ସାମିଲ୍ ହେଉଛି, ସେହିପରି ଏଥିରେ ସେହି ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି । ଏହା ଅଧୀନରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସମ୍ମାନଜନକ ଭାବେ ଖାଦ୍ୟ ପଦାର୍ଥ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିବ । ଯେବେ ଓ୍ୱସିୟତ ବ୍ୟବସ୍ଥା ସଂପୂର୍ଣ୍ଣ ହୋଇଯିବ, ଏହା ମାଧ୍ୟମରେ କେବଳ ଧର୍ମ ପ୍ରଚାର କରାଯିବ ନାହିଁ, ବରଂ ଇସ୍‌ଲାମର ଲକ୍ଷ୍ୟକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କ ଆବଶ୍ୟକତାକୁ ପୂରଣ କରାଯିବ । ଫଳତଃ ଅଲ୍ଲାଃତାଲା ଚାହିଲେ, ସଂସାରରୁ ସମସ୍ତ ପ୍ରକାର ଦୁଃଖ କଷ୍ଟ, ଅଭାବ ଅନାଟନକୁ ଲୋପ କରି ଦିଆଯିବ । ଅନାଥ ଭିକ୍ଷା ମାଗିବେ ନାହିଁ ଓ ବିଧବା କାହା ଆଗରେ ହାତ ପତାଇବେ ନାହିଁ କି ସମ୍ବଳହୀନ ବ୍ୟକ୍ତି ବ୍ୟସ୍ତ ବିବ୍ରତ ହୋଇ ଏଣେତେଣେ ଧାଆଁ ଧପଡ କରିବେ ନାହିଁ । କାରଣ ଓ୍ୱସିୟତ ପିଲାମାନଙ୍କର ମାଆ ହେବ, ଯୁବକମାନଙ୍କର ବାପା ହେବ ଓ ମହିଳାମାନଙ୍କର ସୁହାଗ ହେବ । ଅଧିକନ୍ତୁ ବିନା ବଳ ପ୍ରୟୋଗ ଦ୍ୱାରା ପ୍ରେମ ଓ ଆତ୍ମ ସନ୍ତୋଷ ଲାଭ କରି ଏହା ମାଧ୍ୟମରେ ଭାଇ ଭାଇକୁ ସାହାଯ୍ୟ କରିବ ଓ ତାହାର ଦାନ ବ୍ୟର୍ଥ ଯିବ ନାହିଁ । ଜଣେ ଯାହା ଦାନ କରିବ ତାହା ଅଣଲେଉଟା ରହିବ ନାହିଁ । ବରଂ ପ୍ରତ୍ୟେକ ଦେଉଥିବା ବ୍ୟକ୍ତି ଅଲ୍ଲାଃତାଲାଙ୍କ ଠାରୁ ଏହାର ଉତ୍ତମ ବଦଳା ପାଇବ ଓ ଏହା ବିନିମୟରେ ଅଧିକ ପାଇବ । ଫଳରେ ଜଣେ ଧନବାନ୍ ବ୍ୟକ୍ତି କ୍ଷତିଗ୍ରସ୍ତ ହେବ ନାହିଁ କି ଦରିଦ୍ର ମଧ୍ୟ କ୍ଷତିରେ ରହିବ ନାହିଁ । କୌଣସି ଜାତି ଅନ୍ୟ ଜାତି ସହିତ କଳହ କରିବ ନାହିଁ, ବରଂ ଏହାର ଉପକାର ସାରା ସଂସାରରେ ସଂପ୍ରସାରିତ ହେବ ।

ସୁତରାଂ ହେ ବନ୍ଧୁଗଣ ! ସଂସାରର ନୂତନ ବ୍ୟବସ୍ଥାକୁ ମିଷ୍ଟର ଚର୍ଚ୍ଚିଲ ସ୍ଥାପନ କରିପାରିବେ ନାହିଁ କି ମିଷ୍ଟର ରୁଜଭେଲ୍‌ଟ ତିଆରି କରି ପାରିବେ ନାହିଁ । ଏହି ଆଟ୍‌ଲାଣ୍ଟିକ୍ ଚାର୍ଟରର ସମସ୍ତ ଘୋଷଣା ପ୍ରତାରଣାପୂର୍ଣ୍ଣ । ଏଥିରେ ଅନେକ ଦୋଷ ରହିଛି, ତ୍ରୁଟି ରହିଛି ଓ ବହୁତ ଅସଙ୍ଗତି ମଧ୍ୟ ରହିଛି । ଯେଉଁ ମହାପୁରୁଷ ଅଲ୍ଲାଃଙ୍କ ତରଫରୁ ପ୍ରେରିତ ହୋଇଥାନ୍ତି ସେ ହିଁ ନୂତନ ବ୍ୟବସ୍ଥାର ପ୍ରବର୍ତ୍ତନ କରାଇ ପାରିବେ । କାରଣ ତାହାଙ୍କ ହୃଦୟରେ ଧନବାନ୍‌ଙ୍କ ପ୍ରତି ବୈର ଭାବ ନଥାଏ କି ଦରିଦ୍ରଙ୍କ ପ୍ରତି ଅଯଥା ପ୍ରେମ ଭାବ ନଥାଏ । ସେହି ବ୍ୟକ୍ତି ପ୍ରାଚ୍ୟର ନୁହନ୍ତି କି ପାଶ୍ଚାତ୍ୟର ନୁହନ୍ତି । ସେ ଅଲ୍ଲାଃତାଲାଙ୍କ ପ୍ରେରିତ ବାର୍ତ୍ତାବହ ଅଟନ୍ତି । ଯେଉଁ ଶିକ୍ଷା ଶାନ୍ତି ସ୍ଥାପନ କରିବା ପାଇଁ ପ୍ରକୃତ ମାଧ୍ୟମ, ସେ ସେହି ଶିକ୍ଷାକୁ ଉପସ୍ଥାପନ କରନ୍ତି । ଯେଉଁ ଶିକ୍ଷା ହଜରତ୍ ମସିହ ମଉଦ୍[ଅସ]ଙ୍କ ମାଧ୍ୟମରେ ପୃଥିବୀକୁ ଆସିଛି ଓ ୧୯୦୫ ମସିହାରେ ଅଲ୍ ୱସିୟତ ମାଧ୍ୟମରେ ଯାହାର ଭିତ୍ତି ସ୍ଥାପନ କରାଯାଇଛି, ସେହି ଶିକ୍ଷା ହିଁ ଅଧୁନା ଶାନ୍ତି ସ୍ଥାପନ କରିବ ।

ସୁତରାଂ ସମସ୍ତ ବନ୍ଧୁଙ୍କୁ ଏହାର ଗୁରୁତ୍ୱ ଉପଲବ୍ଧି କରିବାକୁ ହେବ ଓ ଯେଉଁ ସବୁ ପ୍ରମାଣ ମୁଁ ଉପସ୍ଥାପନ କରିଛି, ସେଗୁଡ଼ିକୁ ଭଲ ଭାବରେ ମନେ ରଖିବାକୁ ହେବ । କାରଣ ପ୍ରାୟ ପ୍ରତ୍ୟେକ ସ୍ଥାନରେ ଆପଣମାନଙ୍କୁ ବଲସେଭିକ ମତବାଦର ପ୍ରଶଂସକ ମିଳିବେ । ମୁଁ ଏହି ଅନ୍ଦୋଳନର ଗୁଣ ଗାରିମା ଆପଣମାନଙ୍କୁ ଜଣାଇ ଦେବା ସହିତ ସେଥିରେ ଥିବା ଦୋଷତ୍ରୁଟିକୁ ମଧ୍ୟ ଜଣାଇ ଦେଇଛି । ସେହିପରି ଅନ୍ୟାନ୍ୟ ଆନ୍ଦୋଳନର ଗୁଣଗାରିମା ତଥା ତାହାର ଦୋଷତ୍ରୁଟି ସମ୍ବନ୍ଧରେ ମଧ୍ୟ ଜଣାଇ ଦେଇଛି । ତେଣୁ ଆପଣମାନେ ଏ ବିଷୟରେ ଚିନ୍ତା କରନ୍ତୁ । ଆପଣମାନେ ଏହି ଦୋଷତ୍ରୁଟିଗୁଡ଼ିକୁ ଧ୍ୟାନରେ ରଖି ଶିକ୍ଷିତବର୍ଗଙ୍କ ସହିତ ଆଲୋଚନା କରନ୍ତୁ । ମୁଁ ଆପଣମାନଙ୍କୁ ଆଶ୍ୱାସନା ଦେଉଛି କି ଏହି ପ୍ରମାଣଗୁଡ଼ିକ ଏପରି ଅଟେ, ଯାହାର କୌଣସି ଉତ୍ତର ଏହିସବୁ ଆନ୍ଦୋଳନର ସମର୍ଥକଙ୍କ ପାଖରେ ନାହିଁ ।

ମୁଁ ଆଜି ଆପଣମାନଙ୍କ ନିକଟରେ ଯେଉଁସବୁ ବିଷୟ ବର୍ଣ୍ଣନା କରୁଛି କେବଳ ତାହାରି ମାଧ୍ୟମରେ ସଂସାରରେ ଶାନ୍ତି ସ୍ଥାପନ କରାଯାଇ ପାରିବ । ଏହି ରୂପେ ଆଜିଠାରୁ କୋଡିଏ ବର୍ଷ ପୂର୍ବରୁ ୧୯୨୪ ମସିହାରେ ସାର୍ବଜନୀନ ଶାନ୍ତି ସ୍ଥାପନ ଉଦ୍ଦେଶ୍ୟରେ ଅଲ୍ଲାଃତାଲା ମୋ ମାଧ୍ୟମରେ 'ଅହମଦିୟତ' ପୁସ୍ତକରେ ଏପରି ଏକ ଯୁଗାନ୍ତକାରୀ ଅଭିବ୍ୟକ୍ତିର ପରିପ୍ରକାଶ କରିଛନ୍ତି, ଯାହା ମୁଁ ବିଶ୍ୱାସର ସହିତ କହିପାରିବି ଯେ ବିଗତ ତେର ଶହ ବର୍ଷ ମଧ୍ୟରେ ପୂର୍ବବର୍ତ୍ତୀ ବ୍ୟାଖ୍ୟାକାରୀମାନଙ୍କ ମଧ୍ୟରୁ କେହି ବି ଏପରି ମହାନ୍ ପ୍ରକଟନକୁ ଉନ୍ମୋଚନ କରି ନାହାନ୍ତି । ଅଧିକନ୍ତୁ ତାହା ବାସ୍ତବରେ ଏପରି ଏକ ଶିକ୍ଷା ଯେ ଯଦିଚ ଏପରି ଦାବି କରିବା ମୋ ପ୍ରକୃତିର ପରିପନ୍ଥୀ, ତଥାପି ମୁଁ ବିଶ୍ୱାସର ସହିତ କହିପାରିବି ଯେ ନବୀ (ଅବତାର) ଓ ତାହାଙ୍କର ଖଲିଫା (ଉତ୍ତରାଧିକାରୀ) ଙ୍କ ବ୍ୟତୀତ ଅଦ୍ୟାବଧି ଅନ୍ୟ କେହି ଏ ପ୍ରକାର ପ୍ରକଟନ କରି ନାହାନ୍ତି । ଯଦି କେହି ସେପରି କରିଥାନ୍ତି, ତେବେ ତାହାର ଉଦାହରଣ ମୋତେ ଦେଖାନ୍ତୁ ।

ତେଣୁ ହେ ବନ୍ଧୁଗଣ ! ଯେଉଁମାନେ ଓ୍ୱସିୟତ କରି ସାରିଛନ୍ତି, ସେମାନେ ଜାଣିରଖନ୍ତୁ ଯେ ଆପଣମାନଙ୍କ ମଧ୍ୟରୁ ଯେଉଁମାନେ ନିଜ ନିଜ ସ୍ଥାନରେ ଓ୍ୱସିୟତ କରିଛନ୍ତି, ସେହିମାନେ ଏହି ନୂତନ ବ୍ୟବସ୍ଥାର ଭିତ୍ତି ସ୍ଥାପନ କରିଛନ୍ତି । ଏହି ନୂତନ ବ୍ୟବସ୍ଥାରେ ଯେଉଁମାନେ ଅଂଶଗ୍ରହଣ କରିଛନ୍ତି, ସେମାନଙ୍କ ପାଇଁ ତଥା ସେମାନଙ୍କ ପରିବାର ପାଇଁ ସୁରକ୍ଷାର ଭିତ୍ତି ସ୍ଥାପନ ହୋଇଛି । ଯେଉଁମାନେ 'ତହ୍‌ରୀକେ ଜଦୀଦ୍' (ଅନ୍ୟ ଏକ ନବୀନତମ ଆର୍ଥିକ ଯୋଜନା)ରେ ଭାଗ ନେଇଛନ୍ତି, ଯଦି ନିଜ ଦାରିଦ୍ର୍ୟ ଯୋଗୁଁ ଏହି ଯୋଜନାରେ ଅଂଶଗ୍ରହଣ କରିପାରି ନାହାନ୍ତି, ତେବେ ସେ ଏହି ଆନ୍ଦୋଳନର ସଫଳତା ପାଇଁ ନିରନ୍ତର ଦୁଆ (ପ୍ରାର୍ଥନା) କରୁଥାନ୍ତୁ । ଯାହା ଯୋଗୁଁ ସେ ଓ୍ୱସିୟତ ବ୍ୟବସ୍ଥାକୁ ସଂପ୍ରସାରିତ କରିବାର ଭିତ୍ତି ସ୍ଥାପନ କରିଛନ୍ତି ।

ସୁତରାଂ ହେ ବନ୍ଧୁଗଣ ! ସଂସାରର ନୂତନ ବ୍ୟବସ୍ଥାଗୁଡିକୁ ଧର୍ମରୁ ବାଦ ଦେଇ ପ୍ରସ୍ତୁତ କରାଯାଉଛି । ତେଣୁ ତୁମେମାନେ ତହରିକ ଜଦୀଦ ଓ ୱସିୟତ ମାଧ୍ୟମରେ ସତ୍ୟ ଧର୍ମ ପ୍ରତିଷ୍ଠା କରିବାରେ ଏହାଠାରୁ ଅଧିକ ଉତ୍ତମ ବ୍ୟବସ୍ଥା ପ୍ରଣୟନ କର । କିନ୍ତୁ ତୁରନ୍ତ କର, କାରଣ ଯିଏ ଦୌଡରେ ଆଗୁଆ ରହିଥାଏ, ସେ ହିଁ ବିଜୟୀ ହୁଏ । ତେଣୁ ତୁମେ ଶୀଘ୍ର ୱସିୟତ କର, ତାହାହେଲେ ଅତି ଶୀଘ୍ର ଏହି ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ ହେବ । ଫଳରେ ସେହି ଶୁଭ ଦିନ ଆସିବ, ଯେତେବେଳେ ଚତୁର୍ଦ୍ଦିଗରେ ଇସ୍‌ଲାମ ଓ ଅହମଦିୟତର ବିଜୟ ବାନା ଫରଫର ହୋଇ ଉଡିବ । ଏଥି ସହିତ ଯେଉଁ ବନ୍ଧୁମାନଙ୍କୁ ୱସିୟତ କରିବାକୁ ଦିବ୍ୟ ମାର୍ଗଦର୍ଶନ ପ୍ରାପ୍ତ ହୋଇଛି, ମୁଁ ସେମାନଙ୍କୁ ସାଧୁବାଦ ଜଣାଉଛି । ଅଧିକନ୍ତୁ ଯେଉଁମାନେ ଅଦ୍ୟାବଧି ଏହି ବ୍ୟବସ୍ଥାରେ ସାମିଲ୍ ହୋଇ ନାହାନ୍ତି, ମୁଁ ସେମାନଙ୍କ ସକାଶେ ପ୍ରାର୍ଥନା କରୁଛି ଯେ ଏହି ଐଶୀ ବ୍ୟବସ୍ଥାରେ ଅଂଶଗ୍ରହଣ କରିବା ପାଇଁ ଅଲ୍ଲାଃତାଲା ସେମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯାହା ଫଳରେ ସେମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଆଧ୍ୟାତ୍ମିକ ଓ ସାଂସାରିକ ସମୃଦ୍ଧି ଲାଭକରି ଧନଧାନ୍ୟରେ ପରିପୂର୍ଣ୍ଣ ହୋଇଯାଆନ୍ତୁ । ସଂସାର ଏପରି ବ୍ୟବସ୍ଥା ଦ୍ୱାରା ଏଭଳି ସୁଫଳ ଲାଭ କରୁ ଯେ ପରିଶେଷରେ ତାକୁ ଅନ୍ତତଃ ଏହା ସ୍ୱୀକାର କରିବାକୁ ପଡିବ ଯେ ଯେଉଁ କାଦିୟାନ୍ ଗ୍ରାମକୁ ଏକ ନିକୃଷ୍ଟ ଅଖ୍ୟାତ ପଲ୍ଲୀ କୁହାଯାଉଥିଲା ଓ ଯାହାକୁ ଅଜ୍ଞାନ ଅନ୍ଧକାରମୟ ଗ୍ରାମ କୁହାଯାଉଥିଲା, ସେଠାରୁ ଏପରି ଜ୍ୟୋତି ବାହାରିଲା ଯାହା ସମଗ୍ର ସଂସାରରୁ ଅନ୍ଧକାର ଦୂର କରିଦେଲା । ସେତିକି ନୁହେଁ, ବରଂ ତାହା ଯୋଗୁଁ ସମଗ୍ର ବିଶ୍ୱର ଅଜ୍ଞାନତା ମଧ୍ୟ ଦୂରୀଭୂତ ହୋଇଗଲା । ଯାହା ସାରା ସଂସାରର ଦୁଃଖ କଷ୍ଟକୁ ଅପସାରଣ କରିଦେଲା । ଯାହା ପ୍ରତ୍ୟେକ ଧନବାନ୍ ଓ ଦରିଦ୍ରକୁ ତଥା ପ୍ରତ୍ୟେକ ସାନ ଓ ବଡକୁ ପାରସ୍ପରିକ ପ୍ରେମ, ପ୍ରୀତି ଓ ସ୍ନେହର ବନ୍ଧନରେ ବାନ୍ଧିଦେଇ ଜୀବନ ଯାପନ କରିବାର ସୁଯୋଗ ପ୍ରଦାନ କଲା ।

(ନିଜାମେ ନୌ, ପୃ. ୧୧୦-୧୧୨, ଦ୍ୱିତୀୟ ସଂସ୍କରଣ)

**3.** ସଂପ୍ରତି ମୋ ପାଇଁ ସର୍ବନିମ୍ନ ପ୍ରୟାସ ହେଉଛି, ସମ୍ପ୍ରଦାୟର ପ୍ରତ୍ୟେକ ବ୍ୟକ୍ତି ଓ୍ୱସିୟତ କରନ୍ତୁ । ସଂସାରରେ ପ୍ରତ୍ୟେକ କାର୍ଯ୍ୟ ସମ୍ପାଦନ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ଥାଏ । ଆମ ହାତରୁ କାଦିୟାନ୍ ଚାଲି ଯାଇଥିବାରୁ (ଦେଶ ବିଭାଜନ ପରେ ପାକିସ୍ତାନର ରବୁଆ ଠାରେ ନୂତନ ଧର୍ମକେନ୍ଦ୍ର ସ୍ଥାପନ ହେବା ପରିପ୍ରେକ୍ଷୀରେ - ପ୍ରକାଶକ) ବର୍ତ୍ତମାନ ଶତ୍ରୁମାନଙ୍କ ଦୃଷ୍ଟି ବିଶେଷ ଭାବରେ ଏଥି ପ୍ରତି ନିବଦ୍ଧ ହୋଇଛି ଯେ ଏବେ ଅହମଦୀମାନଙ୍କ ହାତରୁ ମଧ୍ୟ ସେହି ବେହିସ୍ତି ମକବରା ଚାଲିଯାଇଛି, ଯାହା ପାଇଁ ସେମାନେ ଓ୍ୱସିୟତ କରି ଆସୁଥିଲେ । ଏଣିକି ଆମେ ଦେଖିବା ଯେ ଏମାନେ କିପରି ଓ୍ୱସିୟତ କରୁଛନ୍ତି । ତେବେ ତାଙ୍କର ଏହି ବୃଥା ଆସ୍ଫାଳନକୁ ଭାଙ୍ଗିବା ଓ ଏହି ଅଭିଯୋଗକୁ ପଣ୍ଡ କରିବା ସକାଶେ ଆମ ପାଖରେ ଏକ ଉପାୟ ଅଛି । ତା' ହେଉଛି, ପ୍ରତ୍ୟେକ ଅହମଦୀ ଓ୍ୱସିୟତ କରନ୍ତୁ ଓ ସଂସାରକୁ ଜଣାଇ ଦିଅନ୍ତୁ ଯେ ଅଲ୍ଲାଃତାଲାଙ୍କର ପ୍ରତିଶ୍ରୁତି ସମ୍ପର୍କରେ ଆମମାନଙ୍କର ଯେଉଁ ବିଶ୍ୱାସ ଓ ଆସ୍ଥା ରହିଛି, ତାହା କାଦିୟାନ୍ ହାତରୁ ଚାଲିଯିବା ବା ନ ଚାଲିଯିବା ସହିତ ସଂପୃକ୍ତ ନୁହେଁ । ବରଂ ଆମେ ପ୍ରତ୍ୟେକ ପରିସ୍ଥିତିରେ ନିଜ ଧର୍ମ ବିଶ୍ୱାସ ଉପରେ ପ୍ରତିଷ୍ଠିତ ରହିବୁ । ଏହି ଧର୍ମ ବିଶ୍ୱାସରେ ଅଟଳ ରହିବାର ଏହା ସର୍ବନିମ୍ନ ପ୍ରୟାସ, ଯାହା ଏହି ପରିସ୍ଥିତିରେ ତୁମମାନଙ୍କ ଠାରୁ ହିଁ ଆଶା କରାଯାଉଛି । ତେଣୁ ଯେଉଁ ବ୍ୟକ୍ତି ଶତକଡା ସାଢେ ୧୬ ପ୍ରତିଶତ ଲାଜମି ଚାନ୍ଦା ମଧ୍ୟ ଦେଇପାରୁ ନାହାନ୍ତି, ତାହାଙ୍କ କ୍ଷେତ୍ରରେ ନିଜ ଆସ୍ଥା ପ୍ରକଟ କରିବା ଓ ବିଶ୍ୱାସ ମତକୁ ଦର୍ଶାଇବା ପାଇଁ ମୁଁ ଭାବୁଛି ଯେ ଅନ୍ତତଃ ପକ୍ଷେ ଓ୍ୱସିୟତ୍ କରିଦେଉ । ସେ ଏହା ମଧ୍ୟ ଉଦ୍ୟମ କରୁ ଯେ ଆମ ଜମାଅତ୍‌ରେ ଏପରି କୌଣସି ବ୍ୟକ୍ତି ନରହୁ ଯେ କି ଓ୍ୱସିୟତ୍ କରି ନଥିବ ।

(ଅଲ ଫଜଲ ଜୁନ୍ ୫, ୧୯୪୮ )

# ଓ୍ୱସିୟତର ଅଂଶଧନ ପ୍ରଦାନ

**4.** ଜଣେ ଭଦ୍ରବ୍ୟକ୍ତି ପ୍ରଶ୍ନ କଲେ ଯେ ଯେଉଁ ବ୍ୟକ୍ତି ନିଜ ଆୟ ସମ୍ବନ୍ଧରେ ଓ୍ୱସିୟତ କରିଥାନ୍ତି, ଯଦି ସେ ନିଜ ଆୟରୁ ପ୍ରତି ମାସରେ ଅଂଶଧନ ପ୍ରଦାନ କରୁଥାନ୍ତି ଓ ଅବଶିଷ୍ଟ ଧନରାଶିରୁ କୌଣସି ସମ୍ପତ୍ତି ଅର୍ଜନ କରନ୍ତି, ତେବେ କ'ଣ ସେହି ନୂତନ ସମ୍ପତ୍ତିରୁ ମଧ୍ୟ ଓ୍ୱସିୟତ ଅଂଶଧନ ପ୍ରଦାନ କରିବା ଉଚିତ ?

ସେ ଉତ୍ତର ଦେଲେ, 'ହଁ, ପ୍ରଦାନ କରିବା ଉଚିତ । ଓ୍ୱସିୟତ ବାସ୍ତବରେ ମୃତ୍ୟୁ ପରେ ଯାହା କିଛି ରହିଥାଏ, ସେଥିରୁ ପ୍ରଦାନ କରାଯିବା ଉଚିତ'।

ପ୍ରଶ୍ନକର୍ତ୍ତା ପଚାରିଲେ 'ଏହି ରୂପେ ଦୁଇଥର ଓ୍ୱସିୟତ ଅଂଶଧନ ପ୍ରଦାନ କରିବାକୁ ପଡିଲା । ଥରେ ମାସିକ ଆୟରୁ, ପୁଣି ଦ୍ୱିତୀୟ ଥର ସେହି ଆୟରୁ ଯହିଁରୁ ଓ୍ୱସିୟତ ଅଂଶଧନ ପ୍ରଦାନ କରାଯାଇଛି ଓ ଯେଉଁ ସମ୍ପତ୍ତି ଅର୍ଜନ କରାଯାଇଛି ସେଥିରୁ ମଧ୍ୟ ।'

ଉତ୍ତର ମିଳିଲା: 'ମନୁଷ୍ୟ ନିଜ ଆୟରୁ ଧନ ସଞ୍ଚୟ କରି ଯେଉଁ ସମ୍ପତ୍ତି ଅର୍ଜନ କରେ, ଯଦି ସମ୍ପତ୍ତି ବଦଳରେ ତାହାକୁ ସେ ଅନ୍ୟ କାର୍ଯ୍ୟରେ ବିନିଯୋଗ କରେ, ତେବେ ଏତଦ୍ୱାରା ଯେଉଁ ଆୟ ହେବ ସେଥିରୁ ଓ୍ୱସିୟତର ଅଂଶଧନ ପ୍ରଦାନ କରିବାକୁ ହେବ । ପୁଣି ଯେତେବେଳେ ସେ ସମ୍ପତ୍ତି ବାବଦରେ ଧନ ବ୍ୟୟ କରୁଛି ସେତେବେଳେ ସେ ଏଥିରୁ କାହିଁକି ଅଂଶଧନ ପ୍ରଦାନ କରିବ ନାହିଁ ? ଏହା ତ ଅର୍ଜିତ ସମ୍ପତ୍ତି । ଯଦି କାହାରି ପାଖରେ ଦଶ ଘୁମାଓଁ (ଏକ ଘୁମାଓଁ ଦୁଇ ବିଘା ସହ ସମାନ) ଜମିଥାଏ ଏବଂ ଏକ ଘୁମାଓଁ ଓ୍ୱସିୟତ ବାବଦକୁ ଦେବା ପରେ ବାକି ଜମିର ଆୟରୁ କିଛି ଧନ ସଞ୍ଚୟ କରେ ଯାହା ତା'ର ମୃତ୍ୟୁ ପରେ ଜଣାପଡେ, ତେବେ ଏଥିରୁ ମଧ୍ୟ ଓ୍ୱସିୟତ ଧନରାଶି ପ୍ରଦାନ କରାଯିବା ଉଚିତ ।

**5.** ଓ୍ୱସିୟତରୁ ମାଫ କରି ଦେବାର ଅଧିକାର ମୋତେ ମଧ୍ୟ ପ୍ରାପ୍ତ ହୋଇନାହିଁ । ଏହା ହଜରତ ମସିହ ମଉଦ[ଅସ] ଙ୍କ ଦ୍ୱାରା ପ୍ରଣୀତ ବିଧି ଓ ଏହା

ଅଲ୍ଲାଃଙ୍କ ଆଦେଶ ଅନୁସାରେ ପ୍ରଣୀତ ହୋଇଥିଲା । ଯେଉଁ ଚାନ୍ଦା ମୋ ତରଫରୁ ଧାର୍ଯ୍ୟ କରାଯିବ ବା ଯେଉଁ ଚାନ୍ଦା ବୃଦ୍ଧି କରାଯିବ, ମୁଁ ସେହି ଚାନ୍ଦାକୁ ମାଫ କରିପାରିବି ଓ ଏବେ ଛାଡ କରି ଦେଉଛି ।

(୧୯୩୮ ମାର୍ଚ୍ଚ ମାସ ୧୫ରେ ପ୍ରଦତ୍ତ ଆଦେଶ)

**6.** ଓ୍ୱସିୟତ ସମ୍ପର୍କରେ ମୋ ଚିନ୍ତାଧାରା ଅତି କଠିନ । ଏ ସମ୍ପର୍କରେ ପୂର୍ବରୁ ଯାହା କିଛି ହୋଇ ଆସୁଛି ତାହାକୁ କାର୍ଯ୍ୟକାରୀ କରାଯାଉ । କିନ୍ତୁ ମୋ ମତରେ ପ୍ରାଣଘାତକ ରୋଗରେ ପୀଡିତ ବ୍ୟକ୍ତିଙ୍କ କ୍ଷେତ୍ରରେ ଓ୍ୱସିୟତ କରିବା ଉଚିତ ନୁହେଁ । କାରଣ ପ୍ରତ୍ୟେକ ମନୁଷ୍ୟ ଧର୍ମ ବିଶ୍ୱାସର ଯେ କୌଣସି ସୋପାନର ହୋଇଥିଲେ ମଧ୍ୟ ମୃତ୍ୟୁ ନିକଟତର ହୋଇଥିବା ଜାଣିବା ପରେ ଧନ ଉତ୍ସର୍ଗ କରିବାକୁ ପ୍ରସ୍ତୁତ ହୋଇଯାଏ । ଦ୍ୱିତୀୟତଃ, ଏହା ଦ୍ୱାରା ଅନ୍ୟ ଏକ ଭୂଲ ମଧ୍ୟ ହୋଇଥାଏ । କାରଣ ଯେଉଁ ବ୍ୟକ୍ତି ଅଢେଇ ଶହ ବା ତିନିଶହ ଟଙ୍କା ଦରମା ଆକାରରେ ପାଉଛି ଅଥଚ ଧର୍ମ ପାଳନରେ ଅବହେଳା ଦେଖାଉଛି ଓ ତାହାର କୌଣସି ସମ୍ପତ୍ତି ମଧ୍ୟ ନ ଥାଏ, ସେ ଏପରି ମୃତ୍ୟୁକାଳୀନ ସମୟରେ ଓ୍ୱସିୟତ କରିବା ଫଳରେ ଓ୍ୱସିୟତର ପ୍ରକୃତ ତାତ୍ପର୍ଯ୍ୟ ବିରୁଦ୍ଧରେ କାର୍ଯ୍ୟ କରି ଓ୍ୱସିୟତକର୍ତ୍ତାଙ୍କ ସହ ସାମିଲ ହୋଇଯାଉଛି ।

ମୋ ମତରେ ଜଣେ ଲୋକର ଦୈନନ୍ଦିନ ଜୀବିକା ନିର୍ବାହ ତାର ସମ୍ପତ୍ତି ଉପରେ ନିର୍ଭରଶୀଳ କି ତା’ ଦରମା ଉପରେ, ତାହାକୁ ଅନୁଧ୍ୟାନ କରିବା ଆବଶ୍ୟକ । ଯଦି ମୂଳ ବିଷୟ ତା’ର ଦରମା, ତେବେ ସେଥିପ୍ରତି ଓ୍ୱସିୟତ ଲାଗୁ ହେବା ଦରକାର ଅନ୍ୟଥା ଏହା ପରିହାସରେ ପରିଣତ ହେବ । ସେହିପରି ମୋ ମତରେ ସେହି ଲୋକ ପ୍ରକାଶ୍ୟରେ କୌଣସି ଧର୍ମ ବିଧାନର ଉଲଙ୍ଘନ କରୁଛି କି ନାହିଁ ତାହା ମଧ୍ୟ ଅନୁଧ୍ୟାନ କରିବା ଆବଶ୍ୟକ । ଏଥିଯୋଗୁଁ ପ୍ରକାଶ୍ୟ ଧର୍ମ ବିଧାନ ଲଙ୍ଘନର ସର୍ତ୍ତ ରଖାଯାଇଛି କି ? କାରଣ ମନର ଅବସ୍ଥା କେବଳ ଅଲ୍ଲାଃ ଜାଣନ୍ତି । ମୋ ମତରେ ଯେଉଁ ଲୋକ ନିଜର ଦାଢି ମଧ୍ୟ କାଟି ଦେଉଛି, ତା’ର ଓ୍ୱସିୟତ ମଧ୍ୟ ଯଥାର୍ଥ ନୁହେଁ । କାରଣ ସେ ପରମ୍ପରାର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରୁଛି ।

(ଅଲ ଫଜଲ ସଂ:୪୫, ଭାଗ ୭,୮ ଡିସେମ୍ବର,୧୯୧୯)

# ପ୍ରସ୍ତାବ ସଂଖ୍ୟା ୨୮୦

୧୯୩୫ ମସିହାରେ ପରାମର୍ଶଦାତା ସମିତିର ନିଷ୍ପତ୍ତି କ୍ରମେ ଆୟର ଅଂଶଧନର ପ୍ରଦାନ ସମ୍ପର୍କରେ:

ପ୍ରସ୍ତାବ ସଂ. ୨୮୦, ତା ୩.୭.୧୯୩୫ - ବୈତୁଲ ମାଲର ଭାରପ୍ରାପ୍ତ ନାଜର ସାହେବଙ୍କ ରିପୋର୍ଟ ଅନୁସାରେ ପ୍ରସ୍ତାବ ସଂ. ୧୪୨, ତା.୧୨.୬.୧୯୩୫କୁ କାର୍ଯ୍ୟକାରୀ କରିବା ସକାଶେ ନିମ୍ନୋକ୍ତ ଯେଉଁ ସବୁ ନିଷ୍ପତ୍ତି ପରାମର୍ଶଦାତା ସମିତିରେ ପୂର୍ବରୁ କରାଯାଇଛି, ମୁଁ ଏଠାରେ ସେଗୁଡିକ ଉପସ୍ଥାପନ କରୁଛି।

## ଆୟର ସଂଜ୍ଞା:

ପ୍ରତ୍ୟେକ ପ୍ରକାର ପୁଞ୍ଜି, ତାହା ଭୂମି ହେଉ କି ଗୃହ କି ଯନ୍ତ୍ରପାତି, ଟଙ୍କା ପଇସା ହେଉ କି ବ୍ୟକ୍ତିଗତ ଦକ୍ଷତା ଆକାରରେ ହେଉ, ଏ ସମସ୍ତ ଆୟର ଅନ୍ତର୍ଭୁକ୍ତ। ଏଥିରୁ ଯେଉଁ ଆୟ ଉପଲବ୍ଧ ହୋଇପାରିବ ତାହା ଉପରେ ଚାନ୍ଦା ଅବଶ୍ୟ ଦେୟ ହେବ । ସେହିପରି ପୁରସ୍କାର ବା ବେତନ ବା ପାରିଶ୍ରମିକ ଭାବରେ ଯାହା ନଗଦ ମିଳେ, ତାହା ଉପରେ ଚାନ୍ଦା ଅବଶ୍ୟ ଦେୟ ହେବ। କିନ୍ତୁ ଉତ୍ତରାଧିକାର ସୂତ୍ରେ ବ୍ୟବସାୟ ବାଣିଜ୍ୟରେ ବିନିଯୋଗ ହେଉଥିବା ଧନ ଆକାରରେ ଯେଉଁ ଧନରାଶି ମିଳେ, ତାହା ପୁଞ୍ଜି ବା ମୂଳଧନ ହିସାବରେ ଗଣ୍ୟ ହେବ। କିନ୍ତୁ ଏହା ଆୟ ହିସାବରେ ଗଣ୍ୟ ହେବ ନାହିଁ। **ଏହି ଆୟରୁ ନିମ୍ନୋକ୍ତ ପ୍ରକାରେ ଛାଡ ହୋଇଥିବା ଧନକୁ ବିୟୋଗ କରାଯିବ।**

ସରକାରୀ ଟିକସ ଅର୍ଥାତ୍ ରାଜସ୍ୱ, ସ୍ଥାନୀୟ କର, ଶିବିର ଭତ୍ତା, ସେବାମୁକ୍ତି ଭତ୍ତା, କାଠ ଓ କୋଇଲାଦି ଭତ୍ତା, ଗସ୍ତ ଖର୍ଚ୍ଚ ଇତ୍ୟାଦିକୁ ଆୟରୁ ବିୟୋଗ କରାଯିବ। ଅଧିକନ୍ତୁ ଯେଉଁ ବ୍ୟୟ ଆୟପ୍ରାପ୍ତି ପାଇଁ କରାଯାଇଥିବ, ଅର୍ଥାତ୍ ଜମିଦାରୀ ଆୟରୁ ସରକାରଙ୍କୁ ଭୂରାଜସ୍ୱ ପଇଠ କରିବା ବ୍ୟତୀତ କୃଷି ସହାୟତା କାର୍ଯ୍ୟରେ ଯେଉଁ ଫିସ୍ ଦିଆଯାଏ, ତାହାକୁ ମଧ୍ୟ ବିୟୋଗ କରିବାକୁ ହେବ। ଜମିଦାରୀ ଖର୍ଚ୍ଚରୁ ବିହନ ଖର୍ଚ୍ଚକୁ ଆୟରୁ ବିୟୋଗ କରାଯିବ ନାହିଁ। ଏ

ସମସ୍ତ ଅତିରିକ୍ତ ବ୍ୟୟକୁ ଛାଡି ପ୍ରତ୍ୟେକ ପ୍ରକାର ଆୟକୁ ବଜେଟ୍ ନିର୍ଦ୍ଧାରଣ ଫର୍ମରେ ଦରଜ ନକରି, ଉଦାହରଣ ସ୍ୱରୂପ ସ୍ତମ୍ଭ ନଂ. ୬ରେ ଥିବା ଚାକିରି ତଳେ କ୍ଷତିପୂରଣ, ଦିନ ମଜୁରି, ବ୍ୟକ୍ତିଗତ ଭତ୍ତା, କାର୍ଯ୍ୟଭିତ୍ତିକ ଭତ୍ତା, ଭତ୍ତା ଓ ପୁରସ୍କାର, ବୃତ୍ତିରୁ ଉପାର୍ଜିତ ଦରମା ଏବଂ ନଗଦ ପାରିଶ୍ରମିକ ଆଦି ସବୁ ବିଷୟ ଫର୍ମରେ ଦରଜ ହେବା ଆବଶ୍ୟକ । ମାସିକ ବେତନରୁ ଭବିଷ୍ୟନିଧି ପାଣ୍ଠି (Provident Fund) ରେ ଡିପୋଜିଟ ହେଉଥିବା ରାଶିର ପରିମାଣକୁ ଅଲଗା କରା ନଯାଉ । **ବରଂ ଭବିଷ୍ୟନିଧି ପରିମାଣକୁ ବିୟୋଗ ନ କରି ସଂପୂର୍ଣ୍ଣ ବେତନକୁ ଆୟ ଭାବରେ ଦର୍ଶାଯାଉ ।**

## ଓ୍ୱସିୟତ ଲେଖିବା ସମ୍ପର୍କରେ ଏକ ଜରୁରୀ ଘୋଷଣା

ଓ୍ୱସିୟତକର୍ତ୍ତା ନିଜ ଓ୍ୱସିୟତ ସମ୍ପର୍କରେ ଲିପିବଦ୍ଧ କରନ୍ତୁ ଯେ ତାହା ମଞ୍ଜୁରି ତାରିଖ ଠାରୁ ପ୍ରବର୍ତ୍ତିତ ହେବ କି ଲିପିବଦ୍ଧ ହେବା ତାରିଖରୁ, ଏହା ଓ୍ୱସିୟତକର୍ତ୍ତାଙ୍କ ନିଜସ୍ୱ ନିଷ୍ପତ୍ତି ।

ପ୍ରଥମ ବର୍ଣ୍ଣିତ କ୍ଷେତ୍ରରେ ଆୟରୁ ଅଂଶଧନ ପ୍ରଦାନ ତାରିଖ ମଞ୍ଜୁରି ପରେ ଅନିବାର୍ଯ୍ୟ ହେବ । କିନ୍ତୁ ଯଦି ଓ୍ୱସିୟତକର୍ତ୍ତା ଓ୍ୱସିୟତର ମଞ୍ଜୁରି ପୂର୍ବରୁ ମୃତ୍ୟୁବରଣ କରନ୍ତି, ତେବେ ଓ୍ୱସିୟତ ସ୍ୱତଃସ୍ଫୂର୍ତ ଭାବେ ରଦ୍ଦ ହୋଇଯିବ । କାରଣ ଓ୍ୱସିୟତକର୍ତ୍ତା ଓ୍ୱସିୟତ ମଞ୍ଜୁର ହେବା ପୂର୍ବରୁ ଏହାର ପ୍ରବର୍ତ୍ତନ ନେଇ ନିଜର ମନୋବାଞ୍ଛା ବ୍ୟକ୍ତ କରି ନ ଥିଲେ ।

ପରବର୍ତ୍ତୀ ବର୍ଣ୍ଣନା କ୍ଷେତ୍ରରେ, ଆୟରୁ ଅଂଶଧନ ପ୍ରଦାନ ତାରିଖ ଏହି ଲେଖାରୁ ଅର୍ଥାତ ଲିପିବଦ୍ଧ ହେବା ତାରିଖ ଠାରୁ ହିଁ ଅନିବାର୍ଯ୍ୟ ହେଇଯିବ । ତେଣୁ ଓ୍ୱସିୟତକର୍ତ୍ତାଙ୍କର ଏହା ଅବଶ୍ୟ କର୍ତ୍ତବ୍ୟ ହେବ ଯେ ସେ ଓ୍ୱସିୟତ ଲେଖିବାର ଠିକ୍ ପରେ ପରେ ଆୟର ଅଂଶଧନ ପ୍ରଦାନ ଆରମ୍ଭ କରି ଦିଅନ୍ତୁ । ଯଦି ପରେ କୌଣସି କାରଣରୁ ସେହି ଓ୍ୱସିୟତ ମଞ୍ଜୁର ନ ହୁଏ, ତେବେ ଆୟର ଅଂଶଧନ ଓ ଚାନ୍ଦା ଆମ୍ (ସାଧାରଣ ଚାନ୍ଦା) ମଧ୍ୟରେ ଯେଉଁ ପରିମାଣର ପ୍ରଭେଦ ଥିବ, ତାହା ଓ୍ୱସିୟତକର୍ତ୍ତାଙ୍କୁ କିମ୍ବା ତାଙ୍କ ଉତ୍ତରାଧିକାରୀଙ୍କୁ ଫେରାଇ ଦିଆଯିବ ।

# ଓ୍ୱସିୟତ ବିବରଣୀ-୧

## (ଯେଉଁ ଲୋକମାନଙ୍କର ଜୀବିକା କେବଳ ଆୟ ଉପରେ ହୁଏ, ସେମାନଙ୍କ ପାଇଁ)

ବର୍ତ୍ତମାନ ମୋର କୌଣସି ସମ୍ପତ୍ତି ନାହିଁ । ମାସିକ ଆୟ ଉପରେ ମୋର ଜୀବିକା ନିର୍ଭରଶୀଳ ଅଟେ, ଯାହାକି ବର୍ତ୍ତମାନ ଟ. ................ ପରିମାଣ ଅଟେ ।

ଛାତ୍ରଛାତ୍ରୀ / ଅବିବାହିତ ମହିଳା ଏହା ବଦଳରେ ଏହି ବାକ୍ୟାଂଶ ଲେଖନ୍ତୁ । (ମୋତେ ବର୍ତ୍ତମାନ ମୋ ପିତା / ଅଭିଭାବକଙ୍କ ତରଫରୁ ହାତଖର୍ଚ୍ଚ ଆକାରରେ ଟ. ......... ମିଳୁଛି) । ମୁଁ ଆଜୀବନ ନିଜ ମାସିକ ଆୟର (ଯାହା ବି ହେବ)........... ୧/...... ଭାଗ ସଦର ଅଞ୍ଜୁମନ ଅହମଦୀୟା କାଦିୟାନ, ଭାରତ ପାଣ୍ଠିରେ ଜମା କରୁଥିବି ଏବଂ ଯଦି ଏହାପରେ ମୁଁ କୌଣସି ସମ୍ପତ୍ତି ଅର୍ଜନ କରିବି, ତେବେ ଏହାର ସୂଚନା କାର୍ଯ୍ୟାନ୍ୱୟନ ସମିତିକୁ ଦେଉଥିବି । ଅଧିକନ୍ତୁ ମୋର ମୃତ୍ୟୁ ସମୟରେ ମୋର ଯେଉଁ ପ୍ରକାର ପୈତୃକ ସମ୍ପତ୍ତିରେ ଭାଗ ପ୍ରତିପାଦିତ ହେବ, ତାହାର ୧/..... ଅଂଶର ମାଲିକ ସଦର ଅଞ୍ଜୁମନ ଅହମଦୀୟା କାଦିୟାନ, ଭାରତ ହେବ । ମୋର ଏହି ଓ୍ୱସିୟତନାମା, ଓ୍ୱସିୟତ ଲେଖନ / ମଞ୍ଜୁରି ତାରିଖରୁ ପ୍ରବର୍ତ୍ତନ କରାଯାଉ ।

| **ସାକ୍ଷୀ** | **ବିନୀତ** | **ସାକ୍ଷୀ** |
|---|---|---|
| ବୃଦ୍ଧାଙ୍ଗୁଳି ଟିପ ଚିହ୍ନ ସହିତ ସ୍ୱାକ୍ଷର/ ସଂପୂର୍ଣ୍ଣ ଠିକଣା ସହିତ ଅମୁକ, ପିତା ଅମୁକ/ ତାରିଖ | ଓ୍ୱସିୟତକର୍ତ୍ତାଙ୍କର ବୃଦ୍ଧାଙ୍ଗୁଳି ଟିପ ଚିହ୍ନ ସହିତ ସ୍ୱାକ୍ଷର/ ସଂପୂର୍ଣ୍ଣ ଠିକଣା ସହିତ ଅମୁକ, ପିତା ଅମୁକ ତାରିଖ | ବୃଦ୍ଧାଙ୍ଗୁଳି ଟିପ ଚିହ୍ନ ସହିତ ସ୍ୱାକ୍ଷର/ ସଂପୂର୍ଣ୍ଣ ଠିକଣା ସହିତ ଅମୁକ, ପିତା ଅମୁକ/ ତାରିଖ |

# ଓ୍ୱସିୟତ ବିବରଣୀ-୨

## (ଯେଉଁ ଲୋକମାନଙ୍କର ଜୀବନ ନିର୍ବାହ କେବଳ ସମ୍ପତ୍ତିର ଆୟ ଉପରେ ହୁଏ, ସେମାନଙ୍କ ପାଇଁ ଉଦ୍ଦିଷ୍ଟ)

ମୁଁ ଓ୍ୱସିୟତ କରୁଅଛି କି ମୋ ମୃତ୍ୟୁ ପରେ ମୁଁ ଛାଡି ଯାଇଥିବା ମୋର ସକଳ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର..........ଭାଗର ମାଲିକ ସଦର ଅଞ୍ଜୁମନ ଅହମଦୀୟା କାଦିୟାନ, ଭାରତ ହେବ । ବର୍ତ୍ତମାନ ମୋର ସକଳ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ବିବରଣୀ ନିମ୍ନୋକ୍ତ ପ୍ରକାରେ ଅଛି ଯାହାର ସାଂପ୍ରତିକ ମୂଲ୍ୟ ଦରଜ କରାଯାଇଛି ।

..... ..... ..... ..... ..... ..... ..... .....

..... ..... ..... ..... ..... ..... ..... .....

ଅଧିକନ୍ତୁ ମୋ ସମ୍ପତ୍ତିରୁ ମାସିକ / ବାର୍ଷିକ ଆୟ ମୋଟ ଟ............ଅଟେ । ମୁଁ ଅଙ୍ଗୀକାର କରୁଅଛି କି ସମ୍ପତ୍ତିର ଆୟ ଉପରେ ନିର୍ଦ୍ଧାରିତ **ହିସା ଆମଦ ଚାନ୍ଦା** ଆଜୀବନ ନିୟମାନୁସାରେ ସଦର ଅଞ୍ଜୁମନ ଅହମଦୀୟା କାଦିୟାନ, ଭାରତକୁ ପ୍ରଦାନ କରୁଥିବି । ଅଧିକନ୍ତୁ ସମ୍ପତ୍ତିର ଆୟ ବ୍ୟତିରେକେ ଯଦି ମୁଁ ଅନ୍ୟ କୌଣସି ଆୟ ଅର୍ଜନ କରିବି, ତେବେ ଏହାର ସୂଚନା କାର୍ଯ୍ୟାନ୍ୱୟନ ସମିତିକୁ ଦେଉଥିବି ଏବଂ ଏହାର ୧/....... ଭାଗ ସଦର ଅଞ୍ଜୁମନ ଅହମଦୀୟା କାଦୟାନ, ଭାରତକୁ ପ୍ରଦାନ କରୁଥିବି । ମୋର ଏହି ଓ୍ୱସିୟତ, ଲେଖନ / ମଞ୍ଜୁରି ତାରିଖଠାରୁ ପ୍ରବର୍ତ୍ତନ କରାଯିବ ।

| ସାକ୍ଷୀ | ବିନୀତ | ସାକ୍ଷୀ |
|---|---|---|
| ବୃଦ୍ଧାଙ୍ଗୁଳି ଟିପ ଚିହ୍ନ ସହିତ ସ୍ୱାକ୍ଷର/ ସଂପୂର୍ଣ୍ଣ ଠିକଣା ସହିତ ଅମୁକ, ପିତା ଅମୁକ/ ତାରିଖ | ଓ୍ୱସିୟତକର୍ତ୍ତାଙ୍କର ବୃଦ୍ଧାଙ୍ଗୁଳି ଟିପ ଚିହ୍ନ ସହିତ ସ୍ୱାକ୍ଷର/ ସଂପୂର୍ଣ୍ଣ ଠିକଣା ସହିତ ଅମୁକ, ପିତା ଅମୁକ ତାରିଖ | ବୃଦ୍ଧାଙ୍ଗୁଳି ଟିପ ଚିହ୍ନ ସହିତ ସ୍ୱାକ୍ଷର/ ସଂପୂର୍ଣ୍ଣ ଠିକଣା ସହିତ ଅମୁକ, ପିତା ଅମୁକ/ ତାରିଖ |

**ଟିପ୍ପଣୀ :**

(୧) ଭୂମି ବା ଗୃହ କ୍ଷେତ୍ରରେ ତାହାର ଅବସ୍ଥିତି, କ୍ଷେତ୍ରଫଳ ଓ ଆନୁମାନିକ ମୂଲ୍ୟ ଲେଖିବାକୁ ହେବ ଏବଂ ଯଦି ସେହି ସମ୍ପତ୍ତିରୁ ଆୟ ହେଉଥିବ, ତେବେ ତାହା ନିର୍ଦ୍ଧାରଣ କରାଯାଉ ।

(୨) ମହିଳାମାନଙ୍କର ମହେର (ସ୍ତ୍ରୀଧନ) ସେମାନଙ୍କ ସମ୍ପତ୍ତିର ଅନ୍ତର୍ଗତ ଅଟେ । ଓ୍ୱସିୟତନାମାରେ ସେହି ବିଷୟର ବର୍ଣ୍ଣନା କରାଯିବା ଆବଶ୍ୟକ ଅର୍ଥାତ୍ ତାହାର ପରିମାଣ କେତେ ପ୍ରାପ୍ତି ହୋଇ ସାରିଛି କିମ୍ବା ଅଦ୍ୟାବଧି ସ୍ୱାମୀଙ୍କ ଠାରୁ ପାଇବା ବାକି ଅଛି । ଯଦି ପ୍ରଦାନ ଯୋଗ୍ୟ ଥାଏ, ତେବେ ସ୍ୱାମୀଙ୍କୁ ନିଜ ତରଫରୁ ଏକ ଲେଖା ଓ୍ୱସିୟତନାମା ସହିତ ସଂଲଗ୍ନ କରିବାକୁ ହେବ ଯେ ମହେର ବାବଦକୁ ମୋ ଉପରେ ଏତେ ପରିମାଣ ପ୍ରଦାନଯୋଗ୍ୟ ହୋଇ ରହିଛି । ମୁଁ ତାହାର ଓ୍ୱସିୟତ ପରିମାଣ ସଦର ଅଞ୍ଜୁମନ ଅହମଦୀୟା କାଦିୟାନ, ଭାରତଙ୍କ ପାଣ୍ଠିରେ ଜମା କରିବାକୁ ଦାୟୀ ଅଟେ ।

(୩) ଯେଉଁ ଯେଉଁ ଅଳଙ୍କାର ଓ୍ୱସିୟତନାମାରେ ଦର୍ଶାଯିବ ସେ ସବୁର ବିଶଦ ବିବରଣୀ, ଓଜନ ଓ ସାଂପ୍ରତିକ ମୂଲ୍ୟ ଉଲ୍ଲେଖ କରାଯିବ ।

(୪) ସ୍ୱାମୀଙ୍କର ମାସିକ ଆୟର ବର୍ଣ୍ଣନା କରାଯିବ । ସେ ଓ୍ୱସିୟତକର୍ତ୍ତା ଅଟନ୍ତି କି ନାହିଁ ତାହା ମଧ୍ୟ ଉଲ୍ଲେଖ କରାଯିବ । ଓ୍ୱସିୟତକର୍ତ୍ତା ଥିଲେ ତାଙ୍କ ଓ୍ୱସିୟତ ସଂ.............ବୋଲି ଦର୍ଶାଯିବ ।

# ଓ୍ୱସିୟତ ବିବରଣୀ-୩

## (ଯେଉଁ ଲୋକମାନଙ୍କର ଜୀବନ ନିର୍ବାହ ଉଭୟ ସମ୍ପତ୍ତି ଭିତ୍ତିକ ଆୟ ତଥା ମାସିକ ଆୟ ଉପରେ ହୁଏ, ସେମାନଙ୍କ ପାଇଁ ଉଦ୍ଦିଷ୍ଟ)

ମୁଁ ଓ୍ୱସିୟତ କରୁଅଛି କି ମୋ ମୃତ୍ୟୁ ପରେ ମୁଁ ଛାଡି ଯାଇଥିବା ମୋର ସକଳ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର.........ଭାଗର ମାଲିକ ସଦର ଅଞ୍ଜୁମନ ଅହମଦୀୟା କାଦିୟାନ, ଭାରତ ହେବ । ବର୍ତ୍ତମାନ ମୋର ସକଳ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ବିଶଦ ବିବରଣୀ ନିମ୍ନରେ ଦର୍ଶାଯାଇଛି । ତାହାର ସାଂପ୍ରତିକ ମୂଲ୍ୟ ମଧ୍ଯ ଉଲ୍ଲେଖ କରାଯାଇଛି ।

..... ..... ..... ..... ..... ..... ..... .....

..... ..... ..... ..... ..... ..... ..... .....

ମୋର ଜୀବିକା ନିର୍ବାହ ନିଜ ସମ୍ପତ୍ତିର ଆୟ ତଥା ମାସିକ ଆୟ ଉପରେ ନିର୍ଭରଶୀଳ ଅଟେ ।

(୧) ସମ୍ପତ୍ତିର ବାର୍ଷିକ ଆୟର ମୋଟ ପରିମାଣ ଟ. .......... ଅଟେ ।

(୨) ମାସିକ / ବାର୍ଷିକ ଆୟ ମୋଟ ଟ. ................ ଯାହା ଚାକିରି / ବ୍ୟବସାୟ ଆଦିରୁ ମିଳୁଛି ।

ମୁଁ ଅଙ୍ଗୀକାର କରୁଅଛି କି ମୋ ଜୀବଦ୍ଦଶା ପର୍ଯ୍ୟନ୍ତ ସମ୍ପତ୍ତିର ଆୟ ଉପରେ ନିର୍ଦ୍ଧାରିତ ସାଧାରଣ ଚାନ୍ଦା (ଚାନ୍ଦା ଆମ୍) ୧/୧୬ ଓ ମାସିକ ଆୟ ଉପରେ ୧/....... ଭାଗ ଆଜୀବନ ନିୟମାନୁସାରେ ସଦର ଅଞ୍ଜୁମନ ଅହମଦିୟା, ଭାରତକୁ ପ୍ରଦାନ କରୁଥିବି । ମୋର ଏହି ଓ୍ୱସିୟତ, ଲେଖନ / ମଞ୍ଜୁରି ତାରିଖଠାରୁ ପ୍ରବର୍ତ୍ତନ କରାଯିବ ।

| ସାକ୍ଷୀ | ବିନୀତ | ସାକ୍ଷୀ |
|---|---|---|
| ବୃଦ୍ଧାଙ୍ଗୁଳି ଟିପ ଚିହ୍ନ ସହିତ ସ୍ୱାକ୍ଷର/ | ଓ୍ୱସିୟତକର୍ତ୍ତାଙ୍କର ବୃଦ୍ଧାଙ୍ଗୁଳି ଟିପ ଚିହ୍ନ ସହିତ ସ୍ୱାକ୍ଷର/ | ବୃଦ୍ଧାଙ୍ଗୁଳି ଟିପ ଚିହ୍ନ ସହିତ ସ୍ୱାକ୍ଷର/ |

| | | |
|---|---|---|
| ସଂପୂର୍ଣ୍ଣ ଠିକଣା ସହିତ | ସଂପୂର୍ଣ୍ଣ ଠିକଣା ସହିତ | ସଂପୂର୍ଣ୍ଣ ଠିକଣା ସହିତ |
| ଅମୁକ, ପିତା ଅମୁକ/ | ଅମୁକ, ପିତା ଅମୁକ | ଅମୁକ, ପିତା ଅମୁକ/ |
| ତାରିଖ | ତାରିଖ | ତାରିଖ |

**ଟିପ୍ପଣୀ :** ଏହି ଓ୍ୱସିୟତରେ ମଧ୍ୟ ଉପରୋକ୍ତ ଚାରିଗୋଟି ଟିପ୍ପଣୀକୁ ଧ୍ୟାନ ଦିଆଯାଉ । ଯାହା ଓ୍ୱସିୟତ ବିବରଣୀ ୨ ରେ ଲିପିବଦ୍ଧ ହୋଇଛି ।

# ପ୍ରଥମ ସର୍ତ୍ତାଧୀନ ଚାନ୍ଦା ଓ ୱ୍‌ସିୟତର ଘୋଷଣା

ପ୍ରଥମ ସର୍ତ୍ତାଧୀନ ଚାନ୍ଦା (ଚନ୍ଦା ସର୍ତ୍ତେ ଅୱ୍ୱଲ) ଓ ୱ୍‌ସିୟତର ଘୋଷଣା (ଚନ୍ଦା ଏଲାନେ ୱ୍‌ସିୟତ) ପ୍ରତ୍ୟେକ ନୂତନ ୱ୍‌ସିୟତ ସହିତ ୱ୍‌ସିୟତକର୍ତ୍ତାଙ୍କ ଠାରୁ ନିଆଯାଏ । ଏହାର ଆଦାୟ ସଦର ଅଞ୍ଜୁମନ ଅହମଦୀୟାଙ୍କ ଅର୍ଥକୋଷରେ ପଇଠ କରିବା କାର୍ଯ୍ୟ ୱ୍‌ସିୟତ ଦାଖଲ କରିବା ସଙ୍ଗେ ସଙ୍ଗେ ତୁରନ୍ତ କାର୍ଯ୍ୟକାରୀ ହେବା ଅନିବାର୍ଯ୍ୟ ଅଟେ । ପ୍ରତ୍ୟେକ ୱ୍‌ସିୟତର ପୂର୍ତ୍ତି ସକାଶେ ସେହି ଚାନ୍ଦାର ଆଦାୟ ମଧ୍ୟ ଏକ ଅତ୍ୟାବଶ୍ୟକ ବିଷୟ । ଏହି ଚାନ୍ଦା ଆଦାୟ ନ ହେଲେ କୌଣସି ୱ୍‌ସିୟତ ସଂପୂର୍ଣ୍ଣ ହେବ ନାହିଁ ଓ ଏହାର ମଞ୍ଜୁରି ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ନାହିଁ । ଏଣୁ ୱ୍‌ସିୟତ ସମୂହର ସେକ୍ରେଟାରୀଙ୍କୁ ନିବେଦନ କରାଯାଉଛି କି ପ୍ରତ୍ୟେକ ୱ୍‌ସିୟତ ସଙ୍ଗରେ ଆଲୋଚ୍ୟ ଉଭୟ ଚାନ୍ଦାକୁ ତୁରନ୍ତ ଆଦାୟ କରି ବିତ୍ତୀୟ ସେକ୍ରେଟାରୀ (ସେକ୍ରେଟାରୀ ମାଲ)ଙ୍କ ଜିମା ଦେଇ ଦିଅନ୍ତୁ । ସେହିପରି ବିତ୍ତୀୟ ସେକ୍ରେଟାରୀଙ୍କୁ ଅନୁରୋଧ କରାଯାଉଅଛି କି ସେ ଏହି ଚାନ୍ଦାଗୁଡ଼ିକୁ ଯଥାସମ୍ଭବ ଅବିଳମ୍ବେ ସଦର ଅଞ୍ଜୁମନ ଅହମଦୀୟା ପାଣ୍ଠିରେ ଜମା କରି ଦିଅନ୍ତୁ । ଏପରି ନ ହେଉ ଯେ ୱ୍‌ସିୟତକର୍ତ୍ତାଙ୍କ ଠାରୁ ଚନ୍ଦା ଆଦାୟ ହୋଇ ନଥିବା ପୂର୍ବରୁ ତାଙ୍କ ୱ୍‌ସିୟତ କାର୍ଯ୍ୟାଳୟରେ ପ୍ରାପ୍ତ ହୋଇ ସାରିଥିବ ଅଥବା ୱ୍‌ସିୟତ ରାଶିଟି ଆଦାୟ ହୋଇ ସାରିଥିଲେ ମଧ୍ୟ ସେକ୍ରେଟାରୀମାନଙ୍କ ଅହେତୁକ ବିଳମ୍ବ ଯୋଗୁଁ ତାହାକୁ ସଦର ଅଞ୍ଜୁମନର ଖଜଣା ଖାନା (ମୁଦ୍ରାକୋଷ)ରେ ଜମା କରାଯାଇ ନ ଥିବ । ଯଦି କୌଣସି ୱ୍‌ସିୟତକର୍ତ୍ତା ନିଜ ୱ୍‌ସିୟତ ସାଙ୍ଗରେ ଆଲୋଚ୍ୟ ଉଭୟ ଚନ୍ଦା ପ୍ରଦାନ ନ କରନ୍ତି, ତେବେ ଏପରି ୱ୍‌ସିୟତନାମା କାର୍ଯ୍ୟାଳୟକୁ ପ୍ରେରଣ କରିବାରେ କିଛି ଲାଭ ନାହିଁ । କାରଣ ତା' ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ନାହିଁ ।

ପ୍ରକାଶ ଥାଉକି ୱ୍‌ସିୟତ ଘୋଷଣା ବିଷୟକ ଚାନ୍ଦା ପରିସ୍ଥିତି ଅନୁସାରେ ପରିବର୍ତ୍ତନ କରାଯାଉଥିବ ।

ପ୍ରଥମ ସର୍ତ୍ତାଧୀନ ଚାନ୍ଦା ସମ୍ପର୍କରେ ଓ୍ୱସିୟତ ଓ ବିତ୍ତୀୟ ସେକ୍ରେଟାରୀମାନଙ୍କୁ ନିମ୍ନୋକ୍ତ ବିଷୟ ସର୍ବଦା ସ୍ମରଣ ରଖିବାକୁ ହେବ । **'ଅଲ୍ ଓ୍ୱସିୟତ' ପୁସ୍ତିକାରେ ହଜରତ୍ ମସିହ୍ ମଉଦ**[ଅସ] **ଏଥି ସଂକ୍ରାନ୍ତୀୟ ହାର (ଶରାହ୍) ଧାର୍ଯ୍ୟ କରି ନାହାନ୍ତି । ବରଂ ଓ୍ୱସିୟତକର୍ତ୍ତାଙ୍କ ଉପରେ ଏହି ଚାନ୍ଦାର ପ୍ରଦାନକୁ 'ସାଧ୍ୟାନୁସାରେ' ବୋଲି ସ୍ଥିର କରିଛନ୍ତି ।** ତଦ୍ୱାରା ଏହି ଧନରାଶି ଦ୍ୱାରା ସୁରକ୍ଷା ଓ ସୌନ୍ଦର୍ଯ୍ୟ ବୃଦ୍ଧି କାର୍ଯ୍ୟର ଆବଶ୍ୟକତାଗୁଡିକୁ ସଂପୂର୍ଣ୍ଣ କରାଯାଇ ପାରିବ । କିନ୍ତୁ ଏଥିରେ ଆଦୌ ଏହି ଉଦ୍ଦେଶ୍ୟ ନିହିତ ନାହିଁ ଯେ ଉଦାହରଣ ସ୍ୱରୂପ ଗୋଟିଏ ଓ୍ୱସିୟତନାମାରେ ମାସିକ ଆୟ ପାଞ୍ଚ ଶହ ବା ଏକ ହଜାର ଟଙ୍କା ଦର୍ଶାଯାଇଛି, ଅଥଚ ଓ୍ୱସିୟତକର୍ତ୍ତା ପ୍ରଥମ ସର୍ତ୍ତାଧୀନ ଚାନ୍ଦା ବାବଦକୁ ମାତ୍ର ଦୁଇ ତିନି ଟଙ୍କା ପ୍ରଦାନ କରି ସନ୍ତୁଷ୍ଟ ହୋଇ ଯାଉଛନ୍ତି । ହଜରତ୍ ମସିହ୍ ମଉଦ[ଅସ]ଙ୍କ ବର୍ଣ୍ଣିତ 'ସାଧ୍ୟାନୁସାରେ' ପଦର ଅଭିପ୍ରାୟ ଓ ତାତ୍ପର୍ଯ୍ୟ ତାହା ନୁହେଁ କିମ୍ବା ଏଭଳି କ୍ଷୁଦ୍ର କ୍ଷୁଦ୍ର ପରିମାଣକୁ ନେଇ ବେହିସ୍ତି ମକବରାର ଉଦ୍ଦେଶ୍ୟ ସାଧିତ ହୋଇପାରିବ । ବରଂ ଓ୍ୱସିୟତକର୍ତ୍ତାଙ୍କୁ ନିଜର ମାସିକ ଆୟ ଓ ନିଜ ସମ୍ପତ୍ତିର ସ୍ଥିତି ଓ ମୂଲ୍ୟକୁ ତଥା ବେହିସ୍ତି ମକବରାର ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି ପ୍ରଥମ ସର୍ତ୍ତାଧୀନ ଚାନ୍ଦା ପ୍ରଦାନ କରିବା ଉଚିତ ।

ବିତ୍ତୀୟ ସେକ୍ରେଟାରୀ ଓ ଓ୍ୱସିୟତ ସମୂହର ସେକ୍ରେଟାରୀଙ୍କୁ ମଧ୍ୟ ଉପରେ ବର୍ଣ୍ଣିତ ବିଷୟଗୁଡିକୁ ଦୃଷ୍ଟିରେ ରଖି ଏପରି ଚାନ୍ଦା ଆଦାୟ କରିବାକୁ ହେବ । ଯେଉଁ ଚାନ୍ଦାକୁ ପ୍ରତି ମାସରେ ବା ପ୍ରତି ବର୍ଷରେ ପ୍ରଦାନ କରାଯାଏ, ତାହା ସେପରି ସ୍ଥାୟୀ ଚାନ୍ଦା ନୁହେଁ । ବରଂ ଆଲୋଚ୍ୟ ଚାନ୍ଦା ଓ୍ୱସିୟତ ସଙ୍ଗରେ ଥରେ ମାତ୍ର ପ୍ରଦାନ କରିବାକୁ ହୁଏ । ଏଣୁ ପ୍ରତ୍ୟେକ ଓ୍ୱସିୟତକର୍ତ୍ତାଙ୍କୁ ପ୍ରଥମ ସର୍ତ୍ତାଧୀନ ଚାନ୍ଦା ପ୍ରଦାନ କଲାବେଳେ ଏ ବିଷୟକୁ ଧ୍ୟାନରେ ରଖିବା ଉଚିତ ହେବ ଯେ **କ'ଣ ସେ ପ୍ରଦାନ କରିଥିବା ପରିମାଣକୁ ନିଜ 'ସାଧ୍ୟାନୁସାରେ' ପ୍ରଦାନ କରୁଛନ୍ତି ତ ? ପୁନଶ୍ଚ କ'ଣ ତାଙ୍କ ବିବେକ ଏ ବିଷୟରେ ସନ୍ତୋଷ ଲାଭ କରିଛି ଯେ ସେ ନିଜ 'ସାଧ୍ୟାନୁସାରେ' ଏହି ଚାନ୍ଦା ପ୍ରଦାନ କରିବାରେ କିଛି କମ୍ କରି ନାହାନ୍ତି ତ ?**

ସେକ୍ରେଟାରୀ, କାର୍ଯ୍ୟନିର୍ବାହ ସମିତି

# ଅହମଦୀୟା ସଂପ୍ରଦାୟରେ ଦୀକ୍ଷା ଗହଣ କରିବା ପାଇଁ ସର୍ତ୍ତାବଳୀ

## ପ୍ରଚାର କାର୍ଯ୍ୟ ପରିଚାଳନା ସମ୍ପର୍କିତ ବିଜ୍ଞାପନ

## ୧୨ ଜାନୁଆରୀ ୧୮୮୯

## ଲେଖା : ହଜରତ୍ ମସିହ ମଉଦ[ଅସ]

**ପ୍ରଥମ:** ଦୀକ୍ଷାଗ୍ରହଣକାରୀ ସତ୍ ହୃଦୟରେ ଏହି ବିଷୟରେ ପ୍ରତିଜ୍ଞା କରିବେ ଯେ ସେ ଭବିଷ୍ୟତରେ କବରରେ ପ୍ରବିଷ୍ଟ ହେବା ପର୍ଯ୍ୟନ୍ତ ବହୁ ଈଶ୍ୱରବାଦ ଠାରୁ ଦୂରେଇ ରହିବେ ।

**ଦ୍ୱିତୀୟ:** ମିଥ୍ୟା, ବ୍ୟଭିଚାର ଓ ବଦ୍‌ନଜର ତଥା ପ୍ରତ୍ୟେକ ପ୍ରକାର ଅପବିତ୍ର କାର୍ଯ୍ୟ, ପାପାଚାର ଓ ଅତ୍ୟାଚାର, ଅର୍ଥ ତୋଷାରପାତ, ଉତ୍ପାତ ଓ ବିଦ୍ରୋହାତ୍ମକ ପନ୍ଥାରୁ ନିଜକୁ ସୁରକ୍ଷିତ କରି ରଖିବେ । ପୁନଶ୍ଚ ଇନ୍ଦ୍ରିୟାସକ୍ତ ଉତ୍ତେଜନା ସମୟରେ ଯେ କୌଣସି ପ୍ରକାର ଆବେଗ ଦେଖା ଦେଲେ ମଧ୍ୟ ତାହାର ବଶବର୍ତ୍ତୀ ହେବେ ନାହିଁ ।

**ତୃତୀୟ:** ଅଲ୍ଲାଃତାଲା ଓ ତାହାଙ୍କ ରସୁଲଙ୍କ ଆଦେଶାନୁସାରେ ନିୟମିତ ଭାବରେ ନିର୍ଦ୍ଦିଷ୍ଟ ପାଞ୍ଚ ଥର ନମାଜ ପାଠ କରୁଥିବେ । ପୁନଶ୍ଚ ସର୍ବୋତ୍ତମ ସାମର୍ଥ୍ୟ ମୁତାବକ ତହଜୁଦ୍ (ମଧ୍ୟ ରାତ୍ରି ପରବର୍ତ୍ତୀ ସମୟରେ) ନମାଜ ପାଠ କରିବାରେ ଓ ହଜରତ ମୁହମ୍ମଦ[ସଅ]ଙ୍କ ପ୍ରତି ଦରୁଦ (କଲ୍ୟାଣ କାମନାକାରୀ ପ୍ରାର୍ଥନା) ପ୍ରେରଣ କରିବାରେ ନିରନ୍ତରତା ଅବଲମ୍ବନ କରିବେ । ଅଧିକନ୍ତୁ ଆନ୍ତରିକ ପ୍ରେମପୂର୍ବକ ଅଲ୍ଲାଃତାଲାଙ୍କ ବିଭିନ୍ନ କୃପାକୁ ସ୍ମରଣ କରି ତାହାଙ୍କ ସ୍ତୁତିଗାନ ଓ ପ୍ରଶଂସାକୁ ନିଜର ଦୈନନ୍ଦିନ ଅଭ୍ୟାସରେ ପରିଣତ କରିବେ ।

**ଚତୁର୍ଥ:** ସାଧାରଣ ଭାବରେ ଜନସାଧାରଣଙ୍କୁ ଓ ସ୍ୱତନ୍ତ୍ର ଭାବରେ ମୁସଲମାନମାନଙ୍କୁ ଆପଣା ଇନ୍ଦ୍ରିୟାସକ୍ତ ଉତ୍ତେଜନା ଦ୍ୱାରା ମୁଖରେ, ହାତରେ ବା ଅନ୍ୟ କୌଣସି ପ୍ରକାରେ କୌଣସି ରୀତିରେ ଅଯଥା ଦୁଃଖ ଦେବେ ନାହିଁ ।

**ପଞ୍ଚମ:** ଦୁଃଖ ହେଉ କି ସୁଖ, ପ୍ରାଚୁର୍ଯ୍ୟ ହେଉ କି ନିଅଣ୍ଟ, ସୌଭାଗ୍ୟ ହେଉ କି ଦୁର୍ଭାଗ୍ୟ, ପ୍ରତ୍ୟେକ ପରିସ୍ଥିତିରେ ଅଲ୍ଲାଃତାଲାଙ୍କ ସହିତ ବିଶ୍ୱସ୍ତତା ଅବଲମ୍ବନ କରିବେ । ପ୍ରତ୍ୟେକ ପରିସ୍ଥିତିରେ ଅଲ୍ଲାଃଙ୍କ ଇଚ୍ଛାକୁ ସ୍ୱାଗତ କରିବେ । ପ୍ରତ୍ୟେକ ପ୍ରକାର ଅପମାନ ଓ ଦୁଃଖକୁ ସ୍ୱୀକାର କରିବା ପାଇଁ ତାହାଙ୍କ ପଥରେ ପ୍ରସ୍ତୁତ ହୋଇ ରହିବେ । କୌଣସି ବିପତ୍ତିର ଆଗମନ ହେଲେ ପଛଘୁଞ୍ଚା ଦେବେ ନାହିଁ, ବରଂ ଆଗେଇ ଚାଲିବେ ।

**ଷଷ୍ଠ:** କୁପ୍ରଥାର ଅନୁବର୍ତ୍ତୀ ହେବାରେ ଓ କାମନାର ଅନୁସରଣ କରିବାରେ ନିଜକୁ ନିବୃତ୍ତ କରିବେ । ପବିତ୍ର କୁରଆନ୍‌ର ଆଧିପତ୍ୟକୁ ସଂପୂର୍ଣ୍ଣ ଭାବରେ ନତ ମସ୍ତକ ହୋଇ ସ୍ୱୀକାର କରିବେ । ଅଲ୍ଲାଃତାଲାଙ୍କ କଥନ ଓ ରସୁଲଙ୍କ କଥନକୁ ନିଜର ପ୍ରତ୍ୟେକ ପଥରେ କାର୍ଯ୍ୟ ସାଧନର ପ୍ରଣାଳୀ ବୋଲି ସ୍ଥିର କରିବେ ।

**ସପ୍ତମ:** ସଂପୂର୍ଣ୍ଣ ରୂପେ ଗର୍ବ ଓ ଅହଂକାରକୁ ପରିତ୍ୟାଗ କରିବା ସହିତ ଦୀନହୀନତା, ବିନମ୍ରତା, ସଚ୍ଚରିତ୍ରତା, ସହନଶୀଳତା ଓ ଅଭାବଗ୍ରସ୍ତ ଭିତରେ ଜୀବନଯାପନ କରିବେ ।

**ଅଷ୍ଟମ:** ଧର୍ମ, ଧର୍ମର ମର୍ଯ୍ୟାଦା ଓ ଇସ୍‌ଲାମ ପ୍ରତି ସହାନୁଭୂତିକୁ ନିଜ ଜୀବନ, ନିଜ ଧନ, ନିଜ ସମ୍ମାନ, ନିଜ ସନ୍ତାନ ଓ ନିଜର ପ୍ରତ୍ୟେକ ପ୍ରିୟ ବ୍ୟକ୍ତିଠାରୁ ଅଧିକ ପ୍ରିୟ ମନେ କରିବେ ।

**ନବମ:** କେବଳ ଅଲ୍ଲାଃଙ୍କ ସକାଶେ ଜନସାଧାରଣଙ୍କ ପ୍ରତି ସହାନୁଭୂତିଶୀଳ ହେବାରେ ମଗ୍ନ ରହିବେ ଏବଂ ଯେତେଦୂର ସମ୍ଭବ ଅଲ୍ଲାଃଙ୍କ ପ୍ରଦତ୍ତ ଶକ୍ତି ଓ ଆଶୀର୍ବାଦ ଦ୍ୱାରା ଜନସାଧାରଣଙ୍କ ହିତ ସାଧନରେ ବ୍ରତ ହେବେ ।

**ଦଶମ:** କେବଳ ଅଲ୍ଲାଃଙ୍କ ସକାଶେ ଏହି ବିନୟାବନତ ବ୍ୟକ୍ତି ସହିତ ମୃତ୍ୟୁ ପର୍ଯ୍ୟନ୍ତ ଭ୍ରାତୃତ୍ୱ ବନ୍ଧନରେ ଆବଦ୍ଧ ରହିବେ । ଏହି ଭ୍ରାତୃତ୍ୱ ବନ୍ଧନ ଏପରି ଉଚ୍ଚକୋଟୀର ହେବ ଯେ ତାହାର ଦୃଷ୍ଟାନ୍ତ ସମଗ୍ର ସାଂସାରିକ ସମ୍ବନ୍ଧ ଓ ସମ୍ପର୍କ ତଥା ସକଳ ଭୃତ୍ୟ ସୁଲଭ ସେବାମୂଳକ ସ୍ଥିତିରେ ମଧ୍ୟ ଦୃଷ୍ଟିଗୋଚର ହେଉ ନଥିବ ।